


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୧୦୩ ● ୧୨ ମଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-103 ● 12th May 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୩ ସେନାମୁଖ୍ୟ, ଅଜିତ ଡୋଭାଲଙ୍କ ସହ ମୋଦୀଙ୍କ ବୈଠକ

# ପାକିସ୍ତାନ ଆଉ କୌଣସି ଦୁଃସାହସ କଲେ ଭାରତର ଜବାବ ଭୟଙ୍କର ହେବ



**ନୂଆଦିଲ୍ଲୀ, ୧୧/୫**

ଭାରତ-ପାକିସ୍ତାନ ପାଇଁ ଏବେ ଯୁଦ୍ଧ ବିରାମ ଥିବାବେଳେ ଆମେରିକୀୟ ସମ୍ବାଦପତ୍ର ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ହୋଇଛି ପିଏମ୍ ମୋଦିଙ୍କ ବଡ଼ ବୟାନ ଆସିଛି। ରିପୋର୍ଟ ଅନୁସାରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସଙ୍କ ସହ ଆଲୋଚନାବେଳେ ଭାରତର ପ୍ରଧାନମନ୍ତ୍ରୀ ଦେଇଛନ୍ତି କଡ଼ା ବାର୍ତ୍ତା। ପାକିସ୍ତାନ ଆଉ କୌଣସି ହରକତ କଲେ ଭାରତର ଜବାବ ଭୟଙ୍କର ହେବ। ଏଥିପାଇଁ ଭାରତୀୟ ସେନାକୁ ଦିଆଯାଇଛି କଡ଼ା ନିର୍ଦ୍ଦେଶ। ସେପଟୁ ଗୁଳିଫୁଟିଲେ ଏପଟୁ ଗୋଳା ବର୍ଷିବ। ଅପରେସନ ସିନ୍ଦୁର ଶେଷ ହୋଇନାହିଁ । ପିଏମ୍ ମୋଦି ଆହୁରି କହିଛନ୍ତି, ଭାରତ-ପାକିସ୍ତାନର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। ଦୁଇ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବି କିଛି କଥାବାର୍ତ୍ତା ହୋଇନାହିଁ। କେବଳ ଉଭୟ ଦେଶର ମିଲିଟାରୀ ଅପରେସନ ଡିଜିଙ୍କ ଭିତରେ କଥାବାର୍ତ୍ତା ହୋଇଛି। ପାକିସ୍ତାନୀ ଏୟାରବେସ୍ ଉପରେ ଭାରତର ଆକ୍ରମଣ ପାକିସ୍ତାନର ଅସ୍ତ୍ରବିରତି ନିଷ୍ପତ୍ତି ପଛର ଟର୍ଣ୍ଣିଂପଏଣ୍ଟ ଥିଲା। ପୁଣି କଶ୍ମୀର ପ୍ରସଙ୍ଗରେ ପିଏମ୍ ମୋଦି ମଧ୍ୟ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। କଶ୍ମୀର ବା ଅନ୍ୟ କୌଣସି ପ୍ରସଙ୍ଗରେ ପାକିସ୍ତାନ ସହ କୌଣସି ଆଲୋଚନା ହେବ ନାହିଁ। କେବଳ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରିବା ଏବଂ ଭାରତକୁ ପିଓକେ ଫେରାଇବା ପ୍ରସଙ୍ଗରେ ହିଁ କଥାବାର୍ତ୍ତା ହେବ। ପୁଣି ପାକିସ୍ତାନ ସହ ଆଲୋଚନାରେ ଭାରତ କାହାରି ମଧ୍ୟସ୍ଥତା ଚାହୁଁନଥିବା ସ୍ପଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ଏପଟେ ଅପରେସନ ସିନ୍ଦୂର' ନେଇ ରବିବାର ବଡ଼ ସୂଚନା ଦେଇଛି ଭାରତୀୟ ବାୟୁସେନା। ସୋସିଆଲ୍ ମିଡିଆରେ ଉଲ୍ଲେଖ କରାଯାଇଛି ଅପରେସନ ସିନ୍ଦୂର ସଫଳ ହୋଇଛି । ଅପରେସନ ସିନ୍ଦୂରର ଲକ୍ଷ୍ୟ ହାସଲ ହୋଇଛି । ରାଷ୍ଟ୍ରୀୟ ଲକ୍ଷ୍ୟ ଅନୁସାରେ ଅପରେସନ କରାଯାଇଛି । ସଠିକ୍ ଓ ପେଷାଦାର ଭାବେ କାମ ସମ୍ପୂର୍ଣ୍ଣ କରାଯାଇଛି । ଏବେ ବି 'ଅପରେସନ ସିନ୍ଦୂର' ଜାରି ରହିଛି । ଅପରେସନ ବାବଦରେ ଠିକ୍ ସମୟରେ ସୂଚନା ଦିଆଯିବ ।

ସେପଟେ ଅସ୍ତ୍ରବିରତି ପରେ ପରବର୍ତ୍ତୀ ରଣନୀତି ନେଇ ରବିବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ହୋଇଛି । ୩ ସେନା ମୁଖ୍ୟ, ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ସିଡିଏସ୍ ଅନୀଲ ଚୌହାନଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି ପିଏମ୍ ମୋଦି। *(ପୃଷ୍ଠା ୭ରେ)*

# ସେନାବାହିନୀକୁ ଦୃଢ଼ ସମର୍ଥନ କରିବାକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର, ୧୧/୫**
**ନ୍ୟୁଜ ବ୍ୟୁରୋ**

'ଆତଙ୍କବାଦର କୌଣସି ଧର୍ମ ନାହିଁ । ହିଂସାର କୌଣସି ଶାସ୍ତ୍ର ନାହିଁ ।' ଏହା କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି । ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟପାଳ ଏହା କହିଛନ୍ତି । ସେହିପରି ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଜଣାଇଛନ୍ତି । ପହଲଗାମରେ ଘଟିଛି ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା । ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ରାଜଭବନରେ ଅନୁଷ୍ଠିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ସାମିଲ ହୋଇଛନ୍ତି । ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି । ରାଜ୍ୟପାଳ କହିଛନ୍ତି, 'ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ।' ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି, 'ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ ଆକ୍ରମଣ କରାଯାଇଛି । ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ। ଏହା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପ୍ରାର୍ଥନା କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ପାଇଁ ଜାତୀୟ ପତାକା ଉଡ଼ାଇବାକୁ ସେ କହିଛନ୍ତି ।'

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱାସ, ଭାଷା ଏବଂ ରୀତିରେ ବିବିଧତା ଥିଲେ ମଧ୍ୟ ଆମର ରାଷ୍ଟ୍ର ଏବଂ ଏହାର ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଆମେ ଏକତାବଦ୍ଧ । ସାଧାରଣ ନାଗରିକ ଏବଂ ସୈନିକ ସମେତ ପୀଡ଼ିତ ପରିବାରଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି । ଭାରତ କେବେ ଆତଙ୍କବାଦ ଆଗରେ ମୁଣ୍ଡ ନୂଆଇଁବ ନାହିଁ। ଆମର ଶକ୍ତି, ଆମର *(ପୃଷ୍ଠା ୭ରେ)*

## ପଞ୍ଜାବରୁ ଧରାପଡିଲେ ୨ ପାକିସ୍ତାନୀ ଗୁପ୍ତଚର

**ଚଣ୍ଡିଗଡ, ୧୧/୦୫**

ପଞ୍ଜାବ ପୋଲିସ ରାଜ୍ୟର ମଲେରକୋଟଲାରୁ ଦୁଇ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରିଛି । ପାକିସ୍ତାନୀ ଉଚ୍ଚାୟୋଗ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ସେନା ସହିତ ଜଡିତ ଗୋପନୀୟ ତଥ୍ୟ ପ୍ରଦାନ କରିବାର ଅଭିଯୋଗ ଏମାନଙ୍କ ଉପରେ ରହିଛି । ଏହା ବଦଳରେ ସେମାନଙ୍କୁ ଅନଲାଇନ ପେମେଣ୍ଟ ମିଳୁଥିଲା । ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ ରବିବାର କହିଛନ୍ତି ଯେ, ଏକ ସୂଚନା ଆଧାରରେ ମଲେରକୋଟଲାରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି, ଯାହାକୁ ପଚରାଉଚରା ସମୟରେ ସେ ନିଜ ସହଯୋଗୀ ସମ୍ପର୍କରେ କହିଥିଲା । ପୋଲିସ ଉଭୟଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ କରିଛି ।

# 'ଅପରେସନ୍ ସିନ୍ଦୂର'ରେ ୫ ବୀର ଯବାନଙ୍କୁ ହରାଇଛି ଭାରତ: ଡିଜିଏମଓ

**ନୂଆଦିଲ୍ଲୀ, ୧୧/୫**

ରବିବାର ଆୟୋଜିତ ଡିଜିଏମଓଙ୍କ ସାମ୍ବାଦିକ ସମ୍ମିଳନୀରେ ଅପରେସନ 'ସିନ୍ଦୂର'ରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଆକ୍ରମଣର ଫଟୋ ଏବଂ ଭିଡିଓ ପ୍ରଦର୍ଶନ କରି ତଥ୍ୟପ୍ରମାଣ ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଅପରେସନ 'ସିନ୍ଦୂର' ଆରମ୍ଭ କରାଯିବା ପୂର୍ବରୁ ଆମେ ନିଜକୁ ପ୍ରଥମେ ପ୍ରସ୍ତୁତ କରିଥିଲୁ। ସେଥିପାଇଁ ପାକିସ୍ତାନର ଆକ୍ରମଣରେ ଭାରତର କିଛି କ୍ଷତି ହୋଇନାହିଁ ବୋଲି କହିଛନ୍ତି ଡିଜିଏମଓ ରାଜୀବ ଘାଇ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ଅପରେସନ 'ସିନ୍ଦୂର' ଆରମ୍ଭ ହୋଇଛି। ତେଣୁ ଆତଙ୍କବାଦୀଙ୍କୁ ନିପାତ କରିବା ଆମର ଲକ୍ଷ୍ୟ ଥିଲା। ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ଥିବା ବହୁ ଆତଙ୍କବାଦୀ ଆଡ୍ଡାକୁ ଚିହ୍ନଟ କରାଯାଇଥିଲା।




କିନ୍ତୁ ସେଥିରୁ ଅଧିକାଂଶ ଆଡ୍ଡାରେ ଆତଙ୍କୀ ନ ଥିଲେ। ସେମାନେ ଆତ୍ମଗୋପନ କରିଥିଲେ। ବିଶେଷ ସୂଚନା ଆଧାରରେ ୯ଟି ଆଡ୍ଡାକୁ ଚିହ୍ନଟ କରି ତାହାକୁ ଧ୍ୱଂସ କରାଯାଇଥିଲା।

ପାକିସ୍ତାନର ଆକ୍ରମଣରେ ଭାରତର କୌଣସି କ୍ଷତି ହୋଇନାହିଁ। ପାକିସ୍ତାନର ସମସ୍ତ ଡ୍ରୋନକୁ ଖସାଇ ଦିଆଯାଇଛି। କ୍ଷେପଣାସ୍ତ୍ରଗୁଡ଼ିକୁ ଆକାଶରେ ଧ୍ୱଂସ କରିଦିଆଯାଇଛି। ଆମେ ପୂର୍ବରୁ ପ୍ରସ୍ତୁତ ଥିଲୁ। ସେଥିପାଇଁ ପାକିସ୍ତାନ ଆମର କିଛି କ୍ଷତି କରିପାରି ନାହିଁ ବୋଲି *(ପୃଷ୍ଠା ୭ରେ)*

# 'ଅପରେସନ୍ ସିନ୍ଦୂର' ଭାରତର ରାଜନୈତିକ, ସାମାଜିକ ଓ ସାମରିକ ଶକ୍ତିର ପ୍ରତୀକ : ପ୍ରତିରକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ, ୧୧/୦୫**

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଡିଫେନ୍ସ କରିଡରରେ ବ୍ରହ୍ମୋସ ଏରୋସ୍ପେସ ଇଣ୍ଟିଗ୍ରେସନ ଆଣ୍ଡ ଟେଷ୍ଟିଂ ଫ୍ୟାସିଲିଟିର ଶୁଭାରମ୍ଭ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଭିସି ଜରିଆରେ କରିଛନ୍ତି । ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ୧୧ ମଇ ୧୯୯୮ରେ ପୋଖରଣରେ ହୋଇଥିବା ପରମାଣୁ ପରୀକ୍ଷାକୁ ସ୍ମରଣ କରି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, "ଆଜିଠାରୁ ୨୭ ବର୍ଷ ପୂର୍ବେ ପୋଖରଣରୁ ଯେଉଁ ଆତ୍ମବିଶ୍ୱାସ ଆରମ୍ଭ ହୋଇଥିଲା ସେହି ଆତ୍ମବିଶ୍ୱାସ ଆଜି ଲକ୍ଷ୍ନୌରେ ବ୍ରହ୍ମୋସ୍ ଏରୋସ୍ପେସ ଏକିକୃତ ପରୀକ୍ଷଣ ସୁବିଧାର ଉଦ୍‌ଘାଟନ ସହିତ ଆଉ ଅଧିକ ଶକ୍ତିଶାଳୀ ହେଉଛି।"

ସେ ଆହୁରି କହିଛନ୍ତି ଯେ, "ଯେଉଁ ଭାରତ ବିରୋଧୀ ଓ ଆତଙ୍କବାଦୀ ସଂଗଠନମାନେ ଆକ୍ରମଣ କରି ଅନେକ ପରିବାରର ସିନ୍ଦୂର ଲିଭାଇଥିଲେ, ସେମାନଙ୍କୁ ଭାରତୀୟ ସେନା 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ନ୍ୟାୟ ଦେଇଛି। ଏଥି ପାଇଁ ସମ୍ପୂର୍ଣ୍ଣ ଦେଶ ଭାରତୀୟ ସେନାମାନଙ୍କୁ ଅଭିନନ୍ଦନ ଜଣାଉଛି।"

ସେ ଆହୁରି କହିଛନ୍ତି, "ଅପରେସନ୍ ସିନ୍ଦୂର କେବଳ ଏକ *(ପୃଷ୍ଠା ୭ରେ)*

## ଗରମ ଓ ଗୁଳୁଗୁଳି ପାଇଁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୭ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଥଣ୍ଡା ପାଗ ଅନୁଭୂତ ହୋଇପାରେ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି । ଗରମ ଓ ଗୁଳୁଗୁଳି ନେଇ ସୋମବାର କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ପରବର୍ତ୍ତୀ ୩ ଦିନ ହିଟ୍ ୱେଭ ଏବଂ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା *(ପୃଷ୍ଠା ୭ରେ)*

## ଦୀଘା ଶ୍ରୀଜଗନ୍ନାଥ ମନ୍ଦିରରେ ଯୋଗଦେବା ଘଟଣା

# ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ




**ପୁରୀ, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ତିରିଶ ଦିନ ପାଇଁ ନିଲମ୍ବିତ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. ଅରବିନ୍ଦ ପାଢ଼ୀ । ଏହି ନିଲମ୍ବନ ସମୟ ଭିତରେ ଶ୍ରୀ ଦାସ ମହାପାତ୍ର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଅଛି । ଏଥି ସହିତ ଶ୍ରୀ ଦାସମହାପାତ୍ରଙ୍କୁ ନିଲମ୍ବନ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଅଛି ଯେ, ନିଲମ୍ବନ ଅବଧି ସମୟରେ ଦଇତାପତି କିମ୍ବା ଅନ୍ୟ ନିଯୋଗର କୌଣସି ସେବକଙ୍କୁ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ପ୍ରଲୋଭିତ କିମ୍ବା ଧମକଚମକ କରି ଶ୍ରୀମନ୍ଦିରର କୌଣସି ସେବାପୂଜା ବା ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ ନିଲମ୍ବନ ଅବଧିକୁ ବର୍ଦ୍ଧିତ କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଶ୍ରୀ ଦାସମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ । ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଶ୍ରୀ ଦାସମହାପାତ୍ରଙ୍କ ବିଶୃଙ୍ଖଳ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା, ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ମଧ୍ୟ ଆଦେଶରେ କୁହାଯାଇଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର *(ପୃଷ୍ଠା ୭ରେ)*

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାହୁଲ ଓ ଖଡ଼୍‌ଗେଙ୍କ ଚିଠି

**ନୂଆଦିଲ୍ଲୀ, ୧୧/୦୫**

କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି। ଉଭୟ ନେତା ସେମାନଙ୍କ ପତ୍ରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତୁରନ୍ତ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅନୁରୋଧ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଭାରତୀୟ ସେନାର 'ଅପରେସନ ସିନ୍ଦୂର' ପରଠାରୁ କଂଗ୍ରେସ ଦଳ ଏହି ଦାବି କରିଆସୁଛି। ଦିନକ ପୂର୍ବରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହେବା ପରେ କଂଗ୍ରେସ ପୁଣିଥରେ ତା'ର ଦାବିକୁ ଦୋହରାଇଛି। *(ପୃଷ୍ଠା ୭ରେ)*



DADLS-22

ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0652/2526

# ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପାଇଁ ଖର୍ଚ୍ଚ ହେବ ୧୭୪ କୋଟି




**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗର ମାଷ୍ଟରପ୍ଲାନ୍ । ଖର୍ଚ୍ଚ ହେବ ୧୭୪ କୋଟି । ଏହାର କୋର ଏବଂ ବଫର ଅଞ୍ଚଳରେ ସିରିଜ୍ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତୀକରଣ କରାଯିବ । ଓଡ଼ିଶା ଜଙ୍ଗଲ ବିଭାଗର ଆଗ୍ରହ ଓ ଅନୁମତି କ୍ରମେ ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ ଚାଲିଛି । ମୁଖ୍ୟ ଅଞ୍ଚଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରକଳ୍ପ ନିର୍ମାଣ ହେବ ଯେଉଁଥିରେ ପରିବେଶର କୌଣସି କ୍ଷତି ପହଞ୍ଚିବ ନାହିଁ । ପ୍ରାୟତଃ ଅସ୍ଥାୟୀ ନିର୍ମାଣ କରାଯିବ।

ସୂଚନା ମୁତାବକ, 'ସ୍ପେଶାଲ୍ ଆସିଷ୍ଟାନ୍ସ ଟୁ ଷ୍ଟେଟ୍‌ସ ଫର କ୍ୟାପିଟାଲ୍ ଇନ୍‌ଭେଷ୍ଟମେଣ୍ଟ (ଏସ୍‌ଏଏସ୍‌ସିଆଇ) ଯୋଜନା ଅଧୀନରେ ୧୧୩୬.୭୦ ବର୍ଗ କିଲୋମିଟରର ବିସ୍ତାରିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ୟାଘ୍ର ଭୂମି ସାତକୋଶିଆ ପାଇଁ ସମନ୍ୱିତ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲା ଓଡ଼ିଶା ପର୍ଯ୍ୟଟନ ବିଭାଗ । ମୂଳ ଯୋଜନାରେ ବିଭାଗ ୩ଟି ଜୋନ୍ ଯଥା :- ପମ୍ପାସର୍-ଟିକରପଡ଼ା ହବ୍, ବାଲିପୁଟ-ବଡ଼ମୁଳ ହବ୍ ଏବଂ କୁସଙ୍ଗା-ଶୀତଳପାଣି ହବ୍ ବ୍ୟାଘ୍ର ସଂରକ୍ଷଣର ପ୍ରସ୍ତାବ ଦେଇଥିଲା । *(ପୃଷ୍ଠା ୭ରେ)*




# ଦେବାଳିଆ ସ୍ଥିତିରେ ବିଡ଼ିଏ : ନିଜସ୍ୱ ପ୍ରକଳ୍ପ ନାହିଁ କି ଆଦାୟ ନାହିଁ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦେବାଳିଆ ସ୍ଥିତିରେ ସରକାରୀ ସଂସ୍ଥା । ରାଜ୍ୟସ୍ୱ ଆଦାୟର ଉତ୍ସ ନଥିବା ବେଳେ କର୍ମଚାରୀଙ୍କ ଦରମା ବାବଦରେ ରାଜକୋଷରୁ ପ୍ରତିମାସରେ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା । ଦିନ ଥିଲା ଏହି ସଂସ୍ଥାର ପ୍ରଭାବ ଓ ପ୍ରାଦୁର୍ଭାବ ବେଶ ରହିଥିଲା । ତେବେ ଏହା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, କର୍ମଚାରୀଙ୍କ ଦରମା ଦେବାକୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିକଟରେ ହାତ ପତେଇବାକୁ ପଡୁଛି । ସଂସ୍ଥା ପକ୍ଷରୁ ପୂର୍ବରୁ ବିଭିନ୍ନ ପ୍ଲଟିଂ ଓ ହାଉସିଂ ସ୍କିମ୍ କରି ଲୋକଙ୍କୁ ବିକି ଅଥବା ଲିଜ୍ ସୂତ୍ରରେ ଦେଇ କୋଟି କୋଟି ଟଙ୍କା ରାଜସ୍ୱ ସଂଗ୍ରହ ସହିତ ନିଜ ଅଧିନସ୍ଥ ଇଲାକାରେ ନୂତନ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍ ବାବଦରେ ଫି' ଆଦାୟ କରୁଥିଲା ସଂସ୍ଥା । ତେବେ ଗତ କିଛି ବର୍ଷ ଧରି ସଂସ୍ଥାର ନିଜସ୍ୱ କୌଣସି ପ୍ରକଳ୍ପ ହାତରେ ନଥିବା ବେଳେ ଆୟର ବଡ଼ ଉତ୍ସ କୁହାଯାଉଥିବା ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ୍ କ୍ଷମତା ମଧ୍ୟ କାଢ଼ି ନିଆଯାଇଛି । ୨୦୧୯ ମସିହାରୁ ବିଡ଼ିଏ ହାତରୁ ଏହି କ୍ଷମତା ବିଇଏମ୍‌ସିକୁ ହସ୍ତାନ୍ତର କରାଯାଇଛି । ଫଳରେ ରାଜସ୍ୱ ଆଦାୟର ଉତ୍ସ ନଥିବା ବିଇଡ଼ିଏ ଭଳି ସରକାରୀ ସଂସ୍ଥା ଗତ କିଛି ବର୍ଷ ଧରି ଦେବାଳିଆ ତଥା ଦୟନୀୟ ପରିସ୍ଥିତିକୁ ଆସିଯାଇଛି । ପରିସ୍ଥିତି ଏଭଳି ହୋଇଛି ଯେ, ଏଠାରେ ଦୀର୍ଘ ବର୍ଷ ଧରି କୌଣସି ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଇନାହିଁ । ହାତ ଗଣତି କିଛି କର୍ମଚାରୀଙ୍କ ଜରିଆରେ ସଂସ୍ଥା ଚାଲିଥିବା ବେଳେ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ନୂତନ ସରକାର ଗଠନ ପରଠାରୁ ଖାଲି ପଡ଼ିଥିବା ବିଡ଼ିଏ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱରେ ଅଛନ୍ତି ବିଭାଗୀୟ ମନ୍ତ୍ରୀ । ସବୁଠାରୁ ବଡ଼ କଥା ହେଲା ସଂସ୍ଥାର ବୈଠକ ମଧ୍ୟ ନିର୍ଦ୍ଧାରିତ ସମୟରେ ବସିପାରୁ ନାହିଁ । ଏପରିକି ରାଜ୍ୟ-ସ୍ତରୀୟ ବୈଠକରେ ବିଡ଼ିଏ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବକୁ ବ୍ରହ୍ମପୁର କିମ୍ବା ଆଖପାଖ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବା ପରିବର୍ତ୍ତେ ରାଜ୍ୟର ଅନ୍ୟ ସହର ଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଥିବା ଅଭିଯୋଗ ହୋଇଛି । ବିଡ଼ିଏର ଅଧ୍ୟକ୍ଷ ଦାୟିତ୍ୱରେ ବିଭାଗୀୟ ମନ୍ତ୍ରୀ ରହିବା ପରେ ଥରେ ମାତ୍ର ବୈଠକ ବସିଥିବା ବେଳେ ସେଥିରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନଥିବା ଜଣାପଡ଼ିଛି । ସଂସ୍ଥାର ଏଭଳି ଦୟନୀୟ ସ୍ଥିତିକୁ ନେଇ ବିଡ଼ିଏର ଉଭୟ ଅଧିକାରୀ ଓ କର୍ମଚାରୀ ସମସ୍ତେ ଚିନ୍ତାରେ ରହିଛନ୍ତି ।

# ହେମଲତାଙ୍କୁ ମିଳିଲା ମହିଳା ଶାନ୍ତିଦୂତ ପୁରସ୍କାର

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ନ୍ୟୁ ମେରିଆନ ହୋଟେଲରେ ମା' ଘର ଫାଉଣ୍ଡେସନ ଓ ଏସ୍.ଏସ୍.ଏଚ୍. ମେଡିକାଲ ଗ୍ରୁପ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ଆୟୋଜିତ ଏକ ଉତ୍ସବରେ ମାଲକାନଗିରିର ମହିଳା ସମ୍ବାଦିକା ଡି. ହେମଲତାଙ୍କୁ ଉମେନ୍ସ ପିକ୍ ମେକର ଆୱାର୍ଡ (ମହିଳା ଶାନ୍ତିଦୂତ ପୁରସ୍କାର) ରେ ସମ୍ମାନୀତ କରାଯାଇଛି । ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ଆଇନ ଓ ଅବକାରୀ ବିଭାଗ ପୃଥ୍ୱିରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମା' ଘର ଫାଉଣ୍ଡେସନର ଅଧ୍ୟକ୍ଷା ରତ୍ନପୂର୍ଣ୍ଣା ମହାନ୍ତି ଓ ଏସ୍.ଏସ୍.ହେଚ୍ ମେଡିକାଲ ଅଧ୍ୟକ୍ଷା ସୁସ୍ମିତା ସାହୁ ଯୋଗ ଦେଇଥିଲେ । ଆଦିବାସୀ ଅଧ୍ୟୁଷିତ ମାଓ ଅଞ୍ଚଳରେ ଖବର ସଂଗ୍ରହ କରିବା ସହ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରିର ମହିଳା ସାମ୍ବାଦିକା ଡି. ହେମଲତାଙ୍କୁ ସମ୍ମାନୀତ କରାଯାଇ ମହିଳା ଶାନ୍ତିଦୂତ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ମୁଖ୍ୟତଃ ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଆଜି ବି ମହିଳା ମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି । ବର୍ତମାନ ଚାଲିଥିବା ଅପରେସନ ସିନ୍ଦୁରରେ ଦୁଇ ମହିଳାଙ୍କ ଭୁମିକାକୁ ପ୍ରଶଂସା କରିବା ସହ ମହିଳାମାନେ ସଚେତନ ହେଲେ ଦେଶ ସଚେତନ ହେବ ଏବଂ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ମହିଳାମାନଙ୍କର ଅବର୍ଣନୀୟ ଭୂମିକା ସମ୍ପର୍କରେ କହିଥିଲ । ଏହି ଅବସରରେ ରାଜ୍ୟରେ ୧୦ ଜଣ ମହିଳା ଯେଉଁମାନେ ସମାଜସେବା, ସ୍ୱାସ୍ଥ୍ୟ ସେବା ଓ ମହିଳା ସଚେତନତା, ଶିକ୍ଷା ଓ ସାମ୍ବାଦିକତା ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ବିଭିନ୍ନ ବର୍ଗର ୧୦ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିସହ ବିଭିନ୍ନ ମହିଳା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଅମୃତ ବଚନ ପଠନ କରାଯାଇଥିଲା ।

# ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ା ଜଙ୍ଗଲରେ ସକାଳ ୭ଟା ୩୦ ମିନିଟ ସମୟରେ ଅବକାରୀ ଚଢ଼ଉ ହୋଇଛି । ଦେଶୀ ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ମଦ ଭାଟି ଭାଙ୍ଗିବା ସହ ୨୨ ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଏହି ଚଢ଼ଉ ଅପରାହ୍ନ ୧ଟା ସମୟରେ ଶେଷ ହୋଇଥିବା ବିଷୟ ଅବକାରୀ ବିଭାଗ ତରଫରୁ କୁହାଯାଇଛି ।

# କନ୍ୟାଙ୍କ ଆଖି ଆଗରେ ଚାଲିଗଲା ବରଙ୍କ ଜୀବନ : ଅଧାରେ ରହିଲା କଉଡ଼ି ଖେଳ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**



ଶନିବାର ପଡିଥାନ୍ତା ଚତୁର୍ଥୀ କାର୍ଯ୍ୟ । ଦୁଇଟି ହୃଦୟ ଏକାଠି ହୋଇ ଗଢ଼ିଥାନ୍ତେ ନୂଆ ସଂସାର । ହେଲେ ଆଶା ଆଶାରେ ରହିଗଲା । ଆଖି ବୁଜିଲେ ବର । ଏପରି ଏକ ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ଥାନା ନୃତାଙ୍ଗ ପଞ୍ଚାୟତରେ । ମାହାଙ୍ଗା ଅଞ୍ଚଳରୁ ଜୈନିକ ଯୁବକ ବୁଧବାର ବରସାଜି ଯାଜପୁର ଜିଲ୍ଲା ବୈରି ଅଞ୍ଚଳକୁ ଯାଇଥିଲେ । ସେଠାରେ ଜୈନିକା ଯୁବତୀଙ୍କୁ ରୀତିନୀତିରେ ବିବାହ କରି ଘରକୁ ଆଣିଥିଲେ । ହେଲେ ବିଦ୍ୟୁତ୍ କରେଣ୍ଟ ସାଜିଲା କାଳ । ବିବାହର ୩ ଦିନ ପରେ ଅର୍ଥାତ୍ ଶୁକ୍ରବାର କଉଡ଼ି ଖେଳ ଚାଲିଥିବା ବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ ବର । ଫଳରେ ଘଟଣାସ୍ଥଳରେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷେ ନବବିବାହିତା ଯୁବତୀ ଶାଶୂଘର ଛାଡ଼ି ବାପ ଘରକୁ ଚାଲି ଯାଇଛନ୍ତି ।

ଉକ୍ତ ପଞ୍ଚାୟତ ନିର୍ତିଙ୍ଗ ଗ୍ରାମର ସନ୍ତୋଷ ସାହୁଙ୍କ ପୁଅ ଶତମନ ସାହୁ ଗତ ବୁଧବାର ଯାଜପୁର ଜିଲ୍ଲା ବୈରି ଅଞ୍ଚଳର ଜୈନିକା ଯୁବତୀଙ୍କୁ ବୈଧିକ ରୀତିରେ ବିବାହ କରିଥିଲେ । ଶୁକ୍ରବାର ଶତମନଙ୍କ ଘରେ କଉଡ଼ି ଖେଳ ଚାଲିଥିଲା । ସେତିକିବେଳେ କୌଣସି କାରଣ ବଶତଃ ଶତମନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ । ଫଳରେ ଘଟଣାସ୍ଥଳରେ ଶତମନଙ୍କ ମୃତ୍ୟୁ ଘଟିଥିଲା ।

ଅପରପକ୍ଷେ ନବ ବିବାହିତା ଯୁବତୀ ବାପ ଘରକୁ ଫେରି ଯାଇଛନ୍ତି । ତେବେ ଖବର ପାଇ ପୋଲିସ ଶତମନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ମେଡ଼ିକାଲକୁ ପଠାଇଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବନ୍ଦେ ଭାରତ ଟ୍ରେନ୍ ପାଇଁ ବାହିନୀପତିଙ୍କ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ ନେଇ ଦାବି ରଖିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ଏହି ଦାବି ସେ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ରଖିଛନ୍ତି । ଗତ ପରବ-୨୦୨୪ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଏକ ନୂଆ ଟ୍ରେନ ଚାଲିବା ପ୍ରତିଶ୍ରୁତି ଦେଇଥିବା ବେଳେ ଏହାକୁ ବିଧାୟକ ଏବେ ସ୍ମରଣ କରାଇଛନ୍ତି । ବିଧାୟକ ବାହିନୀପତି ନିଜ ଦାବିପତ୍ରରେ ଭୁବନେଶ୍ୱର- ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ୨୦୮୪୧ ଟ୍ରେନ୍ ଟିକୁ ଭାୟା ଆରକୁ ଦେଇ କୋରାପୁଟ ଯାଏଁ ସମ୍ପ୍ରସାରିତ କରିବା ନେଇ ଦାବି ରଖିଛନ୍ତି । ଏଥିରେ ସେ ଯୁକ୍ତି ବାଢ଼ିଛନ୍ତି ଯେ, ବନ୍ଦେ ଭାରତ ଟ୍ରେନ୍ ଗୁଡ଼ିକ ଦ୍ୱାରା ସାଧାରଣତଃ ୮୦୦ କି.ମି. ଦୂରତା ମଧ୍ୟରେ ରହିଥିବା ସହର ଗୁଡ଼ିକୁ ସଂଯୋଗ ପାଇଁ ପରିକଳ୍ପନା କରାଯାଇଛି । ଭୁବନେଶ୍ୱର- ବିଶାଖାପାଟଣା- ଆର୍କୁ- କୋରାପୁଟ ରୁଟ୍ ର ଦୂରତା ମାତ୍ର ୬୬୯ କି.ମି. । ଭୁବନେଶ୍ୱର ଠାରୁ ଏହି ଟ୍ରେନ୍ ଟି ଏବେ ମାତ୍ର ୪୪୪ କି.ମି. ଦୂରତାକୁ ୫ ଘଂଟାରେ ଅତିକ୍ରମ କରି ବିଶାଖାପାଟଣାରୁ ପୁଣି ଫେରୁଛି । ଏହାକୁ ଆଉ ମାତ୍ର ୨୧୫ କି.ମି. ସମ୍ପ୍ରସାରିତ କରି ସର୍ବ ମୋଟ ୯ ଘଂଟାରେ କୋରାପୁଟକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ା ଯାଇପାରିବ । ଏହାଦ୍ୱାରା ନନ୍ଦପୁର ଏବଂ ଲମତାପୁଟ ଭଳି ଅବହେଳିତ ବ୍ଲକ ଗୁଡ଼ିକ ରାଜଧାନୀ ସହ ସିଧାସଳଖ ଯୋଡି ହୋଇ ପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ତତ୍ ସହ ଆନ୍ଧ୍ରପ୍ରଦେଶ, ଛତିଶଗଡ ସହ ଓଡିଶାର ନବରଙ୍ଗପୁର ଏବଂ ମାଲକାନଗିରି ଭଳି ଅବହେଳିତ, ଉପାନ୍ତ ଜିଲ୍ଲାବାସୀ ବି ଏହାର ସୁଫଳ ପାଇବେ ବୋଲି କହିଛନ୍ତି । ଏହା ସମ୍ଭବ ହେଲେ ଏ ଅଂଚଳରୁ ଭୁବନେଶ୍ୱରକୁ ଯାଉଥିବା ଏକ ମାତ୍ର ହୀରାଖଣ୍ଡ ଟ୍ରେନ ରୁ ଯାତ୍ରୀ ବୋଝ କମିବ, ଯାହାର ସୁଫଳ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସିନ୍ଦା ପାଇବେ ବୋଲି ସେ କହିଛନ୍ତି । ରେଳ ଯୋଗାଯୋଗରେ ପଛୁଆ ଥିବା ଯୋଗୁଁ ହିଁ ଅବିଭକ୍ତ କୋରାପୁଟ ଜିଲ୍ଲାର ସାମାଜିକ ଏବଂ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ସମ୍ଭବ ହେଉନାହିଁ ବୋଲି ବିଧାୟକ ଅଭିଯୋଗ ରଖି ତୁରନ୍ତ ଏହି ଚାଲୁଥିବା ବନ୍ଦେ ଭାରତ ଟ୍ରେନ୍ ସେବାକୁ ବିଶାଖାପାଟଣାରୁ କୋରାପୁଟ ଯାଏଁ ସମ୍ପ୍ରସାରଣ ନେଇ ଅନୁରୋଧ କରିଛନ୍ତି । ଏହି ଅନୁରୋଧକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରେଳ ମନ୍ତ୍ରଣାଳୟକୁ ତୁରନ୍ତ ଯୋଗାଯୋଗ କରାଯାଇଥିଲା । ତତ୍ ସହ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତି ନେଇ ପୂର୍ବତଟ ରେଳପଥକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିବା ବିଧାୟକ ଜଣାଇଛନ୍ତି । ଏପରିକି ତାଙ୍କ ଅନୁରୋଧ ପତ୍ରକୁ ଗୁରୁତ୍ୱ ଦେଇ ବିଚାର ଆରମ୍ଭ କରିଥିବା ଯୋଗୁଁ ବିଧାୟକ ବାହିନୀପତି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଖରା ଛୁଟିରେ ପାଠପଢା, ଘରୋଇ ସ୍କୁଲକୁ ନୋଟିସ୍

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କର ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ବ୍ରହ୍ମପୁର ସହରରେ ଥିବା ଏକାଧିକ ଘରୋଇ ସ୍କୁଲ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଛାତ୍ରଛାତ୍ରୀଙ୍କୁ ଡାକି ପାଠ ପଢ଼ାଯାଉଛି । ଯେଉଁ ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି, ସେମାନଙ୍କୁ ଦଣ୍ଡ ଦିଆଯାଉ ଥିବା ଅଭିଯୋଗ ହେଉଛି । ଏନେଇ ବାରମ୍ବାର ଅଭିଯୋଗ ପରେ ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନର ମିଳିତ ଟିମ୍ ବିଭିନ୍ନ ବିଦ୍ୟାଳୟକୁ ବୁଲି ଯାଞ୍ଚ କରିଛନ୍ତି । ଯାଞ୍ଚ ସମୟରେ ଏକ ଘରୋଇ ସ୍କୁଲରେ ଖରାବେଳେ ପାଠ ପଢାଯାଉଥିବା ଦେଖି ଏହି ଟିମ୍ ସଂପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ।

# ୧୦ ଚକିଆ ଟ୍ରକ୍ ସହ ଧକ୍କା : ଚାଲିଗଲା ବାଇକ୍ ଆରୋହୀଙ୍କ ଜୀବନ

**ଖଣ୍ଡପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଖଣ୍ଡପଡ଼ା ଥାନା ଅଧୀନ ଶେରଗଡ଼ ନିକଟରେ ଥିବା ଜଗନ୍ନାଥ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଟ୍ରକ ସହିତ ଧକ୍କା ହେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ନାୟକପଡ଼ା ବେଜପାଲି ଗ୍ରାମର ସୌଦାମିନୀ ଲୁହାଙ୍କ ପୁଅ ଧନଞ୍ଜୟ ଅନ୍ୟ ଦୁଇଜଣଙ୍କ ସହ ଏକ ବାଇକ୍‌ରେ ବାଲେଶ୍ୱରକୁ ଯାଉ ଥିଲେ । ଶେରଗଡ଼ ବିଟ ହାଉସ ଅଧୀନ ଜଗନ୍ନାଥ ପେଟ୍ରୋଲ ପମ୍ପରୁ ତେଲ ପକାଇ ଟାଙ୍କିରୁ ବାହାରୁଥିବା ସମୟରେ ୧୦ ଚକିଆ ଟ୍ରକ୍ ଧନଞ୍ଜୟଙ୍କ ସହିତ ଧକ୍କା ହୋଇଥିଲା । ଏହାଫଳରେ ଘଟଣା ସ୍ଥଳରେ ଧନଞ୍ଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଟ୍ରକଟିକୁ ଅଟକ ରଖିବା ସହିତ ଧନଞ୍ଜୟଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# କେନ୍ଦ୍ରାପଡ଼ା କଲେଜର ସମସ୍ୟା ଅନୁଧ୍ୟାନ କଲେ ବିଧାୟକ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟର ସର୍ବ ପୁରାତନ ବେସରକାରୀ କଲେଜ ଭାବେ ମାନ୍ୟତା ପାଇଥିବା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅନେକ ସମସ୍ୟା ସମ୍ବନ୍ଧରେ ବିଧାୟକ ଗଣେଶ୍ୱର ବେହେରା ଅନୁଧ୍ୟାନ କରିବା ସହ କଲେଜ କର୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡ଼ା କଲେଜକୁ ଯାଇ ଅଧ୍ୟକ୍ଷ ଡଃ ସଂଜିବ କୁମାର ମହାନ୍ତି, ପ୍ରଫେସର ରଂଜିତ କୁମାର ଦାସ, ପ୍ରଫେସର ଅଶୋକ କୁମାର ମିଶ୍ର, ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଭାକର ମଲିକ, ଡ଼ଃ ପ୍ରଦୀପ୍ତ କୁମାର ଦାସ ପ୍ରମୁଖଙ୍କ ସହ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରି ଏହାର ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି । କଲେଜର ଭୂସମ୍ପତ୍ତି ଦିନକୁ ଦିନ ଜବରଦଖଲରେ ଯାଉଥିବା ଓ ଗ୍ରୀଷ୍ମ ଛୁଟିରେ ଏହି ଜବରଦଖଲ ଜମି ଉପରେ ବେଆଇନ ନିର୍ମାଣ କରାଯାଉଥିବା ସଂପର୍କରେ ପଚାରି ବୁଝିଥିଲେ । ନାକ୍ ଏ ଗ୍ରେଡ ପାଇଥିବା ଏହି କଲେଜରେ ୧୦୯ ଜଣ ଅନୁମୋଦିତ ଅଧ୍ୟାପକ, ଅଧ୍ୟାପିକା ପଦବୀ ଥିବାବେଳେ ବର୍ତ୍ତମାନ ୭୬ ଜଣ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ୩୩ ପଦବୀ ଖାଲି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି । ସେହିଭଳି ସୁରକ୍ଷା ପାଚେରୀ ନଥିବାରୁ ଓ ପର୍ଯ୍ୟାପ୍ତ ପରିମାଣର ରାତ୍ରୀ ଜଗୁଆଳି ନଥିବାରୁ ରାତିରେ ଅସାମାଜିକ ଯୁବକମାନେ କଲେଜ ପରିସରରେ ଆଡ୍ଡା ଜମାଇ ବିଭିନ୍ନ ପ୍ରାର ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ରହିବା ଓ ବିଭିନ୍ନ ସମୟରେ ଗଣ୍ଡଗୋଳ କରିବା ଘଟଣା ଜଣାପଡିଛି । ଏହା ସହ କଲେଜ ଲାଇବ୍ରେରୀରେ ୬୦ ହଜାର ପୁସ୍ତକ ଥିବାବେଳେ ୫୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ଥିବାବେଳେ ଅବଶିଷ୍ଟ ୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ପାରିନାହିଁ । ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ପାଇଁ କଲେଜ ପରିସରରେ ଗୋଟିଏ ଏଟିଏମ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି । ସେହିଭଳି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇ ଥିବା କୋଠାବାଡ଼ି ଗେଟ୍ ଓ ଅନ୍ୟାନ୍ୟ ଭିତ୍ତିଭୂମି ଗୁଡିକର କାମ ସରିଥିବା ବେଳେ ଏହା କଲେଜକୁ ହସ୍ତାନ୍ତର କରାଯାଇ ନଥିବା ଜଣାପଡିଥିଲା । ଅନ୍ୟ କେତେକ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଥିଲେ ମଧ ତାହା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ନହୋଇ ଅବହେଳାରେ ଅଧା ପନ୍ତରିଆ ଭାବେ ପଡ଼ି ରହିଥିବା ଜଣାପଡିଥିଲା । କଲେଜରେ ଏକ ରିସର୍ଚ୍ଚ ଲ୍ୟାବ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ପାଇଁ ଖୋଲା ଯିବାକୁ ବିଧାୟକ ଶ୍ରୀ ବେହେରା ପ୍ରତିଶ୍ରୃତି ଦେଇଛନ୍ତି । ଏହା ସହ ଖାଲି ପଡିଥିବା ପଦବୀ ପୂରଣ, ସୁରକ୍ଷା ପାଚେରୀ ନିର୍ମାଣ, ଜବର ଦଖଲ ଉଚ୍ଛେଦ ସହ ଭିତ୍ତିଭୂମିର ବିକାଶ ପାଇଁ ବିଧାୟକ ଶ୍ରୀ ବେହେରା ସକ୍ରୀୟ ସହଯୋଗ କରିବେ ବୋଲି ଆଲୋଚନାରେ ନିଷ୍ପତ୍ତି ନିଆଯାଇଛି ।

# ସ୍ତ୍ରୀ-ବୋହୂଙ୍କୁ ଛୁରିରେ ଆକ୍ରମଣ ପରେ ନିଜେ କଲେ ଆତ୍ମହତ୍ୟା

**କେସିଙ୍ଗା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗା ଗ୍ରାମ ପଞ୍ଚାୟତର ଭମରମାଲ(ପଥର୍ଲା) ଗ୍ରାମରେ ଏକ ଘରୋଇ କଳି ଭୟଙ୍କର ରୂପ ଧାରଣ କରି ଶେଷରେ ୪୨ ବର୍ଷୀୟ କୃଷ୍ଣ ସାହୁ ଆତ୍ମହତ୍ୟା କରିଛନ୍ତି । କୃଷ୍ଣ ମଦ୍ୟପାନ କରି ସ୍ତ୍ରୀ କୁମାରୀ ସାହୁ ଓ ବୋହୂଙ୍କୁ ଶନିବାର ବିଳମ୍ବିତ ରାତିରେ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ । ସ୍ତ୍ରୀ କୁମାରୀଙ୍କ ମୁଣ୍ଡ ଏବଂ ହାତ ସେହିପରି ବୋହୂଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରିଥିଲେ । ଶେଷରେ କୃଷ୍ଣ ମାନସିକ ଭାରସାମ୍ୟ ହରାଇ ପଥର୍ଲା କାଣ୍ଡେଲ ଓ କେସିଙ୍ଗାକୁ ସଂଯୋଗ କରୁଥିବା ରେଳଧାରଣାରେ ଏକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ କେସିଙ୍ଗା ପୋଲିସ ଓ ଜିଆରପି ପହଞ୍ଚି ତଦନ୍ତ କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୭୧୪୨ ମାମଲାର ଫଇସଲା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତରେ ଜିଲ୍ଲା ଜଜ କୋରାପୁଟ ପ୍ରଦୀପ କୁମାର ମହନ୍ତ, ପରିବାର ବିଚାରପତି ନିସିଥ ନିଶାଙ୍କ, ଅତିରିକ୍ତ ଜିଲ୍ଲା ସଂଘମିତ୍ରା ଦାସ, ବରିଷ୍ଠ ଦେବାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଅଳକନନ୍ଦା ମହାନ୍ତି, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ଅନିମେଷ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକାରୀ ସୁଶ୍ରୀ ଦୀକ୍ଷ୍ୟ ରାଉତରାଏ, ପ୍ରଜ୍ଞାସୁମନ ମହାପାତ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟରେ ବିଭିନ୍ନ ବେଞ୍ଚରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫଇସଲା କରିଥିଲେ । ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର, ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ରହିଥିବା କୋର୍ଟ ପରିସରରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ତତ୍ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟମାନଙ୍କ ଦ୍ୱାରା ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇ ଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୪ ଗୋଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ବାବଦରେ ଆଦେଶ ଦେଇ ବାଦୀମାନଙ୍କୁ ୨୦୫୨୦୦୦୦/- ଟଙ୍କା । କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା, ସେହିପରି ୧୨ ଗୋଟି ସାଲିସଯୋଗ୍ୟ ଫୌଜଦାରୀ ମାମଲା, ୦୬ ଗୋଟି ବ୍ୟାଙ୍କ ଋଣ ମାମଲା, ୧୩ ଗୋଟି ବୈବାହିକ ମାମଲା ୨୫ ଗୋଟି ଦେବାନୀ ମାମଲାର ଫଇସଲା କରା ଯାଇଥିଲା, ଏହାସହିତ ୨୯ ଗୋଟି ଏନ.ଆଇ. ଆକ୍ଟ ମାମଲାର ଫଇସଲା କରାଯାଇ ୭୯୮୯୧୮୭/- ଟଙ୍କା ଧାର୍ଯ୍ୟ ହେଇଥିଲା, ସେହିପରି ୩୫୯ ଗୋଟି ଅନ୍ୟାନ୍ୟ ଫଉଜଦାରି ମାମଲାର ଫଇସଲା କରାଯାଇ ଥିଲା, ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ-ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟୋ ୬୭୦୫ ରାଜସ୍ୱ ବିବାଦର ଫଇସଲା କରାଯାଇ ୬୬୬୩/- ଟଙ୍କା ଅଦାୟ କରଯାଇଥିଲା । ୫ଟି ଉପଭୋକ୍ତା ବିବାଦ ମଧ୍ୟରୁ ୦୧ ଫଇସଲା କରାଯାଇ ୧୫୩୦୦ ଟଙ୍କା ଧାର୍ଯ୍ୟ ହେଇଥିଲା । ବିଚାରଦିନ ମାମଲାର ସର୍ବମୋଟ ୭୫୯୨ ଟି ମାମଲାରୁ ୭୧୪୨ଟି ଫଇସଲା କରାଯାଇ ୩୨୬୯୧୬୬୭.୮୭ ଟଙ୍କା ଧାର୍ଯ୍ୟ ହେଇଥିଲା । ଏତଦ୍ ବ୍ୟତୀତ ପ୍ରାକ ମୋକଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ବ୍ୟାଙ୍କ ଋଣ ମାମଲା, ଆରଟିଓ, ଟାଟା ପାୱାର, ବି.ଏସ.ଏନ.ଏଲ, ପାରିବାରିକ ମାମଲା, ଜମିଜମା ମାମଲା ଇତ୍ୟାଦି ୩୮୨୫ ରୁ ୫୭୬ ଟି ଫଇସଲା କରାଯାଇ ୧୫୧୪୭୮୨୧/- ଧାର୍ଯ୍ୟ ହେଇଥିଲା, ୦୧ ଗୋଟି ଶ୍ରମ ବିବାଦ ମାମଲାର ଫଇସଲା କରାଯାଇ ୧୧୦୦୦୦ ଧାର୍ଯ୍ୟ ହେଇଥିଲା । ଏଥିରେ କୋରାପୁଟ ଜିଲ୍ଲା ବାର ଆସୋସିଏସନର ଆଇନଜୀବୀମାନେ ଏଥିରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ ।

# ଶତାୟୁ ପୁରୁଷଙ୍କ ପରଲୋକ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡ଼ଖାପଲା ଗ୍ରାମର ଧୋବେଇ ଚରଣ ଦାଶଙ୍କ ୧୦୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ନ୍ୟାୟବନ୍ତ, ଧର୍ମ ପରାୟଣ, ପରୋପକାରୀ ତଥା ଅମାୟିକ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାଶ, ସାଧୁରାମ ଦାଶ ଓ ରାଜେନ୍ଦ୍ର କୁମାର ଦାଶ, ଜ୍ୟେଷ୍ଠପୁତ୍ର ଖୁସି ରାମ ଦାଶ, ମଧ୍ୟମ ପୁତ୍ର ଯୁଗଳ କିଶୋର ଦାଶ ଓ କନିଷ୍ଠ ପୁତ୍ର ହେମନ୍ତ କୁମାର ଦାଶ, ପୁତ୍ରବଧୂ ଆହ୍ଲାଦିନୀ, ପାର୍ବତୀ, ଶୌଭାଗିନୀ, ସୁକେସିନୀ ଓ ପୁଷ୍ପାଞ୍ଜଳି ଝିଅ ପାନ, ପୂର୍ଣ୍ଣମାସୀ ଓ ପ୍ରେମକାନ୍ତି, ଜ୍ୱାଇଁ ଗୋବିନ୍ଦ, ନାତି ନାତୁଣୀ, ଅଣନାତି ଓ ଅଣନାତୁଣୀ ସମସ୍ତେ ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ଖୁସିରାମ ଦାଶ ମୁଖାଗ୍ନୀ ଦେଇଥିଲେ । ଶବାଧାରରେ ସମସ୍ତ ବନ୍ଧୁ ପରିଜନ ଓ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ । ଜଣେ ଶତାୟୁ ପୁରୁଷଙ୍କ ପରଲୋକ ଖବର ଜାଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ୧୯୪୮ ମସିହା ରାଜସ୍ୱ ଷ୍ଟାମ୍ପର ସତ୍ତା ନାହିଁ; ତଥାପି ଚାଲିଛି

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲାର ସବରେଜିଷ୍ଟ୍ରାର ଅଫିସ ଯେଉଁଠି ସରକାରୀ କର୍ମଚାରୀ ନୁହେଁ ଠିକା କର୍ମଚାରୀ କାମ କରନ୍ତି, ସେଠି ୧୯୪୮ ମସିହାରେ ସରକାରରୁ ରାଉରକେଲାକୁ ଆସିଥିବା ସବରେଜିଷ୍ଟ୍ରାରଙ୍କ ଷ୍ଟାମ୍ପରେ କିଛି ଦେଖାଯାଉନି, କ'ଣ ଲେଖାଯାଇଛି ତାହା ମଧ୍ୟ ଦିଶୁନି । ଅଶୋକ ଚିହ୍ନର ନାମୋ ନିଶାନ ନାହିଁ, ସତେ ଯେମିତି ପଥର ଖଣ୍ଡ କିମ୍ବା କାଠ ଖଣ୍ଡଟିକୁ କୋଟି କୋଟି ଟଙ୍କାର ହେଉଥିବା ରେଜେଷ୍ଟ୍ରୀ ପେପର ଉପରେ ଲଗାଯାଉଛି । ସେଥିରେ ପୁଣି ଆଜିଯାଏ ଥିବା ସବରେଜିଷ୍ଟ୍ରାର ମାନେ ଦସ୍ତଖତ କରିଚାଲିଛନ୍ତି, ଯାହାକୁ ପାନପୋଷ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ୭ ଦିନ ମଧ୍ୟରେ ନୂଆ ଷ୍ଟାମ୍ପ ଆଣିବାକୁ ସେ ଅଫିସକୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ୨୨ ତାରିଖରେ ହାଉସିଂ ବୋର୍ଡ ଘରର ଏକ ରେଜେଷ୍ଟ୍ରୀକୁ ନେଇ ସେଦିନ ଆବେଦନକାରୀ ଯେନତେନ ପ୍ରକାର ସକାଳୁ ଅପକ୍ଷା କରିବାପରେ ଦିନ ୧୧ଟାରେ କାମ ସରିଥିଲା, ଘରୋଇ କର୍ମଚାରୀଙ୍କ ଦ୍ୱାରା ଚାଲିଥିବା ଏହି ଅଫିସର କିଛି କିରାଣୀଙ୍କ କାରବାର ମଧ୍ୟ ଜଣାପଡିଥିଲା, କିଏ କେତେବେଳେ ଆସୁଛି ଯାଉଛି ତାକୁ ଦେଖିବାକୁ ସତେ ଯେମିତି ଏଠି କେହି ଥିବାଭଳି ମନେ ହେଉନଥିଲା, ତେବେ ୧୫/୨୦ ଦିନ ପରେ ରେଜେଷ୍ଟ୍ରୀ କାମ ହୋଇସାରିଛି ବୋଲି ମେସେଜ ଆସିବା ପରେ ସଂପୃକ୍ତ କାଗଜକୁ ଆଣିବାକୁ ଆବେଦନକାରୀ ଯିବାରୁ ଦାୟିତ୍ୱରେ ଥିବା ବାବୁ ଗରମରେ କହିଲେ ମେସେଜ ଦେଖାଅ, ମେସେଜ ଦେଖି ପୁଣି ରହି କହିଲେ କାମ ହୋଇନି ପରେ ଆସ, ଆବେଦନକାରୀଙ୍କ ଲୋକ ସରକାର କ'ଣ ଏହିଭଳି ମନଇଚ୍ଛା ମେସେଜ ଦିଅନ୍ତି ବୋଲି ପ୍ରଶ୍ନ କରିବାରୁ ପୁଣି ଫାଇଲ ଖୋଜି କାଗଜ ବାହାର କରିଦେଲେ ଓ କହିଲେ ଏଥିରେ ୪/୫ପ୍ରକାର ମେସେଜ ଆସେ, ଏବେ କାମ ସରିନି ସବୁ ମେସେଜ ଆସିବା ପରେ ଯାଇ କାମ ପୂରା ହେବ । ଏକଥା ସେହି ଅଫିସର ବରିଷ୍ଠ କିରାଣୀ ଶ୍ରୀ ରଥଙ୍କୁ କୁହାଯିବାରୁ ସେ ସ୍ମିତ ହସି ଦେଇ ପରବର୍ତ୍ତୀ କାମର ରାସ୍ତା ବତେଇ ଦେଇ କହିଲେ ଛାଡନ୍ତୁ ଯାଆନ୍ତୁ । ତେବେ ପୂରା କାଗଜକୁ ଦେଖିବା ପରେ ସବୁ ଜାଗାରେ ହୋଇଥିବା ଷ୍ଟାମ୍ପରେ ଗୋଟିଏ ଷ୍ଟାମ୍ପ କ'ଣ କିଛି ବୁଝିହେଲାନି, ତାକୁ ପାନପୋଷ ଉପଜିଲ୍ଲାପାଳଙ୍କୁ ଦେଖାଇବାରୁ ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇ କର୍ମଚାରୀମାନଙ୍କୁ ଡାକିଥିଲେ, ସବୁ କଥାରୁ ଜଣାପଡିଥିଲା ଯେ,୧୯୪୮ ମସିହାରୁ ଏଠାରେ ଏହି ଅଫିସ ହେବା ପରେ ଯେଉଁ ଷ୍ଟାମ୍ପ ଆସିଥିଲା ତା ଉପରେ କାମ ଚାଲିଥିଲା, ତାହା ଏକ ପ୍ରକାର ଘୋରି ହୋଇଯାଇଛି । ସେ ଦେଖାଯାଉ ନଯାଉ ବାବୁମାନେ ସେଠି ଦସ୍ତଖତ କରିଦେଇ ଚାଲିଯାଉଥିଲେ, କୋଟି କୋଟି ଟଙ୍କାର ସମ୍ପତ୍ତି ଲାଗି ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଷ୍ଟାମ୍ପ ପେପର କିଣି ରେଜେଷ୍ଟ୍ରୀ ଆଦି କାମ କରୁଥିବା ଆମ ସାଧାରଣ ଲୋକଙ୍କ ଲାଗି ଏହା କେତେ ଜରୁରୀ ତାହା ଆଜିଯାଏ କେହି ଦେଖିବାକୁ ନଥିଲେ ନା ବିଧାୟକ ନା ଆଉ କିଏ କଥାରେ ଅଛି ସରକାରୀ କା ମାଲ ଦରିଆ ମେଁ ଡାଲ, ତାହା ଏଠାରେ ପ୍ରଜୁଯ୍ୟ ହୋଇ ନପାରେ କିନ୍ତୁ ଜନସାଧାରଣ କରୁଥିବା ରେଜେଷ୍ଟ୍ରୀ ଆଦି କାମକୁ ଏଠାରେ ୧୯୪୮ ମସିହାରୁ କେତେ ଓକିଲ, ସବରେଜିଷ୍ଟ୍ରାର ଓ ଖୋଦ୍ ଜମି ଘର ମାଲିକ ଦେଖୁଥିବେ, ତେବେ ଏଭଳି ଅଭାବନୀୟ କାମକୁ ଆଜିଯାଏ କେହି ନଦେଖିବା ଦୀର୍ଘ ବର୍ଷ ଧରି ଏଭଳି ଅନ୍ଧା କାମ ହୋଇଚାଲିବା ଆମ ସରକାରୀ ବ୍ୟବସ୍ଥାର କେଉଁ ଆଇନରେ ଲେଖାଯାଇଛି ବୋଲି ପ୍ରଶ୍ନ ହେଉଛି । ତା ଛଡ଼ା ଏଭଳି ଷ୍ଟାମ୍ପରେ ଆଜିଯାଏ କାମ କରାଇ ନେଇଥିବା ବ୍ୟକ୍ତି ବିଶେଷମାନେ ଆଗାମୀ ଦିନରେ ନିଜ କାଗଜକୁ କେତେ ସଠିକ ବୋଲି ଦର୍ଶାଇ ପାରିବାରେ ସଫଳ ହେବେ ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି । ଆମ ସରକାରୀ ବ୍ୟବସ୍ଥା କେମିତି ଚାଲିଛି, ଆମ ଟିକସ ପଇସାରୁ ଦରମା ନେଇ କାମ କରୁଥିବା ବାବୁ ମାନେ କେତେ ଦାୟିତ୍ୱ ସଂପନ୍ନ ତାହା ଏହି ସରକାରୀ ଅନ୍ଧା ଷ୍ଟାମ୍ପ ଏହିଭଳି ଅନେକ ପ୍ରଶ୍ନ ଠିଆ କରିଛି ।

# ପାହାଡ଼ରେ ଲାଗିଲା ନିଆଁ : ଜଳିଗଲା ୩ ଏକରରୁ ଅଧିକ ଜଙ୍ଗଲ



**ସୋର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅଧୀନ ଔପଦା ରେଞ୍ଜ ଅନ୍ତର୍ଗତ ଦେବଗିରି ପାହାଡ଼ରେ ନିଆଁ ଲାଗି ୩ ଏକରରୁ ଅଧିକ ଜଙ୍ଗଲ ପୋଡିଯାଇଥିବା ଜଣାପଡ଼ିଛି । ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲ ନିଆଁରେ ସ୍ଥାନୀୟ ଲୋକେ ହାହାକାର ହେଉଥିବା ବେଳେ ଜଙ୍ଗଲ ଜନ୍ତୁଙ୍କ ଜୀବନ ଏବେ ବିପଦରେ । ମଧ୍ୟାହ୍ନରେ ଔପଡ଼ା ରେଞ୍ଜ ଅଧିନ ବାଘୁଆମ୍ବୁଡା ବିଟ ଅନ୍ତର୍ଗତ ଦେବଗିରି ପାହାଡ଼ର ମଧ୍ୟଭାଗରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନକର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ୩ ଏକରରୁ ଅଧିକ ଜଙ୍ଗଲ ପୋଡି ଯାଇଥିଲା । ତେବେ କେଉଁ କାରଣରୁ ନିଆଁ ଲାଗିଛି ତାହା ଜଣାପଡ଼ିନଥିବା ବେଳେ ଜଙ୍ଗଲକୁ ଯାଉଥିବା ଶିକାରୀମାନେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ମଇ ୨୦୨୫ ସୋମବାର





# ସମ୍ପର୍କ ସେତୁ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ ହେବ : ସାଂସଦ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ସମ୍ପର୍କ ସେତୁ ଆପ ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସାଂସଦ ଅନନ୍ତ ନାୟକ ତାଙ୍କ ପ୍ରତିନିଧି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝର ଡିଆରଡିଏ ସଭା ଗୃହରେ ସାଂସଦ ଅନନ୍ତ ନାୟକଙ୍କ ସଭାପତିତ୍ୱରେ ସମସ୍ତ ବିଭାଗର ସାଂସଦଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲାର ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ତା'ର ତ୍ୱରିତ ସମାଧାନ ପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି 'ସମ୍ପର୍କ ସେତୁ' ଆପ



ସାଧାରଣ ଜନତାଙ୍କ ଅସୁବିଧାର ସମାଧାନ ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସାଂସଦ ଶ୍ରୀ ନାୟକ କହିଛନ୍ତି। ଏହି ବିଶେଷ ବୈଠକରେ ବିଜେପି ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ଜ୍ଞାନରଞ୍ଜନ ସାମନ୍ତସିଂହାର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତ, ବରଦା ସାହୁ, କିରଣବାଳା ନାୟକ ପ୍ରମୁଖ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

## ବିପର୍ଯ୍ୟସ୍ତ ଅର୍ବାନ୍ ହାଟ ଯୋଜନା

# ହସ୍ତଶିଳ୍ପ, ହସ୍ତକଳାର ପ୍ରଚାର ପ୍ରସାର ନାହିଁ : ପର୍ଯ୍ୟଟକ ବି ଲାଭବାନ ହେଲେନି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଣାକାର ଓ କାରିଗରମାନଙ୍କୁ ସିଧାସଳଖ ବଜାର ଯୋଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ଅର୍ବାନ୍ ହାଟ' ଯୋଜନା। ଏଥିରେ ଓଡ଼ିଶାର ତିନି ପ୍ରମୁଖ ପର୍ଯ୍ୟଟନସ୍ଥଳ ଯଥା ଭୁବନେଶ୍ୱର, ପୁରୀ ଓ କୋଣାର୍କରେ ଯଥାକ୍ରମେ ଏକାମ୍ର, ନୀଳାଚଳ ଓ କୋଣାର୍କ ହାଟ ନିର୍ମାଣ ହୋଇଥିଲା। ପର୍ଯ୍ୟଟକ ତଥା ସହରିଆଙ୍କୁ ଆକୃଷ୍ଟ କରିବାକୁ ଏହି ତିନିଟି ହାଟର ନିର୍ମାଣଶୈଳୀ ଗ୍ରାମୀଣ ଢାଞ୍ଚାରେ କରାଯାଇଥିଲା। କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବରୁ ଏହା କାରିଗର ଓ ବୁଣାକାରଙ୍କ କାମରେ ଆସି ପାରୁନାହିଁ। ଏକାମ୍ର ହାଟରେ କିଛି କିଛି ବ୍ୟବସାୟ ହେଉଥିଲା ବେଳେ ଦିନକୁ ଦିନ ଏହା ବିପର୍ଯ୍ୟସ୍ତ ହେବାକୁ ଯାଉଛି। ଏହା ଘରୋଇ ସଂସ୍ଥାକୁ ଟେକି ଦିଆଯିବ ବୋଲି ଅଭିଯୋଗ ଉଠିଲାଣି। ଅନ୍ୟପଟେ କୋଣାର୍କ ହାଟ ପରିତ୍ୟକ୍ତ ହୋଇ ପଡ଼ିଥିବା ବେଳେ ନୀଳାଚଳ ହାଟ କେବଳ କିଛି ପ୍ରଦର୍ଶନୀ ଓ ମେଳାରେ ସୀମିତ ରହିଛି। ରାଜଧାନୀର କେନ୍ଦ୍ରସ୍ଥଳରେ ଥିବା ଏକାମ୍ର ହାଟରେ ଗ୍ରାମୀଣ ପରିବେଶ ସହ ଘାସ ଗାଲିଚା, ବଡ଼ ବଡ଼ ବୃକ୍ଷଘେରା ପରିବେଶ ଓ ମଧ୍ୟ ଭାଗରେ ଛୋଟ ପୁଷ୍କରିଣୀ ସହରବାସୀଙ୍କୁ ବେଶ୍ ଆକର୍ଷିତ କରିପାରୁଥିଲା। କିନ୍ତୁ ୨୦୨୦ ମସିହାରେ ଏହାର ନବୀକରଣ ସମୟରେ ଏଠାରେ ଥିବା ଛୋଟ ପୁଷ୍କରିଣୀକୁ ଆଧୁନିକ ଫାଉଣ୍ଟେନ୍‌ରେ ପରିଣତ କରାଗଲା। ଏବେ ସେ ଫାଉଣ୍ଟେନ୍ ବି ଅଚଳ। ହାଟ ଭିତରେ ପଡ଼ିଥିବା ମାଟିଇଟାକୁ କାଢ଼ି ପେଭର ବ୍ଲକ୍ ପକାଇବା ଫଳରେ ହାଟ ପରିବେଶ ଆଉ ଥଣ୍ଡା ରହୁନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଏହାର ଏକଚତୁର୍ଥାଂଶ ଜାଗାରେ ହିଁ ନିର୍ମାଣ କାର୍ଯ୍ୟ ହୋଇପାରିବ ଓ ବାକି ସ୍ଥାନ ଖାଲି ରହିବ। କିନ୍ତୁ ଏକାମ୍ର ହାଟ ପଛପାଖରେ ଦୁଇମହଲା କୋଠା ନିର୍ମିତ ହୋଇ ୨ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଠାରେ ଥିବା ହୋଟେଲ୍ ଓ ପିଣ୍ଡିଗୁଡ଼ିକର ଆବଣ୍ଟନ ବି ଠିକ୍ ଭାବେ ହୋଇପାରୁନାହିଁ। ପୂର୍ବରୁ ବର୍ଷକୁ ହୋଟେଲ ପିଛା ୩୬ ହଜାର ଟଙ୍କା ଦେୟ ଦେବାକୁ ପଡୁଥିବା ବେଳେ ଏବେ ଅକ୍ସନ୍ କରି ହୋଟେଲ ପିଛା ବର୍ଷକୁ ଅଢ଼େଇ ଲକ୍ଷ ଟଙ୍କା ଦେୟ ଆଦାୟ କରାଯାଉଛି। ଲୋକଙ୍କ ଆଗମନ କମ୍ ସହ ୧୦ରୁ ଅଧିକ ହୋଟେଲ ଥିବାରୁ ଦେୟଦେବାକୁ ବ୍ୟବସାୟୀମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଫଳରେ ଏବେ ଅଧିକାଂଶ ହୋଟେଲ ବନ୍ଦ ହୋଇଗଲାଣି। ବୁଣାକାର ଓ ହସ୍ତଶିଳ୍ପୀମାନଙ୍କୁ ପିଣ୍ଡି ପାଇଁ ବର୍ଷକୁ ଥରେ ୧.୨୦ ଲକ୍ଷ ଟଙ୍କା ଦେୟ ଦେବାକୁ ପଡୁଥିବାରୁ ସେମାନେ ଏଥି ପାଇଁ ବିମୁଖ ହେଉଛନ୍ତି। ଏବେ ପାଖାପାଖି ଦେଢ଼ ବର୍ଷ ହେବ ଅଧିକାଂଶ ପିଣ୍ଡି ଓ ହୋଟେଲ ବନ୍ଦ ରହିଛି। ଏଭଳି ସ୍ଥିତିରେ ଏବେ କୌଣସି ଘରୋଇ ସଂସ୍ଥାକୁ ଏହା ପିପିପି ମୋଡ୍‌ରେ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ସେହିଭଳି ପୁରୀ ନୀଳାଚଳ ହାଟର ନବୀକରଣ ପରେ ଏହାର ଭିତ୍ତିଭୂମିରେ ସୁଧାର ଆସିଥିଲା। କିନ୍ତୁ ପର୍ଯ୍ୟଟକ ଆସୁନଥିବାରୁ ବିକ୍ରିବଟା ଜମୁନାହିଁ। ତେଣୁ ନୀଳାଚଳ ହାଟର ଅବସ୍ଥା ଅତ୍ୟନ୍ତ ସଙ୍ଗିନ। କୋଣାର୍କ ହାଟ ଏକ ପ୍ରକାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ରାଜ୍ୟର ତିନିଟି ଯାକ ଅର୍ବାନ ହାଟ ଏବେ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ପୂର୍ବରୁ ଇଡ୍‌କୋ ଏହି ହାଟଗୁଡ଼ିକର ରକ୍ଷଣାବେକ୍ଷଣ କରୁଥିଲା ବେଳେ ପରବର୍ତ୍ତୀ ସମୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗକୁ ଅର୍ବାନ୍ ହାଟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲା ପରେ ହାଟଗୁଡ଼ିକର ସ୍ଥିତି ବିଗିଡ଼ିବାରେ ଲାଗିଛି। ଏନେଇ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ କହିଛନ୍ତି, ତିନିଟି ଯାକ ଅର୍ବାନ ହାଟ କିଭଳି ଭଲ ଭାବେ କାର୍ଯ୍ୟକ୍ଷମ ହେବ ଏବଂ ଏହାକୁ ନେଇ ଅଧିକ କ'ଣ କରାଯାଇପାରିବ ଏବେ ସରକାରୀ ସ୍ତରରେ ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ରାଜ୍ୟର ଅର୍ବାନ ହାଟଗୁଡ଼ିକୁ ନେଇ ନୂଆ ନିଷ୍ପତ୍ତି ନିଆଯିବ।

# ମହାନଦୀରୁ ଯୁବକର ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ସାଲେପୁର, ନ୍ୟୁଜ ବ୍ୟୁରୋ**

ଗୁଆଳି ମଠସାହି ନିକଟରେ ମହାନଦୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ମାଛୁଆତିରେ ରହୁଥିବା ଦେବେନ୍ଦ୍ର ସ୍ୱାଇଁଙ୍କ ପୁଅ ଅମ୍ଲାନ ସ୍ୱାଇଁ ବୋଲି ଜଣାପଡିଛି । ଅମ୍ଲାନ ଦୈନିକସନ୍ଧ୍ୟାରେ ଯୋଗ ଓ ବ୍ୟାୟାମ କରିବାକୁ ଆସିଥାନ୍ତି । ମାତ୍ର ସେ ଘରକୁ ନଫେରିବାରୁ ପରିବାର ଲୋକେ ଚିନ୍ତିତ ଥିଲେ ଓ ଫୋନ ନଉଠାଇବାରୁ ଖୋଜାଖୋଜି କରି ପାଇନଥିଲେ । ଅମ୍ଲାନଙ୍କ ମୃତଦେହ ଗୁଆଳି ନିକଟରେ ମହାନଦୀ ତଟରେ ପଡ଼ିଥିବା ଖବର ପାଇ ପରିବାର ଲୋକେ ଥାନାରେ ଅଭିଯୋଗ ପରେ କିଶନନଗର ଥାନା ଓ ସାଲେପୁର ପୋଲିସ ପହଞ୍ଚି ମୃତଦେହ, ବାଇକ ଆଦି ଜବତ କରି ତଦନ୍ତ ଚଳାଇଛନ୍ତି । ମୃତ ଯୁବକଙ୍କ ପ୍ରକୃତ ଘର ନିଶ୍ଚିନ୍ତକୋଇଲି ବ୍ଲକ ବୋଧଙ୍ଗ ବୋଲି ଜଣାପଡିଛି । ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଓଡ଼ିଶା କିଣିବ ୧୦୦ଟି ନୂଆ ସାଇରନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଓ ପରେ ଭାରତ ପକ୍ଷରୁ ଅପରେସନ୍ 'ସିନ୍ଦୂର' ପରେ ଭାରତ-ପାକିସ୍ତାନ ଯୁଦ୍ଧ ଭୟ ବଢ଼ିଛି। ଲଗାତାର ଭାବେ ସୀମାରେ ଗୁଳି ବିନିୟମ ଜାରି ରହିଛି। ଯୁଦ୍ଧ ଭୟ ଭିତରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପତ୍ର ଲେଖି ବେସାମରିକ ପ୍ରତିରକ୍ଷା (ସିଭିଲ୍ ଡିଫେନ୍‌ସ) ନିୟମ-୧୯୬୮ ଲାଗୁ କରିଛନ୍ତି। ଏଥିରେ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ଜରୁରି କ୍ଷମତାକୁ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଛି। ରାଜ୍ୟରେ ମଧ୍ୟ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ୧୦୦ଟି ନୂଆ ସାଇରନ୍ କିଣିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ସାଇରନ୍ ଜିଲ୍ଲାମାନଙ୍କୁ ବଣ୍ଟାଯିବ। ଏହାସହ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ସିଭିଲ୍ ଡିଫେନ୍‌ସ ମୁଖ୍ୟାଳୟରେ ଏକ ହଟ୍‌ଲାଇନ୍ ବ୍ୟବସ୍ଥା ପାଇଁ ଉଦ୍ୟମ ଆରମ୍ଭ ହୋଇସାରିଥିବା ସୂଚନା ମିଳିଛି। ସିଭିଲ୍ ଡିଫେନ୍‌ସର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ଏବେ ୧୨ଟି ସ୍ଥାନରେ ସାଇରନ୍ ବ୍ୟବସ୍ଥା ରହିଛି। ତେବେ ଏସବୁ ବହୁ ପୁରୁଣା ହୋଇଥିବା କାରଣରୁ ମକ୍‌ଡ୍ରିଲ୍ ସମୟରେ ଲୋକମାନେ ଏହାକୁ ଠିକ୍‌ରେ ଶୁଣିପାରି ନ ଥିଲେ। ମାତ୍ର ନୂଆ ସାଇରନ୍ ଅତି କମ୍‌ରେ ୪ କି.ମି. ପର୍ଯ୍ୟନ୍ତ ଶୁଣିବାକୁ ମିଳିବ। ଏହା ସହ ଆହୁରି ୯ଟି ଜିଲ୍ଲାରେ ସ୍ଥାୟୀ ଭାବେ ଏହି ସାଇରନ୍ ବ୍ୟବସ୍ଥା କରିବା ଲାଗି ପ୍ରସ୍ତାବ ରହିଛି। ସେହିପରି ରାଜ୍ୟର ସିଭିଲ୍ ଡିଫେନ୍‌ସ ମୁଖ୍ୟାଳୟରେ ହଟ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ ହେବା ପରେ ପଶ୍ଚିମବଙ୍ଗର ସୁଲିଆସ୍ଥିତ ଏୟାରଫୋର୍ସ ଷ୍ଟେସନ୍ ସହ ଯୋଗାଯୋଗ କରାଯିବ। ସେଠାରୁ ପ୍ରତି ଅଧ ଘଣ୍ଟାରେ ଥରେ ବିଭିନ୍ନ ସୂଚନା ଦିଆଯାଇଥାଏ। ଏହି ସୂଚନାକୁ ଆଧାର କରି ଜିଲ୍ଲାମାନଙ୍କୁ ଜଣାଇ ଦିଆଯିବ। କେନ୍ଦ୍ର ସରକାର ସିଭିଲ ଡିଫେନ୍‌ସ ଜରୁରିକାଳୀନ ନିୟମ ଲାଗୁ କରିବା ପରେ ଏହା ଅଧୀନରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥା ଗୋଟିଏ ଛାତ ତଳେ କାମ କରିବେ ବୋଲି ସେ କହିଛନ୍ତି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଅଧିକ ସଂଖ୍ୟାରେ ସିଭିଲ ଡିଫେନ୍‌ସ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବା ଲାଗି ଉଦ୍ୟମ କରାଯାଉଛି। ସ୍ୱେଚ୍ଛାସେବୀ ନିୟୋଜିତ ହେବା ପରେ ସେମାନଙ୍କୁ ପ୍ରଶିକ୍ଷିତ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ସିଭିଲ୍ ଡିଫେନ୍‌ସର ନିୟନ୍ତ୍ରକ। ତେଣୁ ଜିଲ୍ଲାର ଆବଶ୍ୟକତା ଅନୁସାରେ ଜିଲ୍ଲାପାଳମାନେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବେ। କେନ୍ଦ୍ର ସରକାର ବେସାମରିକ ପ୍ରତିରକ୍ଷା ନିୟମ-୧୯୬୮ରେ ଜରୁରି କ୍ଷମତା କାର୍ଯ୍ୟକାରୀ ସଂପର୍କିତ ପତ୍ର ରାଜ୍ୟ ସରକାର ଜାରି କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

# ଆମ୍ବ ତୋଳିବା ହେଲା କାଳ, ଗଛରୁ ପଡ଼ି ଯୁବକ ମୃତ

**ଫିରିଙ୍ଗିଆ, ନ୍ୟୁଜ ବ୍ୟୁରୋ**

ଆମ୍ବୁଲ ପାଇଁ ଆମ୍ବ ତୋଳିବା ହେଲା କାଳ। ଗଛରୁ ପଡି ଜଣେ ଯୁବକର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ଡାଙ୍ଗେଡ଼ିକିଆ ଗାଁ ବର ସାହିରେ ଏହି ଅଭାବନୀୟ ଘଟଣା ଘଟିଛି । ମୃତ ଯୁବକ ଜଣକ ହେଲେ ଡାଙ୍ଗେଡ଼ିକିଆ ବରସାହିର ବୁଧଦେବ କହଁର। ଡାଙ୍ଗେଡ଼ିକିଆ ବର ସାହିର ବୁଧଦେବ କହଁର ଆମ୍ବୁଲ କରିବା ପାଇଁ ନିଜ ଘର ପାଖରେ ଥିବା ଆମ୍ବ ଗଛରୁ ଆମ୍ବ ତୋଳିବାକୁ ଯାଇଥିଲେ । ଗଛରେ ଚଢ଼ି ଅସାବଧାନତାରୁ ଗଛରୁ ଖସି ପଡ଼ିଥିଲେ। ଗଛ ତଳେ ଥିବା ଗୋଟିଏ ଖୁଣ୍ଟାରେ ପଡିବାରୁ ଖୁଣ୍ଟାଟି ବେକରେ ଭୁସି ହୋଇ ଯାଇଥିଲା। ପରିବାର ଲୋକେ ଏବଂ ଗାଁ ଲୋକ ବୁଧଦେବଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଫିରିଙ୍ଗିଆ ମେଡିକାଲକୁ ନେଇଥିଲେ। ଫିରିଙ୍ଗିଆ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଫିରିଙ୍ଗିଆ ମେଡିକାଲରେ ଫିରିଙ୍ଗିଆ ପୋଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟ ମାମଲା ରୁଜୁ କରି ମୃତଦେହ ବ୍ୟବଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଗ୍ରୀଷ୍ମପ୍ରବାହକାଳରେ ଅଘୋଷିତ ବିଜୁଳି କାଟ୍‌କୁ ନେଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ: ଜନଜୀବନ ଅସ୍ତବ୍ୟସ୍ତ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଛି ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ କନ୍ଧମାଳ ଜିଲ୍ଲା ବାଲିଗୁଡା ସହରରେ ମଧ୍ୟ ଦେଖିବାକୁ ମିଳିଛି । ଦିନସାରା ଚଳଚଞ୍ଚଳ ରହୁଥିବା ବାଲିଗୁଡା ସହରର ସ୍ଥିତି କିନ୍ତୁ ବର୍ତ୍ତମାନ ବଦଳି ଯାଇଛି । ବର୍ତ୍ତମାନ ଦିନ ବେଳା ଏହାର ରାସ୍ତାଘାଟ ସମ୍ପୂର୍ଣ୍ଣ ଶୂନଶାନ୍ ରହୁଛି । ବର୍ତ୍ତମାନ ସକାଳ ଆଠ ଘଣ୍ଟା ପରଠାରୁ ଖରା ବୃଦ୍ଧି ପାଇ ଦିନ ଏଗାରଟା ବେଳକୁ ଏହା ଅସହ୍ୟ ହୋଇପଡୁଛି । ଏହି ଖରା ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ରହୁଛି । ଏପଟେ ଦିନ ବାରଟା ପରଠାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ସହରରେ କୌଣସି ଲୋକଙ୍କୁ ଦେଖିବାକୁ ମିଳୁନି । ଗାଡ଼ିମଟର ଯାତାୟତ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାସ୍ତାଘାଟ ଖାଁ ଖାଁ ଲାଗୁଛି । ପୂର୍ବରୁ ଏହିଭଳି ଖରା କେବେ ହୋଇନଥିବା କଥା ସ୍ଥାନୀୟ ଜନସାଧାରଣ କହୁଛନ୍ତି । ଦିନ ସାରା ପ୍ରବଳ ଖରା ସାଙ୍ଗକୁ ରାତିର ପ୍ରବଳ ଗୁଳୁଗୁଳି ଜୀବନ ଯନ୍ତ୍ରଣାକୁ ବଢାଇଦେଉଛି । ଗୁଳୁଗୁଳି ଯୋଗୁଁ ଲୋକଙ୍କୁ ରାତି ଗୋଟାଏ ପର୍ଯ୍ୟନ୍ତ ନିଦ ହେଉନି । ବାଲିଗୁଡାରେ ଦିନ ତାପମାତ୍ରା ସର୍ବାଧିକ ୩୯ ଡିଗ୍ରିଥିବା ଜଣାପଡିଛି । ଗତ ପାଞ୍ଚ ଦିନ ହେଲା ପାରଦ ୪୦ରୁ ୪୨ ଡିଗ୍ରୀ ରହୁଛି । ଆଗାମୀ ଦିନରେ ଏହା ଅଧିକା ଡିଗ୍ରୀ ଛୁଇଁବାର ସମ୍ଭାବନା ଅଛି । ପ୍ରବଳ ଗରମରେ ଛୋଟ ଛୁଆ, ବୟସ୍କଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡୁଛି । ଏସି, କୁଲର, ପଙ୍ଖା କିଛି ବି କାମ କରୁନି। ଏହା ସହିତ ତାଳ ଦେଉଛି ଆଘୋଷିତ ବିଦ୍ୟୁତ୍ କାଟ । ଲୋକେ ଗୁଳୁଗୁଳିରେ ଛଟପଟ ହୋଇ ବିଳମ୍ବରେ ଶୋଉଥିବା ବେଳେ ସକାଳୁ ସକାଳୁ ଅଘୋଷିତ ବିଦ୍ୟୁତ୍



କାଟ ହେବା ଯୋଗୁଁ ଲୋକଙ୍କ ଯନ୍ତ୍ରଣା ସକାଳୁ ସକାଳୁ ହିଁ ବଢ଼ି ଯାଉଛି । ସହରରେ ମନ ଇଚ୍ଛା ବିଦ୍ୟୁତ୍ କାଟ ହେବା ଯୋଗୁଁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । କେଉଁ କାରଣରୁ ବିଜୁଳିକାଟ୍ କରାଯାଉଛି ତାହା ଜଣାପଡୁନି । ପୂର୍ବରୁ ତାର ଛିଡିଯିବା କିମ୍ବା ଶଙ୍ଖ ଫାଟିଯିବା କଥା କହି ବିଜୁଳି ବିଭାଗ ବିଜୁଳିକାଟ୍ କରୁଥିବା ବେଳେ ଏବେ ମେଣ୍ଟେନାନ୍ସ କଥା କହି ବିଜୁଳିକାଟ୍ କରାଯାଉଛି ବୋଲି ଶୁଣିବାକୁ ମିଳୁଛି । ଖରା ହେଉ କି ବର୍ଷା କିମ୍ବା ଶୀତ ସବୁ ବେଳେ ବିଜୁଳି କାଟ୍ । ସେହିପରି ସାମାନ୍ୟ ବର୍ଷା ପବନ କିମ୍ବା ବିଜୁଳି ଘଡଘଡି ହେଲେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ କରାଯାଉଛି । ଏହି ବିଜୁଳିକାଟ୍‌ର କୌଣସି ସମୟସୀମା ନାହିଁ । ଯେତେବେଳେ ନାହିଁ ସେତେବେଳେ କରାଯାଉଛି ବିଜୁଳିକାଟ୍ । ଦିନର ଅଧିକାଂଶ ସମୟ ବିଜୁଳି ରହୁନଥିବା ବେଳେ ବିଳମ୍ବିତ ରାତି ଆଉ ଭୋର ସମୟରେ ମଧ୍ୟ ବିଜୁଳିକାଟ୍ କରାଯାଉଛି । ଏ ନେଇ ସମଗ୍ର ବାଲିଗୁଡା ଅଞ୍ଚଳରେ ଅଘୋଷିତ ବିଜୁଳିକାଟ୍‌କୁ ନେଇ ଉପଭୋକ୍ତାଙ୍କ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଅଧିକାଂଶ ସମୟରେ ବିନା କାରଣରେ ବିଜୁଳିକାଟ୍ କରାଯିବାର କାରଣ ଜଣାପଡୁନି । ଏସଂପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଲେ ଯେ, ଫୁଲବାଣୀ ସେକ୍ସନ ବିଦ୍ୟୁତ ବାରମ୍ବାର ଟ୍ରିପ ନେଉଛି, ଯାହାକି କଣ୍ଟ୍ରୋଲ କରି ହେଉନାହିଁ, ଏଣୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ହେଉଛି, ଏଣୁ ବେଶୀ ସମୟ ଏପରି ହେଲେ ବାଧ୍ୟ ହୋଇ ଲୋ ଭୋଲଟେଜରେ ରାଇକିଆ ଷ୍ଟକଚର ଲାଇନ ଦିଆ ଯାଉଛି ବୋଲି ପ୍ରକାଶ କରିଛନ୍ତି ।

# ବ୍ରହ୍ମପୁରରେ କେରଳ ମଡ଼େଲ୍ ହେଲ୍‌ଥ ସିଟି ପ୍ରସ୍ତାବ

## ପୁରାତନ, ଜଟିଳ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ !

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସମ୍ପ୍ରତି ଆୟୁର୍ବେଦିକ ଚିକିତ୍ସା ପ୍ରତି ଲୋକଙ୍କ ଆଶା ଓ ଆକାଂକ୍ଷା ବୃଦ୍ଧି ପାଉଥିବା ବେଳେ ସରକାରୀ ସ୍ତରରେ ଏନେଇ ଆବଶ୍ୟକୀୟ ପ୍ରୋତ୍ସାହନର ଅଭାବ ଯୋଗୁଁ ସୁଫଳ ମିଳିପାରୁନଥିବା ଅଭିଯୋଗ ହୋଇଛି । ବହୁ ପୁରାତନ ରୋଗ ତଥା ବାତ, ସ୍ନାୟୁ, ପୁରୁଣା ବ୍ୟଥା, ଅଣ୍ଟା ସମସ୍ୟା ଓ ବହୁ ଜଟିଳ ରୋଗର ଚିକିତ୍ସା ପାଇଁ ଲୋକେ ଏଲୋପାଥିକ, ହୋମିଓପାଥିକ୍ ବଦଳରେ ଆୟୁର୍ବେଦିକକୁ ବେଶ୍ ଆପଣାଉଥିବା ବେଳେ ଏହାର ଔଷଧକୁ ବାଦ୍ ଦେଲେ ଆବଶ୍ୟକୀୟ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ପ୍ରାୟତଃ ଉପଲବ୍ଧ ହୋଇପାରୁନାହିଁ । ସୂଚନାଯୋଗ୍ୟ ଯେ, ଏଲୋପାଥିକ୍ ଚିକିତ୍ସା ଦ୍ୱାରା ବାତ, ସ୍ନାୟୁ, ପୁରୁଣା ବ୍ୟଥା, ଅଂଟା ସମସ୍ୟା ପାଇଁ ବିଶେଷଜ୍ଞମାନଙ୍କ ପକ୍ଷରୁ ବହୁଳ ଖର୍ଚ୍ଚର ନିଦାନ ପାଇଁ ପରାମର୍ଶ ଦେଉଥିବା ବେଳେ ପରବର୍ତ୍ତୀ ସମୟରେ ଯେଉଁ ଔଷଧ ଦେଉଛନ୍ତି, ତାହାଦ୍ୱାରା କେତେକ ନୂତନ ରୋଗ ଉଦ୍‌ଭାବନ ହେବାର ବେଶ୍ ସମ୍ଭାବନା ରହିଛି । ଏପରିକି ଉକ୍ତ ରୋଗ ପାଇଁ ଆବଶ୍ୟକୀୟ ପେନ୍ କ୍ଲିୟର ଓ ଅନ୍ୟାନ୍ୟ ଔଷଧର ପ୍ରାୟତଃ ପାର୍ଶ୍ୱ ପ୍ରତିକ୍ରିୟା ରହୁଥିବା ବେଳେ ସେଥି ପାଇଁ ପୁଣି ଚିକିତ୍ସକ ମାନେ ଔଷଧ ଲେଖି ଅଯଥା ବୋଝ ରୋଗୀଙ୍କ ମୁଣ୍ଡ ଉପରେ ଲଦିବା ସ୍ୱାଭାବିକ । ଅନ୍ୟ ପକ୍ଷରେ ହୋମିଓପାଥିକ ଔଷଧ ଏକ ଶୃଙ୍ଖଳିତ ଓ ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଚିକିତ୍ସା କୁହାଯାଉଥିଲେ ହେଁ ଏଥିରେ ତ୍ୱରିତ୍ ଉପଶମ ସମ୍ଭବପର ହେଉପାରୁନଥିବାରୁ ଅତି କଷ୍ଟ ଅନୁଭବ କରି ଦିନ ବିତାଉଥିବା ଜଣେ ପୁରାତନ ରୋଗୀ ସମୟୋ ଉଚିତ୍ ଚିକିତ୍ସା ପାଇଁ ପ୍ରାୟତଃ ଅମଙ୍ଗ ହୋଇପଡୁଥିବା ଦେଖିବାକୁ ମିଳିଛି । ତେବେ ଆଜିକାଲି ଆୟୁର୍ବେଦିକ୍ ଚିକିତ୍ସା ପାଇଁ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ହସ୍ପିଟାଲ୍ ସମେତ ବହୁ ଔଷଧ ଦୋକାନ, ଆୟୁର୍ବେଦିକ୍ କ୍ଲିନିକ୍ ଖୋଲାଯାଇଥିଲେ ହେଁ କେବଳ ଔଷଧ ବ୍ୟତୀତ ଅନ୍ୟ ଚିକିତ୍ସା ଉପଲବ୍ଧ ହୋଇପାରୁନାହିଁ । ଯଦ୍ଦ୍ୱାରା ଘରୋଇ ଭାବେ ବ୍ରହ୍ମପୁର ସମେତ ବିଭିନ୍ନ ଅଂଚଳରେ ଖୋଲାଯାଇଥିବା କାଳୁପଡ଼ାଶେକ, ଆସିକା ନିକଟସ୍ଥ ଝରପାଡ଼ାରେ ଜଣେ ବୈଦ୍ୟଙ୍କ ଚିକିତ୍ସାକୁ ଲୋକେ ଆପଣାଇବାର ନଜିର ରହିଛି । ଏହିଭଳି ଚିକିତ୍ସା ପ୍ରାୟତଃ ଅଶିକ୍ଷିତ, ଗ୍ରାମାଂଚଳ ଲୋକେ ପସନ୍ଦ କରୁଥିବା ବେଳେ ଶିକ୍ଷିତଙ୍କ ପକ୍ଷରେ ଏହା ଗ୍ରହଣୀୟ ହୋଇପାରୁନାହିଁ । ଯଦ୍ଦ୍ୱାରା କେରଳର ଖୋଲାଯାଇଥିବା ସ୍ୱାସ୍ଥ୍ୟ ଟ୍ୟୁରିଜିୟମ୍ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖାଯାଇଛି । ଉକ୍ତ ସ୍ୱାସ୍ଥ୍ୟ ଟ୍ୟୁରିଜିୟମରେ ଗୋଟିଏ ସ୍ଥାନରେ ଚିକିତ୍ସା ସମେତ ଛୁଟି ବିତାଇବା ପାଇଁ ବେକ୍ ୱାଟର ବୋଟିଂ, ପଂଚକର୍ମ ଚିକିତ୍ସା ଭଳି ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ବ୍ରହ୍ମପୁରର କେରଳ ମଡ଼େଲ୍ ହେଲ୍‌ଥ ସିଟି ପ୍ରତିଷ୍ଠା ପାଇଁ ଦେଇଥିବା ପ୍ରସ୍ତାବ ବର୍ତ୍ତମାନ ବ୍ରହ୍ମପୁର ପାଇଁ ଅତ୍ୟନ୍ତ ଆବଶ୍ୟକ ଅନୁଭୂତ ହେଉଛି ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ଦୋଳବେଦୀ ପାଲଟିଛି ଶ୍ରୀମନ୍ଦିର କାର୍ଯ୍ୟାଳୟର ଡଷ୍ଟବିନ୍



**ପୁରୀ, ନ୍ୟୁଜ ବ୍ୟୁରୋ**

ପବିତ୍ର ଦୋଳବେଦୀ ପରିସର ଏବେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଡଷ୍ଟବିନ ପାଲଟିଥିବା ଅଭିଯୋଗ ହେଉଛି । ପୁରୁଣା ବହି, ଖାତା, ଜରି ଫାଇଲ, ଚିଠି ପାର୍ସଲ, ନୋଟ ପ୍ୟାଡ଼, ଅର୍ଡର ସିଟ, ଗୋଳେଇ ସିଲବାଜିଥିବା କାଗଜାତ ଆଦି ଅନେକ କାଗଜ ପଡ଼ିଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଛାତ ଉପରେ ଏଭଳି ନଥିପତ୍ର ପଡ଼ିଥିବା ଦେଖିବାକୁ ମିଳିଥିଲା । ସାଧାରଣ ଜନତା ପ୍ରଶ୍ନ କରିଛନ୍ତି ଯେ ଏହି ସବୁ ଫାଇଲ ଏଣେତେଣେ ପକାଇବାର ଭିତିରି ଉଦ୍ଦେଶ୍ୟ କ'ଣ? ଶ୍ରୀମନ୍ଦିର କାର୍ଯ୍ୟାଳୟ ଏକ ପବ୍ଲିକ ଅଫିସ । ବିଭିନ୍ନ କାର୍ଯ୍ୟ ପାଇଁ ଜନସାଧାରଣ ଏହି କାର୍ଯ୍ୟାଳୟକୁ ଯାଇଥାନ୍ତି । ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଟଙ୍କାର ଜମିଜମା ଫାଇଲ ରହିଛି । ପୁରୀ ସହରରେ ଗୃହ ନିର୍ମାଣ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏନଓସି ଦେଉଛି । ପବ୍ଲିକ ଅକଶନ ନୋଟିସ କରାଯାଇ ଏହାକୁ ସର୍ବସାଧାରଣରେ ବିକ୍ରି କିମ୍ବା ନଷ୍ଟ କରିବା ବିଧି ରହିଛି । ଏହି ସବୁ କାଗଜପତ୍ର କିଏ ଫୋପାଡିଲା, କାହିଁକି ଫୋପାଡିଲା, କେଉଁ ଉଦ୍ଦେଶ୍ୟ ନେଇ ଫୋପାଡିଲା, ଏହାର ରହସ୍ୟ କଣ ସେ ସମ୍ପର୍କରେ ଜନତା ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ବହୁବର୍ଷ ଧରି କାର୍ଯ୍ୟାଳୟର ଆୟ ବ୍ୟୟ ହିସାବ ଅଡିଟ ହୋଇଛି କି ନାହିଁ ସେ ସମ୍ପର୍କରେ ଭକ୍ତ ମାନଙ୍କ ଉତ୍କଣ୍ଠା ବଢ଼ିଯାଇଛି । ଦୋଳବେଦୀ ପରିସର ଏକ ଧାର୍ମିକ ସ୍ଥାନ । ଏବେ ରଥଯାତ୍ରା ପାଇଁ ଅସ୍ଥାୟୀ କମାରଶାଳ ଖୋଲାଯାଇଛି । ରଥ ନାହାକା ପାଇଁ ଏଠାରେ କାଠ ଚିରଟ ହେବ । ଏହି ଅଳିଆକୁ ତୁରନ୍ତ ସଫା କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୨।୫।୨୦୨୫, ବୈଶାଖ ଦ୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୨।୫୩** **ଚନ୍ଦ୍ରୋଦୟ- ସଂଘ ୬।୦୩।୧୨**

**ପୂର୍ଣ୍ଣିମା-** ରାଘ ୧୦।୨୬ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର ମଳ-** ପ୍ରାଘ ୬।୧୭ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ରାଘ ୨।୨୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୨।୨୭ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୦।୨୬ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୬ ଗତେ ଘ ୬।୫୨ ମଧ୍ୟେ । ଦିଘ ୪।୩୩ ଗତେ ଘ ୫।୧୯ ମଧ୍ୟେ । **ପର୍ବୋତ୍ସବ-** ଚନ୍ଦନ ବା ବୁଦ୍ଧ ପୂର୍ଣ୍ଣିମା, ବୈଶାଖ ବ୍ରତ ଉଦ୍‌ଯାପନ, ଭୀମ ଭୋଇ ଜୟନ୍ତୀ ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢ଼ିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢ଼ିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।



**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।



**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।



**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।



**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢ଼ିବାର ସୂଚନା।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୩।୦୫।୨୦୨୫, ବୈଶାଖ ଦି୩୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୨।୨୮** **ଚନ୍ଦ୍ରୋଦୟ- ସଂଘ ୬।୫୭।୧୧**

**ପ୍ରତିପଦ-** ରାଘ ୧୨/୩୪ ପର୍ଯ୍ୟନ୍ତ। **ବିଶାଖାନକ୍ଷତ୍ର -** ଦିଘ ୯/୦୯ ପର୍ଯ୍ୟନ୍ତ। **ବିଛାଚନ୍ଦ୍ର-**ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ପାଣି କଖାରୁ ରାଘ ୧୨/୩୬ ପରେ ବୋଇତ କଖାରୁ ଖାଇବା ମନା, **ଆଜିର ଶୁଭବେଳା-** ଦିଘ. ୮।୨୯ ଗତେ ଘ ୧୦।୨୫ମଧ୍ୟେ, ଦିଘ ୪।୩୩ଗତେ ଘ ୫।୧୯ ମଧ୍ୟେ। ପର୍ବୋତ୍ସବ- ନାରଦ ଜୟନ୍ତୀ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଉତ୍କଟ ଦାରିଦ୍ର୍ୟ କବଳରେ ୬୮.୫ କୋଟି

ସାରା ବିଶ୍ୱ ୧୯୭୦ ପରେ ସବୁଠୁ ଖରାପ ମାନ୍ଦାବସ୍ଥା ସମୟ ଦେଇ ଗତି କରୁଛି । ଏହାର ପ୍ରଭାବରେ ବର୍ଷ ଶେଷ ବେଳକୁ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ୬୮.୫ କୋଟିକୁ ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ଦାରିଦ୍ର୍ୟ ଦୂରୀକରଣ ଦିଗରେ ୨୦୨୨ ଏକ ବଡ ଧକ୍କା ସାବ୍ୟସ୍ତ ହେବାକୁ ଯାଉଛି । ୨୦୨୦କୁ ବାଦ ଦେଲେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏଭଳି ଖରାପ ସମୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି ।

ବିଶ୍ୱବ୍ୟାଙ୍କ ଆକଳନ କରିଛି ଯେ ୨୦୩୦ ସୁଦ୍ଧା ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ୫୭.୪ କୋଟି ରହିବ । କରୋନା ମହାମାରୀର ପ୍ରଭାବ ବ୍ୟତୀତ ଖାଦ୍ୟ ଓ ଶକ୍ତି ମୂଲ୍ୟରେ ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଋଷ୍–ୟୁକ୍ରେନ ଯୁଦ୍ଧ ଯୋଗୁ ଅର୍ଥନୀତିରେ ଆଶାନୁରୂପ ସୁଧାର ହୋଇନି । ବର୍ଷକ ଭିତରେ ବିକାଶଶୀଳ ରାଷ୍ଟ୍ରରେ ଋଣ ସଙ୍କଟ ଉତ୍କଟ ହୋଇଛି । ବିଶ୍ୱର ୬୦ ପ୍ରତିଶତ ଗରିବ ରାଷ୍ଟ୍ର ଋଣ ସଙ୍କଟରେ ପଡିଛନ୍ତି ଅଥବା ପଡିବାକୁ ଯାଉଛନ୍ତି । ଋଣରେ ବୃଦ୍ଧି ରହିଥିବାରୁ ଗରିବ ଦେଶଗୁଡ଼ିକ ଅର୍ଥନୈତିକ ସଂସ୍କାର, ସ୍ୱାସ୍ଥ୍ୟ ସେବା, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ରୋକିବା ଏବଂ ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିବେଶ କରିପାରୁନାହାନ୍ତି । ୨୦୨୨ର ପ୍ରଥମ ଭାଗରେ ଶକ୍ତି ମୂଲ୍ୟରେ ହୋଇଥିବା ବୃଦ୍ଧି ଯୋଗୁ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଖରେ ସୁଲଭ ମୂଲ୍ୟରେ ଶକ୍ତି ପହଞ୍ଚାଇବା ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ୭୩.୩ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନି । ୨୦୩୦ ସୁଦ୍ଧା ୬୭ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନଥିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି ।

୨୦୦୦ ମସିହା ପରେ ଦାରିଦ୍ର୍ୟ ଦୂରୀକରଣରେ ମିଳିଥିବା ସଫଳତା ଦୂର ହୋଇଯିବ । ବିଶେଷ କରି ନିମ୍ନ ଓ ମଧ୍ୟମ ଆୟ ବର୍ଗ ରାଷ୍ଟ୍ରରେ ଏହି ଲାଭ ଅର୍ଥହୀନ ହୋଇପଡିବ । ନିମ୍ନ ଓ ମଧ୍ୟମ ଆୟ ବର୍ଗର ରାଷ୍ଟ୍ରରେ ପ୍ରତି ୧୦୦ ପିଲାଙ୍କ ମଧ୍ୟରୁ ୭୦ ଜଣ ଶିକ୍ଷାରୁ ବଞ୍ଚିତ ୧୦ ଜଣ ସ୍କୁଲ ଯିବାରୁ ବଞ୍ଚିତ ହୋଇଛନ୍ତି । ଯଦି ସେହି କ୍ଷତି ଭରଣା କରାନଯିବ ତେବେ ତାହାର ଦୀର୍ଘସ୍ଥାୟୀ ପ୍ରଭାବ ଦେଶର ଅର୍ଥନୀତି ଉପରେ ରହିବ । ଫଳରେ ଅସମାନତା ବୃଦ୍ଧି ପାଇବା ସହ ସାମାଜିକ ଅସ୍ଥିରତା ଦେଖାଦେବ । ।

# ଅସହଯୋଗରୁ ସହଯୋଗ ଓ ଗୋଦାବରୀଶ ମିଶ୍ର



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଦିନ ବଦଳେ, ମଣିଷର ରୀତି, ନୀତି, ଗତି ବି । ଭଲ ମଣିଷମାନଙ୍କ କଥା ଭିନ୍ନ । ସେମାନେ ପ୍ରତିକୂଳ ପରିସ୍ଥିତିରେ ବଢ଼ନ୍ତି; କିନ୍ତୁ ଆଦର୍ଶକୁ ବଳି ଦିଅନ୍ତିନି । ସେମିତି ଜଣେ ପ୍ରାତଃ ସ୍ମରଣୀୟ ମହାପୁରୁଷ ଗୋଦାବରୀଶ ମିଶ୍ର । ସମୟ ତାଙ୍କୁ ଭିନ୍ନ ଭିନ୍ନ ସ୍ଥିତିରେ ଛିଡ଼ା କରାଇ ଦେଇଛି । ତଥାପି ଶିକ୍ଷା, ରାଜନୀତି, ସଂସ୍କାର ପ୍ରତିଟି କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ରହିଛି । ଅସହଯୋଗ ସ୍ଥଗିତ ହେଲା । ସିଂହଭୂମିରେ ରହିବା ତାଙ୍କ ପାଇଁ ଅଦରକାରୀ ହୋଇଗଲା । ଏବେ ନିଜ ଗାଁରେ, ସାତପୁରୁଷ କୁଡ଼ିଆରେ ବି ରହିଲେନି । ଶାଳିଆ ନଈକୂଳ ଆଶ୍ରମକୁ ଆଦରିନେଲେ । ସବୁବେଳେ ନିଅଣ୍ଟ, ଅଭାବ ଅନଟନ । ସତ୍ୟବାଦୀ ବନବିଦ୍ୟାଳୟର କୃପାସିନ୍ଧୁ ମିଶ୍ର ଏକଥା ଜାଣିଲେ । ବନବିଦ୍ୟାଳୟକୁ ଫେରିଆସିବାକୁ ଚିଠିଦେଲେ । କିନ୍ତୁ ଗୋଦାବରୀଶ ଅମଙ୍ଗ ହେଲେ । ଉତ୍ତରରେ ଲେଖିଲେ, "ଲୋକସେବା କରିବା କଥା ତ – ମୁଁ ଏହିଠାରେ ରହି କରେ । ତୁମେ ମୋ ଲାଗି ବର୍ତ୍ତମାନ ଭାବି ହୁଅନାହିଁ ।" କୃପାସିନ୍ଧୁ ଏଥିରେ ସମ୍ମତ ହେଲେ । ସେମାନେ ପାଉଥିବା ମାସିକ ଚାଳିଶ ଟଙ୍କା ଗୋଦାବରୀଶଙ୍କ ପାଖକୁ ପଠାଇ ଦେବାକୁ ପ୍ରସ୍ତାବ ଦେଲେ । ଗୋଦାବରୀଶ ତାହା ଗ୍ରହଣ କରିନଥିଲେ । ସ୍ୱାଭିମାନୀ ମଣିଷ କ'ଣ କାହାରି ହାତ ଟେକାକୁ ଚାହିଁ ରହିଛି ନା ରହିବ ?

ବାଣପୁର ଗୋଦାବରୀଶଙ୍କ ନୂଆ କର୍ମକ୍ଷେତ୍ର । ରବୀନ୍ଦ୍ରନାଥ ମଜୁମ୍‌ଦାର ତାଙ୍କ ସହକର୍ମୀ । ସେ ବଙ୍ଗ ସ୍ୱଦେଶୀ ଆନ୍ଦୋଳନର ଟାଣୁଆ ଯୁବକର୍ମୀ । ଭାରି ତେଜୀୟାନ, ସ୍ୱାଧୀନଚେ଼ତା, ଜାତୀୟତାବାଦୀ । ଘଟଣାଚକ୍ରରେ ଏବେ ସରକାରୀ ଚାକିରିଆ; କିନ୍ତୁ ତନୁ, ମନ, ପ୍ରାଣରେ ଦେଶପ୍ରେମୀ । ବିହାର–ଓଡ଼ିଶା ବ୍ୟବସ୍ଥା ସଭାରେ ଗୋପବନ୍ଧୁ ସଭ୍ୟ ଥାଆନ୍ତି । ଜଙ୍ଗଲ ବିଭାଗ ପରିଚାଳନା ସମ୍ପର୍କରେ ସମସ୍ତ ତଥ୍ୟ ସେ ଗୋପବନ୍ଧୁଙ୍କୁ ଯୋଗାଇ ଦିଅନ୍ତି । ଗୋପବନ୍ଧୁ ବ୍ୟବସ୍ଥା ସଭାରେ ତାହାକୁ ଆଧାରକରି ସରକାରଙ୍କୁ ଅଡୁଆରେ ପକାନ୍ତି । ଏକଥା ଜଣାପଡ଼ିଲା । ମଜୁମ୍‌ଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ରୋଷର ଶିକାର ହେଲେ । ଚାକିରି ତାଙ୍କୁ ଆଉ ସୁହାଇ ନଥିଲା । କଙ୍କଡ଼ାକୁ ଗୋଳିପାଣି ସୁହାଏ । ମଜୁମ୍‌ଦାରଙ୍କୁ ସୁଯୋଗ ମିଳିଗଲା । ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ଚାକିରି ଛାଡ଼ିଲେ । ବାଣପୁରରେ କାଠ ବ୍ୟବସାୟ ଆରମ୍ଭ କଲେ । ନିଜେ ଚଳିଲେ, ବଳକା ପାଣ୍ଠିକୁ ଦେଶସେବାରେ ଲଗାଇଲେ ।

ମଜୁମ୍‌ଦାର ଆଧୁନିକ ଯୁବକ, ବିଶ୍ୱବିଦ୍ୟାଳୟ ଯୋଗ୍ୟତା ଖୁବ୍ ବେଶି ନଥିଲା । କିନ୍ତୁ ବହୁପାଠୀ, ଜ୍ଞାନୀ ବି । ବଙ୍ଗାଳୀ ହୋଇ ମଧ୍ୟ ଓଡ଼ିଆ ସାହିତ୍ୟରେ ତାଙ୍କର ବେଶ୍ ପ୍ରବେଶ । ସେଇ ପ୍ରବେଶ ସହାନୁଭୂତିର । ଓଡ଼ିଆ, ବଙ୍ଗାଳୀ ଭେଦ ତାଙ୍କର ନଥିଲା । ଗୋଦାବରୀଶ ମଜୁମ୍‌ଦାରଙ୍କ ସହ ସାହିତ୍ୟ ଆଲୋଚନାରେ ହଜି ମଜି ଯାଆନ୍ତି । ଖୁବ୍ ଆନନ୍ଦ ପାଆନ୍ତି । ସ୍ୱପ୍ନବାଦୀ ମଜୁମ୍‌ଦାର । କଥାକଥାରେ ସ୍ୱର୍ଗରାଜ୍ୟକୁ ଉଠାଇ ନିଅନ୍ତି, ବ୍ୟୋମର ଅନନ୍ତ ପଥରେ ବୁଲାଇ ପାରନ୍ତି । ତାଙ୍କ ସହ ଗୋଦାବରୀଶଙ୍କ ସମ୍ପର୍କ ନିବିଡ଼ ହେଲା । ମଜୁମ୍‌ଦାର ମଧ୍ୟ ଥରେ ଥରେ ବାଣପୁର ଆଶ୍ରମରେ ରାତିଏ ଦି' ରାତି କଟାଇବାକୁ କୁଣ୍ଠା ପ୍ରକାଶ କରୁନଥିଲେ ।

ଭଲମଣିଷଙ୍କ ଦୁଃଖ ଭଗବାନ ବୁଝନ୍ତି । ଏକଥାଟି ଗୋଦାବରୀଶଙ୍କ ଅଙ୍ଗେ ନିଭାଇବା କଥା । ମଜୁମ୍‌ଦାର ତାଙ୍କ ଦୁର୍ଦ୍ଦିନରେ ଚଳାଚଳ ପାଇଁ ଚାରିଶ ଟଙ୍କାର ସରକାରୀ କାଗଜ ପଠାଇଲେ । ସେତେବେଳେ ସରକାରୀ କାଗଜର ବଜାର ଦର ଶତକଡ଼ା ଷାଠିଏରୁ ପଞ୍ଚଷଠି ଭିତରେ ପଡୁଥାଏ, ଉଠୁଥାଏ । ହଠାତ୍ ତା'ର ଦର ବଢ଼ିଗଲା । ସେଇଟିକୁ ଗୋଦାବରୀଶ ବ୍ରହ୍ମପୁରରେ ଭଙ୍ଗାଇଲେ । ପାଇଲେ ତିନିଶ ଛୟାନବେ ଟଙ୍କା । ତାକୁ ବି ଲୋକସେବାରେ ଲଗାଇଲେ । ଇଚ୍ଛା ତ ପ୍ରବଳ; କିନ୍ତୁ ଦାରିଦ୍ର୍ୟ ପ୍ରଧାନ ବାଧକ । ଅର୍ଥ ସବୁବେଳେ ପଛକୁ ଗୋଡ଼ ଟାଣେ । ତଥାପି ଆଗେଇବାକୁ ପଡ଼େ । ଏ ପରିପ୍ରେକ୍ଷୀରେ ସୁନ୍ଦର ଶ୍ଳୋକଟିଏ, "ଉତ୍ଥାୟ ହୃଦିଲୀୟନ୍ତେ ଦରିଦ୍ରାଣାଂ ମନୋରଥାଃ" । ଏଇଟି ଗୋଦାବରୀଶଙ୍କ ପାଇଁ ଶହେରୁ ଶହେ ପ୍ରଯୁଜ୍ୟ ।

ପଇସା ସ୍ୱର୍ଣ୍ଣଘଟିତ ମକରଧ୍ୱଜ ସଦୃଶ । ସନ୍ନିପାତ ରୋଗୀ ଦେହରେ ମଧ୍ୟ ପ୍ରାଣ ସଞ୍ଚାର କରେ । ମଜୁମ୍‌ଦାରଙ୍କ ଟଙ୍କା ଗୋଦାବରୀଶଙ୍କ ପିଣ୍ଡରେ ପ୍ରାଣ ସଞ୍ଚାର କଲା । ଯୌବନ ସୁଲଭ କଳ୍ପନା–ଜଳ୍ପନାରୁ ଉତ୍ସାହ ଜନ୍ମେ । ଆର୍ଥିକ ପରିସ୍ଥିତି ଆଡ଼କୁ ଦୃଷ୍ଟିଗଲା ମାତ୍ରେ ସେ ଉତ୍ସାହ ଲିଭିଆସେ । କେତେବେଳେ କେଉଁଠୁ ଦି'ପଇସା ମିଳିଲେ ଉତ୍ସାହ ବହୁଗୁଣିତ ହୁଏ । ଅଗ୍ନି ଆହୂତି ପାଇ ପୁଣି ଶିଖାଟେକି ଜଳିଉଠେ । ଗୋଦାବରୀଶଙ୍କ ପକ୍ଷେ ସେୟା ହେଲା । ବହୁ ବିଚାର ବିମର୍ଷ ପରେ, ସ୍ଥିର ହେଲା ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତଟିଏ । ଋଷ ଦାର୍ଶନିକ ଟଲ୍‌ଷ୍ଟୟଙ୍କ ମତାନୁସରଣରେ ଗୋଟିଏ କର୍ମୀସଂଘ ଗଢ଼ା ହେଲା । ଏହାର କର୍ମୀମାନେ ମୁଣ୍ଡପିଛା ଦଶ ଏକର ଜମି ପାଇବେ । ଏକତ୍ର ଶହେ ଏକର ଜମି ନିଆଯିବ । ଦଶଜଣ କର୍ମୀ ସଂସ୍ଥାରେ ରହିବେ । ସମବାୟ ସୂତ୍ରରେ ଏମାନେ କାର୍ଯ୍ୟ କରିବେ – ଏଗୁଡ଼ିକ ସହିତ ସୂତା କାଟିବା, ଲୁଗାକାଟିବା ଆଦି ଆନୁସଙ୍ଗିକ କାର୍ଯ୍ୟ ତହିଁରେ ସମ୍ପୃକ୍ତ ହେବ । ଅନୁଷ୍ଠାନ ଗଢ଼ା ହେଲା, ନାମ ହେଲା 'ଜାତୀୟ ଶିଳ୍ପ ସଦନ' । ଏହାର ସଭାପତି ହେଲେ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ ସଦସ୍ୟ, ମଜୁମ୍‌ଦାର ସମ୍ପାଦକ, ଗୋଦାବରୀଶ ହେଲେ ସହକାରୀ ସଭାପତି । ଅନୁଷ୍ଠାନ ତ ଗଢ଼ା ହେଲା, କାଶିଆ କପିଳାର ଭେଟ ହେଲାନି, କାମ ଠିକ୍ ଚାଲିଲାନି, ଆକାଶ କଇଁଆ ଚିଲିକା ମାଛ ବା ମିଶିବେ କେମିତି ? ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ରହିଲେ କଟକରେ, ଗୋଦାବରୀଶ, ମଜୁମ୍‌ଦାର ବାଣପୁରରେ । ବ୍ୟବଧାନ ପଞ୍ଚସ୍ତରି ମାଇଲ । ତେଣେ ଜାତୀୟ ଶିକ୍ଷା ସୁଚାରୁ ରୂପେ ତୁଲାଇବାକୁ ଲୋଡ଼ାହେଲା ଦଶହଜାର ଟଙ୍କା । ଏଥିପାଇଁ କୃଷକ ସମବାୟ ସମିତି ଗଢ଼ାହେଲା । ସଦସ୍ୟ ରହିଲେ ଦଶଜଣ । ସଙ୍ଗେସଙ୍ଗେ 'ବୟନ ସମିତି'ଟିଏ ହେଲା । ସୂତାକଟା, ଲୁଗାବୁଣା ଚାଲିଲା । ତନ୍ତ ପଡ଼ିଲା । 'ଜାତୀୟ ଶିଳ୍ପ ସଦନ' ସେତେବେଳକୁ ନାମକୁ ମାତ୍ରରେ ପରିଣତ ହୋଇ ଯାଇଥିଲା । ସେ ଘର ଅରଟର ଘରଘର୍ ଶବ୍ଦ, ତନ୍ତର ଠକ୍ ଠକ୍ ନାଦରେ ପୂରି ଉଠିଲା । ଜାତୀୟ ବିଦ୍ୟାଳୟର ଶିକ୍ଷକ, ଛାତ୍ର ଆସି ସାମିଲ ହେଲେ । କୃଷକ ସମବାୟ ଲାଗି ଏକଶ ଛଅସ୍ତରି ଏକର ଜମି ଏକତ୍ର ନେବାର ସିଦ୍ଧାନ୍ତ ହେଲା । ହେଲେ ସଫଳତା ପ୍ରାପ୍ତି ଆଶା କ୍ଷୀଣ ହୋଇଗଲା । ଅନୁଷ୍ଠାନର ସଦସ୍ୟ ମଜୁମ୍‌ଦାର ସରକାରଙ୍କ କୋପଦୃଷ୍ଟିରେ ଥିଲେ । ଏଣେ ଜାତୀୟ ବିଦ୍ୟାଳୟ ବିରୁଦ୍ଧରେ ପୁଲିସ । ପ୍ରତିଦିନ କିଛିନା କିଛି ବିରୋଧୀ ରିପୋର୍ଟ ପଠାନ୍ତି । ତୃତୀୟରେ ଗୋଦାବରୀଶ । ତାଙ୍କ ବିରୁଦ୍ଧରେ ପୁରୀ ଜିଲ୍ଲା ପୁଲିସ ସୁପରିଟେଣ୍ଡେଣ୍ଟ ସାଇସ୍ ସାହେବ । ତାଙ୍କ ଉପରେ ଭୀଷଣ କୋପ କରିଥିଲେ । 'ଗୋଦାବରୀଶ ମିଶ୍ର ଖୋରଧା ଖାସ୍ ମହାଲର ଜଣେ ଅବାଞ୍ଛନୀୟ ପ୍ରଜା' – ଏ ପ୍ରକାର ଧାରଣା ସରକାରଙ୍କର ଜନ୍ମିଲା । ତାଙ୍କର ସମସ୍ତ କାର୍ଯ୍ୟ ଭଣ୍ଡୁର କରିବା ଷଡ଼ଯନ୍ତ୍ର ଚାଲିଲା । ଫଳ ଯାହା ମିଳିବାର ମିଳିଲା । ସବୁଖାଲି ଖଡ଼ା ବଡ଼ି ଥୋଡ଼ – ବଡ଼ି ଥୋଡ଼ ଖଡ଼ା କିମ୍ବା ଥୋଡ଼ ବଡ଼ି ଖଡ଼ା ହେଲା ନାହିଁ । ସବୁଥିରେ ସେଇ ତିନି – ଗୋଦାବରୀଶ (ସଭାପତି), ମଜୁମ୍‌ଦାର (ସମ୍ପାଦକ), ସୁଦର୍ଶନ (କୋଷାଧ୍ୟକ୍ଷ) । ଅବସ୍ଥା ଚକ୍ରରେ ଗୋଦାବରୀଶ ନୀତି ବଦଳାଇଥିଲେ । ଅସହଯୋଗରୁ ସହଯୋଗ । ସରକାର କିନ୍ତୁ ବୁଝିଲେନି । ସେମାନଙ୍କ କାର୍ଯ୍ୟକୁ ହାକିମମାନେ ସନ୍ଦେହ ଦୃଷ୍ଟିରେ ଦେଖିଲେ । ସମବାୟ ସମିତିର ରେଜିଷ୍ଟ୍ରାର ହରିଦାସ ରାୟ । ତାଙ୍କର ମଧୁର କଥା, ସେ ଭାରି ଭଲଲୋକ । ସରକାର ତାଙ୍କୁ ବଦଳି କରିଦେଲେ । ସେ ପଛରୁ ଛୁରୀ ମାରୁନଥିଲେ । ତାଙ୍କ ପରେ ଆସିଲେ 'ଅବଦୁସ୍ ସମଦ୍ ଖାଁ' । ଗୋଦାବରୀଶଙ୍କ ତଳଶ୍ରେଣୀରେ ପଢୁଥିଲେ । ଆଗରୁ ଚିହ୍ନା ପରିଚିତ । ଏବେ ସେ ଇଂରେଜ ହାକିମ । ତାଙ୍କ ମତିଗତି ହରିଦାସଙ୍କ ପରି ନଥିଲା । ହରିଦାସ ବଙ୍ଗାଳୀ, ସମଦ୍ ଖାଁ ହିନ୍ଦୁ ଥିଲେ । ଧର୍ମ ବଦଳାଇ ମୁସଲମାନ ହେଲେ । ତାଙ୍କ ପୂର୍ବପୁରୁଷଙ୍କ ସାଙ୍ଗିଆ 'ଭୂୟାଁ' । ସମଦ୍ ଖାଁ ବଂଶଧର ମାନଙ୍କ ମଧ୍ୟରୁ କେତେକଙ୍କ ଭୂୟାଁ ଉପାଧି ସେ ପର୍ଯ୍ୟନ୍ତ ମଧ୍ୟ ଥିଲା । ତାଙ୍କ ବ୍ୟବହାରରେ ଗୋଦାବରୀଶ ପ୍ରମୁଖ ଅତିଷ୍ଠ ହେଲେ, ପାଣି ବାହାରର ବାଳିହା ମାଛ ପରି ଛଟପଟ ହେଲେ । ୧୯୨୨ରେ 'ଗୋଦାବରୀଶ ବାବୁ' କହୁଥିବା ସମଦ୍ ଖାଁ ୧୯୨୩ରେ 'ଗୋଦାବରୀଶ' ସମ୍ବୋଧନ କଲେ । ୧୯୨୩ ମସିହାର ସହଯୋଗ ମାନସିକତା ଆଉ ୧୯୨୪କୁ ନଥିଲା । ତାହା ହୋଇଥିଲେ ସମଦ୍ ଖାଁଙ୍କ ପାଖରେ ଭାଷା ବିଜ୍ଞାନ ପରାସ୍ତ ହୋଇଥାନ୍ତା । ଇଂରେଜ ସରକାରଙ୍କ ଦ୍ୱାରା ସନ୍ତାଡ଼ିତ ଲୋକଙ୍କ ସହ ମିଳାମିଶା କରିବାରେ ବୋଧହୁଏ ଏହି ଦଶା ଘଟିଲା । ତାହାକୁ ମିଶ୍ରେ ମର୍ମେ ମର୍ମେ ଅନୁଭବ କରିଥିଲେ । ଏଭଳି ପୁରୁଷଙ୍କ ସମ୍ପର୍କରେ ଶାସ୍ତ୍ରରେ ଉଲ୍ଲେଖ ଅଛି –

"ପ୍ରାରଭ୍ୟତେ ନ ଖଳୁ
ବିଘ୍ନ ଭୟେନ ନୀଚୈଃ
ପ୍ରାରଭ୍ୟ ବିଘ୍ନନିହତା ବିରମନ୍ତି ମଧ୍ୟାଃ,

ବିଘ୍ନୈଃ ପୁନଃପୁନରପି
ପ୍ରତିହନ୍ୟମାନାଃ

ପ୍ରାରବ୍‌ଧମୁତ୍ତମଗୁଣାଃ ନ
ପରିତ୍ୟଜନ୍ତି ।" – ଏ ଉକ୍ତିଟି ସମଦ୍
ଖାଁଙ୍କ ଭଳି ଇଂରେଜଭକ୍ତଙ୍କ ପାଇଁ
ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ।

ବିହାର–ଓଡ଼ିଶା ବ୍ୟବସ୍ଥା ସଭାର ସଭାପତି ହୋଇଗଲେ ଗୋଦାବରୀଶ । ସରକାରୀ ହାକିମ ତାଙ୍କୁ ଡରିବାକୁ ଆରମ୍ଭ କଲେ । ପରିସ୍ଥିତି ବଦଳିଲା । ଇଂରାଜୀ ମିଜାଜର ସମଦ୍ ଖାଁ ତାଙ୍କ ବ୍ୟବହାର ପାଇଁ ଲଜ୍ଜିତ ହେଲେ । ଶେଷରେ ଗୋଦାବରୀଶଙ୍କୁ କ୍ଷମା ମାଗିଲେ । ଏକଦା ଉଭୟଙ୍କ ମଧ୍ୟରେ କଡ଼ା ଚିଠି ଲେଖା ଚାଲିଥିଲା । ଆତ୍ମଜୀବନୀ ଲେଖିଲା ବେଳକୁ ଗୋଦାବରୀଶଙ୍କ ନିକଟରେ ସେଗୁଡ଼ିକ ଆଉ ନଥିଲା । ଥିଲେ ହୁଏତ ପାଠକେ ଆହୁରି କିଛି ମୂଲ୍ୟବାନ ତଥ୍ୟ ପାଇଥାଆନ୍ତେ ।

ଜାତୀୟତାବାଦୀ ନେତା ଗୋଦାବରୀଶ । ସରକାରୀ ଅନୁକମ୍ପା ତାଙ୍କ ପାଇଁ ବିଷତୁଲ୍ୟ । ବାଣପୁରବାସୀଙ୍କ ଦୁଃଖ କଷ୍ଟ ମେଣ୍ଟାଇବାକୁ ସେ ସମବାୟ କାର୍ଯ୍ୟ ଆରମ୍ଭ କଲେ । ହେଲେ ଅସହଯୋଗରୁ ସହଯୋଗ ଖୁବ୍ ବଡ଼ ବିଡ଼ମ୍ବନା । ସେ ସମୟରେ ଅନେକ ସହୃଦୟ ସରକାରୀ କର୍ମଚାରୀ ମଧ୍ୟ ଥିଲେ । ଇଂରେଜଙ୍କ ଦାନା ଖାଇଲେ ବି ଭୁଲି ନଥିଲେ ଦେଶବାସୀଙ୍କୁ । ସେହିଭଳି ହାକିମ ହରିଦାସ ରାୟ । ତାଙ୍କ ସୁଗୁଣାବଳୀ ପାଇଁ ଗୋଦାବରୀଶ ସହଯୋଗ ଅନୁଷ୍ଠାନ ମଧ୍ୟରେ ପଶିଥିଲେ । ଏବେ ସେ ପାଟଣାର ଡେପୁଟି କଲେକ୍ଟର ପାହ୍ୟାରେ । ତାଙ୍କ ଅଧୀନରେ କର୍ମରତ ସମବାୟ କର୍ମଚାରୀଏ ତାଙ୍କୁ ଝୁରି ହେଉଥିଲେ ।

ଅସହଯୋଗରୁ ସହଯୋଗ – ଏଥିରେ କି ସୁବିଧା ଅସୁବିଧା ହେଲା ସେକଥା ଗୋଦାବରୀଶ ପରେ କହିବେ; ମାତ୍ର ଆଉ ଲେଖିନାହାନ୍ତି । ସେଇଠୁ ସରିଛି 'ଅର୍ଦ୍ଧ ଶତାବ୍ଦୀର କଥା' । ବିଧିର ବିଧାନ ବଡ଼ ବିଚିତ୍ର । ଆତ୍ମଚରିତ ରଚନା ପାଇଁ ସେ ସୂଚୀପତ୍ର ତିଆରି କରିଥିଲେ । ପଞ୍ଚାଅଶି ଅଧ୍ୟାୟ ବିଶିଷ୍ଟ ଆତ୍ମଲିପି ସୀମିତ ରହିଲା ମାତ୍ର ପଇଁଚାଳିଶ ଅଧ୍ୟାୟରେ । ତାଙ୍କ ଦେହାନ୍ତ ହୋଇଗଲା । ୧୯୫୮ ମସିହାରେ ପୁସ୍ତକଟି ପାଇଲା ମରଣୋତ୍ତର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ହିଁ ଓଡ଼ିଶା ସୁଖଦୁଃଖର ଜୀବନ୍ତଗାଥା, ଅର୍ଦ୍ଧଶତାବ୍ଦୀର ବାସ୍ତବ ଇତିହାସ, ଏକ ନିର୍ଭୁଲ ରାଜନୀତିକ ଇସ୍ତାହାର, ସାମାଜିକ ସନନ୍ଦ । ଆତ୍ମଲିପିଟି ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟ ରତ୍ନଟିଏ – ଏଥିରେ ଦ୍ୱିରୁକ୍ତି ନାହିଁ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ବୌଦ୍ଧ ଚେତନାରେ ମାନବବାଦ



ରାଜଲକ୍ଷ୍ମୀ ତ୍ରିପାଠୀ
ପୁରୀ
ମୋ : ୮୨୪୯୪୦୮୧୭୭

ଭାରତବର୍ଷର ଆଧ୍ୟାତ୍ମିକ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟିକରି ଦିଗ୍‌ଭ୍ରାନ୍ତ ବିଶ୍ୱ ଜନଗଣଙ୍କୁ ନୂତନ ଚିନ୍ତା, ଚେତନା, ପ୍ରେରଣା ତଥା ନବଦିଗନ୍ତ ପଥର ନିର୍ଦ୍ଦେଶକ ବିଶ୍ୱବରେଣ୍ୟ ମହାତ୍ମା ବୁଦ୍ଧଙ୍କର ପୂଣ୍ୟ ଆବିର୍ଭାବ, ବୁଦ୍ଧତ୍ୱପ୍ରାପ୍ତ ତଥା ମହାପରିନିର୍ବାଣର ପବିତ୍ର ଦିବସ ହେଉଛି ବୈଶାଖ ପୂର୍ଣ୍ଣିମା । ଆଦିଶଙ୍କରାଚାର୍ଯ୍ୟ ବୁଦ୍ଧଙ୍କୁ ସମ୍ବୋଧନ କରି କହିଛନ୍ତି , 'ଯୋଗୀନାଂ ଚକ୍ରବର୍ତ୍ତୀ' । ଭଗବାନ ବୁଦ୍ଧ ହିଁ ଆଦରରେ ବାଢ଼ି ଦେଇଛନ୍ତି ତୃଷ୍ଣାକାତର ଦିଶାହରା ମାନବସମାଜକୁ ତାଙ୍କ ମାନବବାଦର ଦର୍ଶନ, ତାଙ୍କ ନିର୍ଦ୍ଦେଶିତ ଅଷ୍ଟାଙ୍ଗ ମାର୍ଗ ଓ ଦଶସତ୍ୟର ସିଦ୍ଧାନ୍ତ । ସେ ହିଁ ଦର୍ଶାଇଛନ୍ତି କରୁଣା, ମାନବବାଦ ଓ ଅହିଂସାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ତାଙ୍କ ନୀତି ଓ ଦର୍ଶନ ଏବଂ ତାହା ହିଁ ହେଉଛି ମାନବ ସମାଜର ପ୍ରକୃତ ଶାନ୍ତି ଓ ଆନନ୍ଦର ସଠିକ ଠିକଣା । ସ୍ୱାମୀ ବିବେକାନନ୍ଦ ଭଗବାନ ବୁଦ୍ଧଙ୍କୁ ତାଙ୍କ ନିଜ ଜୀବନ ଓ ଦର୍ଶନ ମଧ୍ୟରେ ବିଶେଷ ଭାବରେ ଗ୍ରହଣ କରିଛନ୍ତି । ନିଜର ଗୁରୁ ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ ସେ ଯେତିକି ଭକ୍ତି ଓ ଶ୍ରଦ୍ଧା କରୁଥିଲେ ମହାତ୍ମା ବୁଦ୍ଧଙ୍କର ଆଦର୍ଶ ଓ ବାଣୀର ମହତ୍ତ୍ୱକୁ ଜୀବନରେ ସେହି ପରିମାଣରେ ଉପଲବ୍ଧି କରିଥିଲେ । ସ୍ୱାମୀଜୀଙ୍କ ଉକ୍ତି ଅନୁସାରେ 'ମୁଁ ସାରା ଜୀବନ ବୁଦ୍ଧଙ୍କର ଅନୁରାଗୀ । ଅନ୍ୟ ସମସ୍ତ ଚରିତ୍ର ଅପେକ୍ଷା ବୁଦ୍ଧଙ୍କର ଚରିତ୍ର ପ୍ରତି ମୋର ଶ୍ରଦ୍ଧା ଅଧିକ । ଆହା, ସେହି ସାହସିକତା, ସେହି ନିର୍ଭିକତା ଓ ସେହି ଗଭୀର ପ୍ରେମ ! ମନୁଷ୍ୟର କଲ୍ୟାଣ ପାଇଁ ହିଁ ତାଙ୍କର ଜନ୍ମ ।' ଚିରସତ୍ୟାନୁରାଗୀ, ବିଶ୍ୱାମିତ୍ର ଗୌତମ ବୁଦ୍ଧଙ୍କର ଜୀବନ ଯେପରି ମହାଶ୍ଚର୍ଯ୍ୟ, ତାଙ୍କ ପ୍ରଚାରିତ ତତ୍ତ୍ୱ ଓ ଦର୍ଶନ ମଧ୍ୟ ସେହିପରି ବିଶ୍ୱମାନସକୁ ଜୟ କରି ଏକ ସର୍ବକାଳୀନ, ସାର୍ବଜନୀନ ଗଣଧର୍ମ ଭାବେ ଲୋକପ୍ରିୟ । ମାନବ ସଭ୍ୟତାର ସେ ଏପରି ଅଦ୍ୱିତୀୟବ୍ୟକ୍ତି ଯିଏ କି ସମଗ୍ର ମଣିଷ ଜାତିକୁ ହିଂସା, ଦ୍ୱେଷ, ଘୃଣା ପରି ତାମସିକ ଗୁଣକୁ ପରିହାର କରି ମୈତ୍ରୀ, ପ୍ରେମ, କରୁଣା, କ୍ଷମା ଆଦି ଗୁଣକୁ ଆପଣାଇବା ପାଇଁ ପ୍ରେରଣା ଦେଇଛନ୍ତି । ଜୀବନର ସବୁ କ୍ଷେତ୍ରରେ ଚରମ ପନ୍ଥା ପରିତ୍ୟାଗ କରି ମଧ୍ୟମ ପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ନିଜ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ମନୁଷ୍ୟକୁ ନିଜର ମାନବିକତା ବିଷୟରେ ଶିକ୍ଷା ଦେଇ ଚାଲିଥିଲେ ସେ । ମନୁଷ୍ୟ ମନକୁ ସକଳ ପ୍ରକାର ସଂସ୍କାରରୁ ମୁକ୍ତ କରି ସୂକ୍ଷ୍ମ ବିଚାର ମାର୍ଗରେ ଯାଇ ସତ୍ୟଦର୍ଶନ କିପରି କରାଯାଇପାରେ ତାର ପ୍ରଥମ ମହାନ ପ୍ରଚାରକ ହିଁ ଗୌତମ ବୁଦ୍ଧ । ସେ ସମୟର ରାଜନୀତିକୁ ଧର୍ମ, ଶୀଳ ଓ ସଦାଚାର ଦ୍ୱାରା ପ୍ରଭାବିତ କରି ବୁଦ୍ଧ ଏକ ଧର୍ମରାଜ୍ୟର ଉଚ୍ଚ କଳ୍ପନା ପ୍ରବର୍ତ୍ତିତ କରିଥିଲେ । ସେ ସବୁ ନୀତିକୁ ବୌଦ୍ଧଧର୍ମାବଲମ୍ବୀ ସମ୍ରାଟ ଅଶୋକ ବ୍ୟବହାରିକ ରୂପ ପ୍ରଦାନ କରିଥିଲେ । କାହାକୁ ନିନ୍ଦା ନକରି ସର୍ବଦା ରାଷ୍ଟ୍ର ସମାଜ ଓ ବ୍ୟକ୍ତିର ଦୋଷକୁ ଦୂର କରି ସୁସ୍ଥ ଓ ସମୃଦ୍ଧ ଜୀବନ ଶୈଳୀ ସୃଷ୍ଟି କରିବା ଥିଲା ବୌଦ୍ଧଧର୍ମର ପରମ ଲକ୍ଷ୍ୟ । ଏହା ହିଁ ଥିଲା ସାମାଜିକ ସୁଧାର ଆଣିବାର ଏକ ପନ୍ଥା ।

ଆଧ୍ୟାତ୍ମିକ ଜଗତରେ ବୁଦ୍ଧଦେବ ଯେପରି ଶ୍ରେଷ୍ଠ ଜ୍ଞାନର ଅଧିକାରୀ ଥିଲେ ସେହିପରି ଶ୍ରେଷ୍ଠ ଥିଲା ତାଙ୍କର ବୌଦ୍ଧିକତା ଓ ବିଚାରଶୀଳତା । ସେ ଆସିଥିଲେ ଜୀବନର ଶିକ୍ଷା ଦେବା ପାଇଁ ,ମୃତ୍ୟୁର ଶିକ୍ଷା ପାଇଁ ନୁହେଁ । ଦେହର ବିଲୀନ ହିଁ ଘଟିବ କିନ୍ତୁ ଜୀବନର ଅନୁସନ୍ଧାନ କରିବାକୁ ପଡିବ । ସତ୍ୟ ଅନୁସନ୍ଧାନରେ ମାନବର ବିଚାର ବୁଦ୍ଧିକୁ ଜାଗ୍ରତ କରିବା ପାଇଁ ଦୟାର ସଦ୍ ଗୁଣ ,ନ୍ୟାୟପରାୟଣ , ସତ୍ୟପ୍ରିୟତା ,ହିଂସାଶୂନ୍ୟତା ,ନିର୍ଲୋଭତା,ବିଶ୍ୱପ୍ରେମିକତା ଆଦି ବୌଦ୍ଧ ଧର୍ମର ବୈଶିଷ୍ଟ୍ୟ । ମୁଖ୍ୟତଃ ଏହା ସମଗ୍ର ମନୁଷ୍ୟ ଜାତିକୁ ଶିଖାଇଛି ମନୁଷ୍ୟର ମନୁଷ୍ୟ ପ୍ରତି ଦରଦ ଓ ସହାନୁଭୂତିର ଭାବ । ବୌଦ୍ଧଧର୍ମ ମଣିଷର ଚିତ୍ତ ସଂସ୍କାର ଉପରେ ବହୁତ ଗୁରୁତ୍ୱ ଦେଇଥାଏ । ମନ ହିଁ ଯାବତୀୟ ବସ୍ତୁ ଭିତରେ ମୌଳିକ ଉପାଦାନ ଓ ସକଳ ଗତି ଭିତରେ ମନ ହିଁ ଉଚ୍ଚତମ । ସକଳ ଗତିରେ ମନର ସଂଯୋଗ ଥାଏ । ମନ ହିଁ ଆମ ସୁଖ ଦୁଃଖର ସେତୁ । ଧ୍ୟାନ, ଏକାଗ୍ରତା ଓ ପ୍ରଶାନ୍ତି ସହ ଗଭୀର ଆନ୍ତରିକତା ଓ ସମର୍ପିତ ଭାବ ଏକ ଉଚ୍ଚତର ମନପ୍ରାପ୍ତି ପାଇଁ ଦରକାର । ମନ ନମନୀୟ, କାର୍ଯ୍ୟକ୍ଷମ ଓ ସୁସ୍ଥମନା ହୋଇ ବିକଶିତ ହେଲେ ତାହା ସମ୍ୟକ ମନ ଆଡ଼କୁ ଗତି କରେ । ସମ୍ୟକ ମନରେ ଇନ୍ଦ୍ରିୟ ଲାଳସା ସଂପୂର୍ଣ୍ଣ ଅନ୍ତର୍ହିତ ହୁଏ ,ଫଳରେ ପ୍ରଜ୍ଞା ଜାତ ହୁଏ । ପ୍ରଜ୍ଞା ସୃଷ୍ଟି ହେଲେ ମନ ସୂକ୍ଷ୍ମଦର୍ଶୀ ହୋଇ ସଂସ୍କାର ଗୁଡିକ ଭଲ ଭାବେ ବୁଝିପାରେ ।

ବୁଦ୍ଧଦେବଙ୍କ ନିର୍ବାଣ ଆଦୌ ଜୀବନ ର ବିନାଶ ନୁହେଁ ବରଂ ଏହା ହେଉଛି ମଣିଷ ଭିତରେ ଥିବା ନିମ୍ନତର ବ୍ୟକ୍ତିତ୍ୱର ବିନାଶ ଯେଉଁଠାରୁ କି ଆରମ୍ଭ ହୁଏ ଏକ ମହତ୍ତର ଜୀବନ । ଏହି ନିର୍ବାଣ ମୃତ୍ୟୁର ଆରପଟେ ରହିନାହିଁ ବରଂ ଏହି ଜଗତରେ,ଏଇ ଜୀବନରେ ଏହା ଲକ୍ଷ୍ୟ । ଏହା ହିଁ ପ୍ରକୃତରେ ବୌଦ୍ଧ ଅର୍ହତତ୍ତ୍ୱ । ବୌଦ୍ଧ ଶାସ୍ତ୍ରରେ ଜୀବନାଦର୍ଶ ପ୍ରଜ୍ଞା, ମୁଦିତା ଓ କରୁଣା ଏହି ତିନୋଟି ସ୍ୱର୍ଣ୍ଣପଟ ଉପରେ ପ୍ରତିଷ୍ଠିତ । ପ୍ରଜ୍ଞା ର ଅର୍ଥ ସବୁ କ୍ଷେତ୍ର ଓ କାର୍ଯ୍ୟରେବିଚାର ବୁଦ୍ଧିର ପ୍ରୟୋଗ । ମୁଦିତାଭାବ ଥିଲେ ବ୍ୟକ୍ତି ଅନ୍ୟର ସୁଖରେ ଆନନ୍ଦିତ ଓ ଆହ୍ଲାଦିତ ହୋଇଥାଏ । କରୁଣା ହେଉଛି ସେହି ଭାବ ଯାହା ପରର ଦୁଃଖକୁ,କଷ୍ଟକୁ ନିଜର ବୋଲି ଭାବି ଦୁଃଖ ଲାଘବ କରିବାକୁ ଚେଷ୍ଟା କରେ । କରୁଣା ଓ ମୈତ୍ରୀ ବୌଦ୍ଧର ଶ୍ରେଷ୍ଠ ବିଭବ । ନିରୀଶ୍ୱର ହେଲେ ମଧ୍ୟ ବୁଦ୍ଧଦେବ ସର୍ବଦା କରୁଣାମୟ ,ତାଙ୍କ ମାର୍ଗରେ କରୁଣାର ଯୋଗ୍ୟ ଏ ସୃଷ୍ଟିର ସମସ୍ତେ । ତାଙ୍କ ପ୍ରଚାରିତ ଦର୍ଶନରେ ଜୀବମାନଙ୍କ ପ୍ରତି ଅସୀମ ଅନୁକମ୍ପା ଓ ସହାନୁଭୂତି ରହିଛି । ବୌଦ୍ଧ ପୂଜା ପ୍ରାର୍ଥନା କରେନି ସତ କିନ୍ତୁ ଦୈନନ୍ଦିନ ଜୀବନରେ ସେ ପଂଚଶୀଳ ଓ ଅଷ୍ଟାଙ୍ଗ ମାର୍ଗ ମଧ୍ୟରେ ପ୍ରତ୍ୟେହ ଓ ପ୍ରତି ମୁହୂର୍ତ୍ତ ରେ ଉତ୍କୃଷ୍ଟ ପ୍ରାର୍ଥନା କରେ ତା'ର କର୍ମରେ । 'ଆତ୍ମା ଦୀପୋଭବ' ଅନନ୍ୟ ଶରଣୋଭବ, ହେ ମାନବ ! ନିଜେ ନିଜ ଉପରେ ବିଶ୍ୱାସ ରଖ, କେହିହେଲେ ତୁମକୁ ମୁକ୍ତ ହେବାରେ ସାହାଯ୍ୟ କରି ପାରିବେ ନାହିଁ । ନିଜେ ନିଜକୁ ସାହାଯ୍ୟ କର । ନିଜର ଉଦ୍ୟମ ଦ୍ୱାରା ମୁକ୍ତି ସାଧନାର ପଥ ପରିଷ୍କାର କର ,' –ଏହା ହିଁ ଥିଲା ମାନବ ସମାଜ ପାଇଁ ଗୌତମ ବୁଦ୍ଧଙ୍କ ଶ୍ରେଷ୍ଠ ସନ୍ଦେଶ । ତାଙ୍କ ଉଦାର ବାଣୀ ଓ କଥାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ସେଥିପାଇଁ ପ୍ରାୟ ଛବିଶ ଶହ ବର୍ଷ ତଳେ ସୃଷ୍ଟି ହୋଇଥିବା ବୁଦ୍ଧଙ୍କ ମତ, ପଥ ଓ ଦର୍ଶନ ଏବେ ବି ବହୁଦେଶରେ ସର୍ବୋଚ୍ଚ ମାନ୍ୟତା ଦିଆଯାଇଛି । ବୌଦ୍ଧଧର୍ମ ଯେଉଁ ଦେଶକୁ ଯାଇଛି ସେଠାରେ ସ୍ଥାନୀୟ ସଂସ୍କୃତିକୁ ଉନ୍ନୀତ କରିଛି । କେଉଁଠି କିଛି ବିଦ୍ୱେଷ ବା ସଂଘର୍ଷ ଘଟିନାହିଁ । ବୁଦ୍ଧ, ଧମ୍ମ ଓ ସଂଘ ଏହି ଅମୂଲ୍ୟ ତ୍ରିରତ୍ନ ଏବେ ମଧ୍ୟ ସର୍ବକାଳର ମଣିଷଙ୍କ ପାଇଁ ସର୍ବାଙ୍ଗୀନ ମୁକ୍ତିର ଅପରିମେୟ ଶକ୍ତି ଓ ପ୍ରେରଣାର ଉତ୍ସ ହୋଇ ଅଦ୍ୟାବଧି ବିଦ୍ୟମାନ । ଏକଦା ଶହ ଶହ ବର୍ଷ ଧରି ବୌଦ୍ଧଧର୍ମ ଆମ ଓଡ଼ିଶାର ଗଣଧର୍ମ ଥିଲା ଓ ବୌଦ୍ଧ ଭିକ୍ଷୁ ବା ଶ୍ରମଣମାନଙ୍କର 'ବୁଦ୍ଧଂ ଶରଣଂ,ଗଚ୍ଛାମିଂ' ସ୍ୱର ଝଙ୍କାରରେ ଉତ୍କଳ ଭୂମି ଅନୁରଣିତ ହେଉଥିଲା ।

# ବୁଦ୍ଧଂ ଶରଣଂ ଗଚ୍ଛାମି



ଶ୍ରୀମତୀ କବିତା ମିଶ୍ର
ସେକ୍ଟର–୩/୫୫
ନୀଳାଦ୍ରି ବିହାର
ଭୁବନେଶ୍ୱର–୭୫୧୦୨୧
ମୋ–୯୯୩୭୦୩୩୭୫୦

ଅହିଂସା ପରମ ଧର୍ମ । ବୁଦ୍ଧଦେବଙ୍କ ଏହି ନୀତିକୁ ଅନୁସରଣ କରି ମହାତ୍ମା ଗାନ୍ଧୀ ପୃଥିବୀରେ ଜଣେ ଆଦର୍ଶ ମାନବ ରୂପେ ବିଶ୍ୱ ତଥା ଭାରତର ଲୋକମାନଙ୍କର ମୁକ୍ତିମାର୍ଗ ଉନ୍ମୁକ୍ତ କରି ଯାଇଛନ୍ତି । ବର୍ତ୍ତମାନ ବିଶ୍ୱର କଲ୍ୟାଣ କର୍ମୀ ବ୍ୟକ୍ତିମାନେ ମତ ଦେଉଛନ୍ତି, ଅଶାନ୍ତ ସଂସାରରେ ଶାନ୍ତି ଫେରାଇ ଆଣିବାକୁ ହେଲେ ବୁଦ୍ଧଦେବଙ୍କ ଉପଦେଶ ଗୁଡିକୁ ଅନୁସରଣ କରିବା ଉଚିତ୍ ।

ଈଶ୍ୱରଙ୍କ ଅବତାର ଏହି ବୁଦ୍ଧ ନେପାଳର କପିଳବାସ୍ତୁ ରାଜ୍ୟରେ ପବିତ୍ର ବୈଶାଖ ପୂର୍ଣ୍ଣିମା ଦିନ ରାଜା ଶୁଦ୍ଧୋଧନ ଏବଂ ରାଣୀ ମାୟାବତୀଙ୍କ କୋଳ ଅଳଂକୃତ କରି ଧରାବତରଣ ହୋଇଥିଲେ। ତାଙ୍କର ପିଲାଦିନର ନାମ ଥିଲା ସିଦ୍ଧାର୍ଥ । ପିଲାଦିନରୁ ତାଙ୍କର ସଂସାର ପ୍ରତି ବୈରାଗ୍ୟ ମନୋଭାବ ପୁରି ରହିଥିଲା ।

ଦିନେ ସିଦ୍ଧାର୍ଥ ନଗର ବୁଲିବା ସମୟରେ ବାଟରେ ଜଣେ ବୃଦ୍ଧ ଏବଂ ଜଣେ ଶବକୁ ଦେଖି ବିଚଳିତ ହୋଇପଡିଲେ । ଏ ଯୌବନ ଦିନେ ବହିଯାଇ ବୃଦ୍ଧ ଅବସ୍ଥାରେ ଉପନୀତ ହେବ । ପୁଣି ସମୟ ସ୍ରୋତରେ ଭାସି ଭାସି ମନୁଷ୍ୟ ମୃତ୍ୟୁର ଅଧୀନ ହେବ । ଏ ଜୀବନ ଚିରସ୍ଥାୟୀ ନୁହେଁ । ମୃତ୍ୟୁହିଁ ଜୀବନର ଶେଷ ଠିକଣା। ମନୁଷ୍ୟ କିପରି ଦୁଃଖ ଜାଳରୁ ମୁକ୍ତି ପାଇ ଶାନ୍ତିର ପଥ ଅନ୍ୱେଷଣ କରି ପାରିବ ତାର ପ୍ରତିକାର ଖୋଜି ଗଭୀର ଚିନ୍ତାଗ୍ରସ୍ତ ହୋଇ ପଡିଲେ, ସିଦ୍ଧାର୍ଥ । ତେଣୁ ସଂସାରର ମୋହ ମାୟାର ବଂଧନ ଛିନ୍ନ କରି ସେ ସତ୍ୟ, ଶାନ୍ତି ଓ ମୁକ୍ତିର ମାର୍ଗ ଅନ୍ୱେଷଣ କରିବାକୁ ଚାଲିଗଲେ। ଜଙ୍ଗଲରେ ତପସ୍ୟାରତ ହେଲେ। ବିଶ୍ୱାସ ଏବଂ ଗଭୀର ନିଷ୍ଠା ବଳରେ ସିଦ୍ଧାର୍ଥଙ୍କର ଆଶା ଫଳବତୀ ହେଲା । ଯୋଗୀ ଋଷି ତପସ୍ୟା କରି ଯେଉଁ ଜ୍ଞାନ ଲାଭ କରିପାରି ନଥିଲେ, ତାଠାରୁ ଅଧିକ ଜ୍ଞାନ ଲାଭ କରି ସେ ସିଦ୍ଧାର୍ଥରୁ 'ଗୌତମ ବୁଦ୍ଧ' ବୋଲି ପରିଚିତ ହେଲେ । ବୁଦ୍ଧ ଶବ୍ଦର ଅର୍ଥ ମହାଜ୍ଞାନୀ । ଦୁଃଖ ତାପରୁ ରକ୍ଷା ପାଇବାକୁ ଯେଉଁ ଜ୍ଞାନ ଲାଭ କଲେ, ତାହା ବିତରଣ କରି ସେ ସଂସାରକୁ ସ୍ନେହ, ଶାନ୍ତି ପ୍ରେମ ଦାନକରି ଯେଉଁ ଏକ ନୂତନ ଧର୍ମ ସୃଷ୍ଟିକଲେ, ତାହା ବୌଦ୍ଧ ଧର୍ମ ନାମରେ ନାମିତ ହେଲା ।

ବୁଦ୍ଧଦେବ ଉପଦେଶ ଦେଉଥିଲେ, କଷ୍ଟ ସହ୍ୟକରି ତପଃ ସାଧନାରେ ମୁକ୍ତି ମିଳେନା । ଭୋଗ ବିଳାସରେ ରହି ମଧ୍ୟ ମନୁଷ୍ୟ ଶାନ୍ତି ଓ ମୁକ୍ତି ପାଇ ପାରେନା । କାରଣ ଭୋଗ ବିଳାସ ଓ କଠିନ ତପସ୍ୟା ମଧ୍ୟ ସ୍ଥଳରେ ରହିଛି ମୁକ୍ତିର ମାର୍ଗ । ସେ ଉପଦେଶ ଦେଉଥିଲେ, ମନରୁ ପାପ ଚିନ୍ତା ଦୂରିଭୂତ କରି ପୂଣ୍ୟ କାର୍ଯ୍ୟରେ ବ୍ରତୀହୋଇ, ହିଂସା, ଦ୍ୱେଷ, ଘୃଣା ତ୍ୟାଗ କୁ ଦୂରେଇ ଯେଉଁ ମନୁଷ୍ୟ ସମସ୍ତଙ୍କ ସହିତ ପ୍ରେମଭାବ ସ୍ଥାପନ କରିପାରିବ, ସେ ହିଁ ପ୍ରକୃତ ଶାନ୍ତି ମୁକ୍ତି ପଥର ଅଗ୍ରଣୀ ଦୂତ ହୋଇପାରିବ । ମନୁଷ୍ୟ ନିଜର କର୍ମଫଳ ଭୋଗ କରେ। କି ପ୍ରକାର କର୍ମ ଦ୍ୱାରା ମନୁଷ୍ୟ ଜୀବନରେ ପ୍ରକୃତ ସତ୍ୟ, ପ୍ରେମର ସଂଧାନ ପାଇ ଶାନ୍ତି ଲାଭ କରି ପାରିବ, ଏହା ହିଁ ଥିଲା ତାଙ୍କ ଧର୍ମର ମୂଳମନ୍ତ୍ର । ଅହିଂସା ପରମ ଧର୍ମ । ତେଣୁ ସେ ସମସ୍ତଙ୍କୁ ଉପଦେଶ ଦେଉଥିଲେ ହିଂସା କରନାହିଁ । ସତ୍ ମାର୍ଗରେ ପରିଚାଳିତ ହୁଅ । ବୌଦ୍ଧ ଧର୍ମର ମହତ୍ତ୍ୱକୁ ସେ ବୌଦ୍ଧ ଗ୍ରନ୍ଥରେ ରଚନା କରିଥିଲେ । ଏହି ଧର୍ମ ଗ୍ରନ୍ଥର ନାମ 'ତ୍ରିପିଟକ' ଅଟେ। କାଳକ୍ରମେ ସାରା ପୃଥିବୀରେ ବୌଦ୍ଧ ଧର୍ମର ପ୍ରସାର ଲାଭ କରିଥିଲା । ପ୍ରତ୍ୟେକ ମନୁଷ୍ୟ ସତ୍ ମାର୍ଗରେ ଚାଲିବାକୁ ପ୍ରତିଜ୍ଞାବଦ୍ଧ ହୋଇ ପାରିଥିଲେ ।

ଆଜି ଏହି ଅଶାନ୍ତ ପୃଥିବୀରେ ଶାନ୍ତି ଭଙ୍ଗ ହୋଇଛି । ଅହିଂସା ପରମ ଧର୍ମ ପରିବର୍ତ୍ତେ ହିଂସା, ଘୃଣା, ସ୍ୱାର୍ଥପରତା ମଣିଷ ମନରେ ବସାବାନ୍ଧି ସମଗ୍ର ପୃଥିବୀବାସୀଙ୍କୁ ଘୋର ଅଶାନ୍ତ ବଂଧନରେ ବାନ୍ଧି ରଖିଛି। ମନୁଷ୍ୟ ନିଜେ ନିଜର ଶତ୍ରୁ ପାଲଟି ଯାଇଛି। ଯାହା ଭାଗବତରେ ଉଲ୍ଲେଖ ଅଛି –

'ଆପଣା ହସ୍ତେ ଜିହ୍ୱା ଛେଦି
ତେ ତାର ଅଟେ ପ୍ରତିବାଦୀ'

ବର୍ତ୍ତମାନ ବିଶ୍ୱର କଲ୍ୟାଣମୟୀ ବ୍ୟକ୍ତିମାନେ ମତ ପୋଷଣ କରୁଛନ୍ତି ତାହା ବାସ୍ତବିକ୍ ସତ୍ୟ । ସାଧୁ, ସନ୍ୟାସୀ ବୁଦ୍ଧିଜିବୀଙ୍କ ମତରେ, କେବଳ ବୁଦ୍ଧଦେବଙ୍କ ଉପଦେଶକୁ ଅନୁସରଣ କରି ତାହା ପ୍ରକୃତ କାର୍ଯ୍ୟରେ ପରିଣତ କରିପାରିଲେ ମନୁଷ୍ୟର ମନ ଓ ହୃଦୟରେ ଶାନ୍ତି ବିରାଜମାନ ହେବା ତାର ଶିରା ପ୍ରଶିରାରେ କଳୁଷିତ ରକ୍ତ ପରିବର୍ତ୍ତେ ସ୍ନେହ, ଶାନ୍ତି, ପ୍ରେମର ରକ୍ତ ବହି ଚାଲିବ । ସେ ଅହିଂସା ପଥର ଯାତ୍ରୀ ହୋଇ ତାର ପରିବେଶକୁ ଶାନ୍ତ, ସରଳ, ସୁନ୍ଦର କରିପାରିବ ।

ହେ ପରମବୁଦ୍ଧ, ଆଜି ତୁମର ଜନ୍ମତିଥିରେ ଅଶ୍ରୁ ତର୍ପଣ କରି ସମସ୍ତେ ଏକାଗ୍ର ଚିତ୍ତରେ ଚାହିଁ ରହିଛନ୍ତି। ପବିତ୍ର ଶୁଭ ଜନ୍ମଦିନରେ ପୁନର୍ବାର ଏ ଧରାପୃଷ୍ଠରେ ଅବତରଣ କରି ବିଶ୍ୱବାସୀଙ୍କୁ ଶାନ୍ତି, ଦୟା, କ୍ଷମା ଓ ସତ୍‌ମାର୍ଗର ପଥ ଦେଖାଅ । ସମସ୍ତେ ଆଗେଇ ଚାଲନ୍ତୁ ଅହିଂସା ପଥର ଯାତ୍ରୀ ହୋଇ । ସବୁରି କଣ୍ଠରେ ଉଦ୍‌ଭାଷିତ ହୋଇଉଠୁ ବୁଦ୍ଧଂ ଶରଣଂ ଗଚ୍ଛାମି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ମଇ ୨୦୨୫ ସୋମବାର





# ୧୦ ମାସରୁ ଉର୍ଦ୍ଧ୍ୱ ହେବ ଅନ୍ଧାରରେ ବି ପ୍ଲଟ୍ ଗ୍ରାମବାସୀ:ଗୁହାରି ଶୁଣିବାକୁ କେହିନାହିଁ

**କେନ୍ଦୁଝର, ନ୍ୟୁଜ୍**

ଯୋଡ଼ା ବ୍ଲକ ଅଧିନସ୍ଥ ଖଣି କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ବଲଦା ପଞ୍ଚାୟତର ବି ପ୍ଲଟ୍ ଗ୍ରାମର ଗ୍ରାମବାସୀ ଦୀର୍ଘ ୧୦ ମାସରୁ ଅଧିକ ଦିନ ହେବ ଅନ୍ଧାରରେ ରହୁଥିବାର ଦେଖାଯାଇଛି । ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଉକ୍ତ ବିପ୍ଲଟ୍ ଗ୍ରାମଟି ବଣ ପାହାଡ଼ ନିକଟରେ ଅବସ୍ଥିତ ଥିବାରୁ ରାତି କଥା ଛାଡ଼ ଦିନବେଳେ ମଧ ବନ୍ୟଜନ୍ତୁ, ବିଷାକ୍ତ ସର୍ପ ଭୟ ଲାଗିରହୁଛି, ଆଉ ରାତିହେଲେ ବିଦ୍ୟୁତ୍ ନଥିବାରୁ ଉକ୍ତ ସ୍ଥାନ ଘନ ଅନ୍ଧକାରରେ ବୁଡିରହେ । ଯାହାକି ବିଦ୍ୟୁତ୍ ଆଲୋକ ଅଭାବରୁ ହିଂସ୍ର ବନ୍ୟ ଜନ୍ତୁ, ସାପର ଭୟ ଲାଗିରହୁଛି । ଏହା ବ୍ୟତୀତ ମାସ ମାସ ଧରି ଉକ୍ତ



ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ନଥିବାରୁ ଉକ୍ତ ଅଞ୍ଚଳର ଛୋଟ ଛୋଟ ସ୍କୁଲ୍ ପିଲା ସବୁ ଅଧ୍ୟୟନ କରିବାରେ ନାହିଁ ନଥିବା ପରିସ୍ଥିତି ସମ୍ମୁଖୀନ ହେଉଥିବାରୁ ବି ପ୍ଲଟ୍ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପରେ ମଧ କିଛି ସାହାଯ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ପୂର୍ବରୁ ମିସ୍ ଇନ୍ଦ୍ରାଣୀ ପଟ୍ଟନାୟକ ମାଇନ୍ସ ତରଫରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା, ଗତ ୧୦ ମାସରୁ ଉର୍ଦ୍ଧ୍ୱ ହେବ ବିଦ୍ୟୁତ୍ ସେବାକୁ ବିଚ୍ଛିନ୍ନ କରିଦିଆଯାଇଛି । ମିସ୍ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିର ବେନିଫିକେଶନ କାରଖାନା ପାଇଁ ହିଅରିଙ୍ଗ ଅନୁଷ୍ଠିତ ହେଇଥିଲା, ଏବଂ ବି ପ୍ଲଟ୍ ଗ୍ରାମବାସୀ ପୁନଃ ଦାବିପତ୍ର ପ୍ରଦାନ କରିଥିଲେ କିନ୍ତୁ ବିଦ୍ୟୁତ୍ ସେବାକୁ ଅନୁମୋଦନ କରିନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ବିଦ୍ୟୁତ୍ ଅଫିସ୍ ଜୁରୁଡ଼ିରେ ଯାଇ ବୁଝିବା ପରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ କହୁଛନ୍ତି ଯେ ତାଙ୍କୁ ସେ ସ୍ଥାନରେ ବିଦ୍ୟୁତ୍ ସଂଯୋଗ ନକରିବା ପାଇଁ ଧମକ ଦିଆଯାଇଚି । ବାରମ୍ବାର ଅଭିଯୋଗ ପରେ ମଧ ତାଙ୍କୁ ସାହାଯ୍ୟ ମିଳିନଥିବା ଗ୍ରାମର ପଙ୍କଜ ବାରିକ୍ ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମବାସୀ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମୁଖ୍ୟ ଆବଶ୍ୟକତା ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି ।

# ଅନ୍‌ଲାଇନ୍ ନିବେଶ ଜାଲରେ ଫସିଲେ ଦେଢ଼ ହଜାର ଯୁବକ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ନେଟ୍‌ୱର୍କ ମାଧ୍ୟମରେ ବେକାର ଯୁବକମାନେ ଅନ୍‌ଲାଇନ୍ ନିବେଶ ଜାଲରେ ପଡ଼ିଛନ୍ତି । ରାଜ୍ୟରେ ପାଖାପାଖି ଦେଢ଼ହଜାର ଯୁବକ ଫସିଛନ୍ତି । ସେମାନେ ୧୦ କୋଟିରୁ ଅଧିକ ଟଙ୍କା ଅନ୍‌ଲାଇନ୍‌ରେ ନିବେଶ କରିଥିବା ବେଳେ ଏହି ଟଙ୍କା ଆଉ ଉଠାଇପାରୁନାହାନ୍ତି । ଏକ ଅନ୍‌ଲାଇନ୍ ଆପ୍ଲିକେସନ୍‌ରେ ଏହି ଟଙ୍କା ନିବେଶ ହୋଇଛି । ସୂଚନା ଅନୁଯାୟୀ, ୨୦୨୩ରୁ ରୟାଲ୍ ମାଉସ୍ ମିକ୍ସ ଆଣ୍ଡ ଟି ନାଁରେ ଏକ କମ୍ପାନୀର ଆପ୍ଲିକେସନ୍‌ରେ ନିବେଶ କରିବାକୁ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ କରାଯାଉଥିଲା । ଏହି କମ୍ପାନୀ ଲଣ୍ଡନରେ କାର୍ଯ୍ୟାଳୟ ଖୋଲିଥିବା ଦାବି କରୁଥିଲା । କମ୍ପାନୀର ଆପ୍ଲିକେସନ୍‌ରେ ଟଙ୍କା ନିବେଶ କଲେ ଦୈନିକ ୨ରୁ ୩ ପ୍ରତିଶତ ଲାଭ ମିଳିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା । ନିୟମିତ ଏଥିରେ ଯେଉଁମାନେ ଟଙ୍କା ନିବେଶ କରୁଥିଲେ ସେମାନେ ସେଦିନ ଉଠାଇ ବି ପାରୁଥିଲେ । ଏଭଳି ପ୍ରଲୋଭନରେ କଟକ ସମେତ ଭୁବନେଶ୍ୱର, ଜଗତସିଂହପୁର, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଆଦି ଅଞ୍ଚଳରେ ଯୁବକମାନେ ନାଁ ପଞ୍ଜୀକରଣ କରି ଆପ୍ଲିକେସନ୍‌ରେ ଯୋଡ଼ି ହୋଇଥିଲେ । କଟକରେ ପାଖାପାଖି ୧୫୦ ଯୁବକ ଏଥିରେ ଯୋଡ଼ି ହୋଇଥିଲେ । ଯେଉଁମାନେ ଏଥିରେ ନିବେଶ କରୁଥିଲେ ସେମାନଙ୍କ ଅଧୀନରେ ଆଉ କିଛି ନିବେଶକଙ୍କୁ ଯୋଡୁଥିଲେ । ଯୋଡୁଥିବା ଯୁବକଙ୍କୁ କମ୍ପାନୀ କମିସନ୍ ଦେଉଥିଲା । ନେଟ୍‌ୱର୍କ ଏଭଳି ଢଙ୍ଗରେ ବଢ଼ାଇ ଚାଲିଥିଲା କମ୍ପାନୀ । ଏଥିରେ ନିୟମିତ ଟଙ୍କା ନିବେଶ କରି ଲାଭ ଉଠାଇ ଆସୁଥିବା ବେଳେ ଗତ ଏପ୍ରିଲ୍ ୨୧ରେ ହଠାତ୍ ଏହି ଉଠାଣ ପ୍ରକ୍ରିୟା ଆପ୍ଲିକେସନ୍‌ରେ ବନ୍ଦ ହୋଇଯାଇଥିଲା । ତା'ପର ଠାରୁ ଆଉ କେହି ଟଙ୍କା ଉଠାଇ ପାରୁନାହାନ୍ତି । ଓଡ଼ିଶାର ପାଖାପାଖି ଦେଢ଼ ହଜାରରୁ ଅଧିକ ନିବେଶକ ଏହି ଆପ୍ଲିକେସନ୍‌ରେ ଫସି ଯାଇଛନ୍ତି । କଟକ ମଧୁପାଟଣା ଥାନା କଲ୍ୟାଣୀନଗର ଅଞ୍ଚଳର ବ୍ୟବସାୟୀ ବିଶ୍ୱପ୍ରକାଶ ସାହୁଙ୍କ କହିବା ଅନୁଯାୟୀ, ଫେବୃୟାରୀ ୪ରୁ ଏହି ଆପ୍ଲିକେସନ୍ ମାଧ୍ୟମରେ ସେ ୪୦ ଲକ୍ଷ ଟଙ୍କା ନିବେଶ କରିଛନ୍ତି । ୧ ଲକ୍ଷ ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ଟଙ୍କା ମିଳିନାହିଁ । କଟକ ସହରରେ ପାଖାପାଖି ୧୫୦ ଜଣ ଏହି ଗ୍ରୁପ୍‌ରେ ନିବେଶ କରିଛନ୍ତି । କୋଟିଏରୁ ଅଧିକ ଟଙ୍କାର ଠକେଇ ହୋଇଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ନକଲି ଆପ୍‌ରେ ପୋଲିସ ଅଧିକାରୀଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ଟଙ୍କା ଗାଏବ

**କୋଲକାତା**

ବ୍ୟାଙ୍କ ଆପ୍ ରୂପରେ ଏକ ବିଷାକ୍ତ ମିରର୍ ଆପ୍ । ସେହି ଆପ୍ ଡାଉନ୍‌ଲୋଡ୍ କରି ଜଣେ କୋଲକାତା ପୋଲିସ ଅଧିକାରୀ ଦଶ ଲକ୍ଷ ଟଙ୍କା ହରାଇଛନ୍ତି । ଟ୍ରାଫିକ୍ ବିଭାଗର ପୋଲିସ ଅଧିକାରୀ ପୂର୍ବ କୋଲକାତାର ଏଣ୍ଟାଲି ଥାନାରେ ଏ ସମ୍ପର୍କରେ ଅଭିଯୋଗ ଦାଖଲ କରିଛନ୍ତି । ପୋଲିସ ଜଣାଇଛନ୍ତି ଯେ ଯଦିଓ ସେ କାମ ପାଇଁ କୋଲକାତାରେ ଅଛନ୍ତି, ତାଙ୍କର ମୂଳ ଘର ପୂର୍ବ ବର୍ଦ୍ଧମାନର ମେମାରିରେ । ସେ ପ୍ରୋଭିଡେଣ୍ଟ ଫଣ୍ଡ ସମ୍ବନ୍ଧୀୟ ଏକ ସମସ୍ୟାର ସମାଧାନ ପାଇଁ ଏକ ୱେବ୍‌ସାଇଟ୍ ଖୋଜିଥିଲେ । ସେହିଠାରେ ମେମାରିର ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପରିଚାଳକଙ୍କ ନମ୍ବର ସାମ୍ନାକୁ ଆସିଥିଲା । ଯେତେବେଳେ ସେ ସେହି ନମ୍ବରରେ ଫୋନ୍ କରିଥଲେ, ଜଣେ ବ୍ୟକ୍ତି ନିଜକୁ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ । ସେ ପୋଲିସ ଅଧିକାରୀଙ୍କୁ ହ୍ୱାଟ୍ସଆପ୍‌ରେ 'କଷ୍ଟମର୍ ସପୋର୍ଟ' ନାମକ ଏକ ଆପ୍ ଲିଙ୍କ୍ ପଠାଇଥିଲେ ଏବଂ ଏହାକୁ ଡାଉନ୍‌ଲୋଡ୍ କରିବାକୁ କହିଥିଲେ । ତାଙ୍କୁ ସେହି ଆପ୍‌ରେ ଅଭିଯୋଗ ଦାଖଲ କରିବାକୁ କୁହାଯାଇଥିଲା । ସେ ବ୍ୟକ୍ତିଙ୍କୁ ବିଶ୍ୱାସ କରିଥିଲେ, ଆପ୍ ଡାଉନ୍‌ଲୋଡ୍ କରିଥିଲେ ଏବଂ କିଛି ବ୍ୟାଙ୍କ ସୂଚନା ଦେଇଥିଲେ । ପୋଲିସ ଅଧିକାରୀ ଜଣକ ଜାଣି ନଥିଲେ ଯେ ଏହା ଟଙ୍କା ଆଦାୟ ପାଇଁ ଏକ 'ମିରର' ଆପ୍ ଏକ ବ୍ୟାଙ୍କ ଆପ୍ ରୂପରେ । ତାଙ୍କୁ ଦେଢ଼ ଘଣ୍ଟା ଅପେକ୍ଷା କରିବାକୁ କୁହାଯାଇଥିଲା । ଅନ୍ୟପଟେ ସେ ଏକ ମେସେଜ୍ ମାଧ୍ୟମରେ ଜାଣିବାକୁ ପାଇଲେ ଯେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦୁଇଟି କିସ୍ତିରେ ପାଞ୍ଚ ଲକ୍ଷ ଟଙ୍କା ଉଠାଯାଇଛି । ମୋଟ ଦଶ ଲକ୍ଷ ଟଙ୍କା । ସେ ଏଣ୍ଟାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଜଣାଇଛି ଯେ ତାଙ୍କ ସହିତ ଯୋଗାଯୋଗ କରାଯାଇଥିବା ମୋବାଇଲ୍ ନମ୍ବର ମାଧ୍ୟମରେ ତଦନ୍ତ ଚାଲିଛି ।



# ଚାଷୀର ପୁଅ ଗଞ୍ଜାମ ବ୍ଲକ୍ ଟପ୍ପର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ବର୍ଷ ପ୍ରକାଶ ପାଇଥିବା ଦଶମ ପରୀକ୍ଷାରେ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ରାଜେନ୍ଦ୍ର ଗୋଡ଼ ଗଞ୍ଜାମ ବ୍ଲକର ଦଶମ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ୫ ନଂ ୱାର୍ଡ ପାଟଣା ଗୋଡ଼ ସାହିର କୃଷକ ମାଧବ ଗୌଡ଼ ମାତା ସୁଜ୍ଞାନୀ ଗୌଡ଼ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଚଳିତ ବାର୍ଷିକ ପରୀକ୍ଷାରେ ସର୍ବ ମୋଟ୍ ୬୦୦ ମାର୍କରୁ ୫୫୪ ମାର୍କ ୯୨.୩୩% (ଏ୧ ଗ୍ରେଡ) ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଅନୁରୂପ ଭାବେ ଶ୍ରୀତମ ବେହେରା ୬୦୦ ରୁ ୫୪୦ ମାର୍କ ରଖି ୯୦% (ଏ୧) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଶ୍ରୀନିବାସ ସାହୁ ୪୮୧ ମାର୍କ (ଏ୨) ରଖି ବିଦ୍ୟାଳୟର ପଦ ମର୍ଯ୍ୟାଦା ଓ ଗାରିମାକୁ ବୃଦ୍ଧି କରିଛନ୍ତି । ପ୍ରକାଶଥାଉ କି ଚଳିତ ବର୍ଷ ବିଦ୍ୟାଳୟର ୮୯ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ୮୮ ଜଣ ଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ଏ୧– ୨ ଜଣ, ଏ୨– ଜଣେ, ବି୧– ୬ ଜଣ, ବି୨– ୧୨ ଜଣ, ସି– ୧୯ ଜଣ, ଡି– ୩୨ ଜଣ ଓ ଇ– ୧୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆସ୍ଥା ଭାଜନ ହୋଇଛନ୍ତି । ଓସେପାର ଯୁଗ୍ମ ନିର୍ଦ୍ଦେଶକ ଅର୍ପିତା ପଟ୍ଟନାୟକ ବିଦ୍ୟାଳୟକୁ ପରିଦର୍ଶନରେ ଆସି ୨ ଜଣ ଏ୧ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ବାପା ମାଆଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆଶୀର୍ବାଦ କାମନା କରିଥିଲେ ।

# ମା' କେନ୍ଦୁଖାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହରର ପ୍ରବେଶ ପଥ ଦୁହୁରିଆ ଠାରେ ଥିବା ମା' କେନ୍ଦୁଖାଇ ଠାକୁରାଣୀଙ୍କ ପୀଠରେ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି । ବୁଧବାର ଠାରୁ ସପ୍ତାହ ବ୍ୟାପି ଏହି ଯଜ୍ଞ କାର୍ଯ୍ୟକ୍ରମରେ ଅଙ୍କୁରା ରୋପଣ, କଳସାଧିବାସ ଅଗ୍ନିସ୍ଥାପନ ସହ ପ୍ରତ୍ୟହ ଘୃତାହୂତି କରାଯାଉଛି । ଏହା ସହ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ, ଲଉଡି ନୃତ୍ୟ, ପାଲା ପରିବେଷଣ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ସୋମବାର ଯଜ୍ଞର ପୂର୍ଣ୍ଣାହୂତି କରାଯିବ । ମା' କେନ୍ଦୁଖାଇ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଜନ ସାଧାରଣ ଓ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ ।

# ବ୍ରହ୍ମପୁର ସହରରେ ପାଦଚଲା ରାସ୍ତା ଜବରଦଖଲ:ଲୋକେ ହଟହଟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅନ୍ନପୂର୍ଣ୍ଣା ମାର୍କେଟ୍ ଠାରୁ ସିଟି ହସ୍‌ପିଟାଲ୍ ଛକ, ଗାନ୍ଧୀ ନଗର ଉପର ରାସ୍ତା, ପୁରୁଣା ବସ୍‌ଷ୍ଟାଣ୍ଡ୍ ଠାରୁ ଅନ୍ନପୂର୍ଣ୍ଣା ମାର୍କେଟ୍ ଛକ ସମେତ ଆହୁରି ଅନେକ ରାସ୍ତା ପାଦଚଲା ରାସ୍ତା ବିକଶିତ କରାଯାଇଥିଲା । ସହରବାସୀଙ୍କୁ ନାଗରିକ କୈନ୍ଦ୍ରୀକ ସୁବିଧା ଯୋଗାଇବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ହେଲେ ଫୁଟ୍‌ପାଥ କେଉଁଠି ଉଠାଦୋକାନୀଙ୍କ କବ୍‌ଜାରେ ତ ଆଉ କେଉଁଠି ସ୍ଥାୟୀ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି । ବର୍ଷ ବର୍ଷ ଧରି ଫୁଟ୍‌ପାଥ୍ ଜବରଦଖଲରେ ରହିଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସହରାଞ୍ଚଳରେ ପାଦଚଲା ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦେଉଛି । ସହରରେ ଅଧିକରୁ ଅଧିକ ନାଗରିକ କୈନ୍ଦ୍ରୀକ ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ରହିଛି । ଏହାର ପ୍ରତିଫଳନ ଅନ୍ୟ ସହରରେ ଦେଖିବାକୁ ମିଳେ । ରାଜଧାନୀର ଅଧିକାଂଶ ସ୍ଥାନରେ ପାଦଚଲା ରାସ୍ତା ଖଣ୍ଡିଏ ରହିଛି । ପଦଚାରୀଙ୍କ ପାଇଁ ରାସ୍ତା କଡ଼ରେ ସ୍ୱତନ୍ତ୍ର ରାସ୍ତାଟିଏ ନିର୍ମାଣ କରିଛି ଭୁବନେଶ୍ୱର ମହାନଗର ନିଗମ । ବାଣୀବିହାର-ମାଷ୍ଟରକ୍ୟାଣ୍ଟିନ୍ ରାସ୍ତା ହେଉ କି ଜୟଦେବ ବିହାର-ପଟିଆ ରାସ୍ତା, ସବୁଠି ପ୍ରଶସ୍ତ ଫୁଟ୍‌ପାଥ । ଭୁବନେଶ୍ୱର ଶୈଳୀରେ ବ୍ରହ୍ମପୁରରେ ମଧ ପାଦଚଲା ରାସ୍ତା ପାଇଁ ପରିକଳ୍ପନା କରାଯାଇଥିଲା । ସ୍ମାର୍ଟ ରୋଡ୍ ନିର୍ମାଣ ବେଳେ ପାଦଚଲା ରାସ୍ତାକୁ ପ୍ରକଳ୍ପର ଅନ୍ତର୍ଭୁକ୍ତ କରାଗଲା । ରାସ୍ତାରେ ପେଭର ବ୍ଲକ୍ ଏବଂ ରାସ୍ତା ପାର୍ଶ୍ୱରେ ବ୍ୟାରିକେଡ୍ ଥାଇ ପାଦଚଲା ରାସ୍ତା ନିର୍ମାଣ ହେଲା । ମାତ୍ର ସହରର ସବୁ ପାଦଚଲା ରାସ୍ତା ଜବରଦଖଲ ହୋଇଯାଇଛି । ଅନ୍ନପୂର୍ଣ୍ଣା ବଜାର ଠାରୁ ସିଟି ହସ୍‌ପିଟାଲ୍ ଛକ ପର୍ଯ୍ୟନ୍ତ ଚର୍ଚ୍ଚରୋଡ୍‌କୁ ପ୍ରଥମ ପର୍ଯ୍ୟାୟ ସ୍ମାର୍ଟ ରୋଡ୍ ପ୍ରକଳ୍ପରେ ସାମିଲ୍ କରାଯାଇଥିଲା । ବିଏମ୍‌ସି ଇଞ୍ଜିନିୟରିଂ ବିଭାଗ ସୂଚନା ଅନୁସାରେ, ପ୍ରାୟ ୭୩୦ ମିଟର ରାସ୍ତାର ଉନ୍ନତିକରଣ ପାଇଁ ୩.୮୧ କୋଟି ଟଙ୍କାର ବ୍ୟୟ ହୋଇଥିଲା । ରାସ୍ତାରେ ପିଚୁ ସହିତ ପେଭର ବ୍ଲକ୍ ବିଛାଗଲା । ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ପେଭର ବ୍ଲକ୍ ହେଲା । ଉଭୟ ପଟରେ କଂକ୍ରିଟ୍ ଡ୍ରେନ୍ ରହିଲା । ପ୍ରକଳ୍ପ ବିଳମ୍ବରେ ଶେଷ ହୋଇଥିଲେ ବି ସାଇକେଲ୍ ଟ୍ରାକ୍‌କୁ ଛାଡ଼ି ଅନ୍ୟ ସମସ୍ତ ସୁବିଧା ରହିଥିଲା । ଚର୍ଚ୍ଚ ରୋଡ୍ ପରେ ଗାନ୍ଧୀନଗରର ଉପର ରାସ୍ତା ସମେତ ଆଉ କେତେକ ସ୍ଥାନରେ ଏ ସୁବିଧା କରାଯାଇଥିଲା । ହେଲେ ବ୍ରହ୍ମପୁର ସହରର ସବୁ ପାଦଚଲା ରାସ୍ତା ଜବରଦଖଲରେ । ଅନ୍ନପୂର୍ଣ୍ଣା ମାର୍କେଟ୍ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଥିବା ପାଦଚଲା ରାସ୍ତା ଡ୍ରେସ୍ ଦୋକାନୀଙ୍କ କବ୍‌ଜାରେ ରହିଛି । ସାଧାରଣ ଭାବେ ପାଦଚଲା ରାସ୍ତା ଦେଖିହେଉନି । ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ସିଟି ହସ୍‌ପିଟାଲ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଫଳ ବ୍ୟବସାୟୀ ଦଖଲ କରି ରହିଛନ୍ତି । ସେହିପରି ଗାନ୍ଧୀନଗର ଉପର ରାସ୍ତା ଗ୍ୟାରେଜ୍ ମାଲିକଙ୍କ ଦଖଲରେ ରହିଛି । ଏଠି ବାଇକ୍ ପାର୍କିଂ କରି ପାଦଚଲା ରାସ୍ତାକୁ ବନ୍ଦ କରିଦିଆଯାଇଛି । ବର୍ଷ ବର୍ଷ ଧରି ରାସ୍ତା ଓ ପାଦଚଲା ରାସ୍ତା ଜବରଦଖଲରେ ରହୁଥିଲେ ବି ବିଏମ୍‌ସି ଏହାର ସ୍ଥାୟୀ ସମାଧାନ କରିବାରେ ସଫଳ ହେଉନି । ସହରର ମୁଖ୍ୟ ରାସ୍ତା କଥା ନ କହିବା ଭଲ । କମାପଲ୍ଲୀ ଠାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ରାସ୍ତାରେ ପରିବା ବେପାରୀଙ୍କ ଭିଡ଼ । ଜବରଦଖଲ ଉଚ୍ଛେଦକୁ ନେଇ ଗତ କାଉନ୍‌ସିଲରେ କର୍ପୋରେଟରମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ତଥାପି ଜବରଦଖଲ ପଦକ୍ଷେପ ଦେଖିବାକୁ ମିଳୁନି । ଏନେଇ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର କଲ୍ୟାଣୀ ସଂଘମିତ୍ରା କହିଛନ୍ତି ଯେ, ଠାକୁରାଣୀ ଯାତ୍ରାରେ ଅଧିକାରୀମାନେ ଥିଲେ । ଜବରଦଖଲ ଉଚ୍ଛେଦକୁ ନେଇ କମିଶନର ବୈଠକ କରିଛନ୍ତି । ବ୍ରହ୍ମପୁର ଏସ୍‌ପିଙ୍କ ସହ ବି ଆଲୋଚନା ହୋଇଛି । ଜବରଦଖଲ ଉଚ୍ଛେଦ ପରେ ପୁଣି ସେଠାକୁ ଆସି ଦୋକାନ କରୁଛନ୍ତି । ଉଚ୍ଛେଦ ପରେ ଯେଭଳି ପୁଣି ଜବରଦଖଲ ନହେବ ନଜର ଦିଆଯାଉଛି । ଖୁବ୍‌ଶୀଘ୍ର ଉଚ୍ଛେଦ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

# ବସ୍ ଚଳାଚଳରେ ମନମାନି ଯୋଗୁଁ ଯାତ୍ରୀ ହନ୍ତସନ୍ତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରୁ ପୁରୁଷୋତ୍ତମପୁର ରାସ୍ତାରେ ଯାତ୍ରୀବାହୀ ବସ୍‌ର ମନମାନି ଯୋଗୁଁ ଅନେକ ସମୟରେ ଅପେକ୍ଷାରତ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଭିନ୍ନ ସରକାରୀ କାର୍ଯ୍ୟ ହେଉ କିମ୍ବା ବ୍ୟକ୍ତିଗତ କାର୍ଯ୍ୟରେ ଯାଇଥିବା ଯାତ୍ରୀ ଗାଡ଼ିକୁ ଅପେକ୍ଷା କରି ନିର୍ଦ୍ଧାରିତ ଗାଡ଼ିରେ ବସିଲା ବେଳକୁ ଗାଡ଼ି ନିର୍ଦ୍ଧାରିତ ସ୍ଥଳକୁ ନଯାଇ ଅଧା ରାସ୍ତାରେ ଯାତ୍ରୀଙ୍କୁ ଛାଡ଼ିଦେବା ଅନେକ ସମୟରେ ହୁଏ । ଫଳରେ ଏହି ଗ୍ରୀଷ୍ମ କାଳରେ ଗରମରେ ଯାତ୍ରୀ ଅସୁବିଧାରେ ସମ୍ମୁଖୀନ ହୁଅନ୍ତି । ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ରୋଗି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଯିବା ଆସିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳେ । ଛତ୍ରପୁରରେ ଥିବା ପୁରୁଷୋତ୍ତମପୁର ବସ୍ ପାଇଁ କିଛି ସୂଚନା ଫଳକ ନଥିବା ବେଳେ ବସ୍ କର୍ମଚାରୀଙ୍କ ନିଷ୍ପତି ହିଁ ନିର୍ଦ୍ଧାରିତ ସମୟ ବୋଲି ଧରାଯାଏ । ଛତ୍ରପୁରରୁ ପୁରୁଷୋତ୍ତମପୁର ମଧ୍ୟରେ ଡାଇରେକ୍ଟ କୌଣସି ସରକାରୀ ବସ୍ ଚଳାଚଳ ନହେବା ଫଳରେ ବେସରକାରୀ ବସ୍‌ଙ୍କ ଏଭଳି ମନମାନି ଦେଖିବାକୁ ମିଳୁଛି । ଏଥିପାଇଁ ସରକାରୀ କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦେଶନାମା ଜାରୀ କରିନାହାନ୍ତି । ତେଣୁ ଏହି ରାସ୍ତାରେ ସରକାରୀ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରିବା ସହ ବେସରକାରୀ ବସ୍ ଚଳାଚଳରେ ନିର୍ଦ୍ଧିଷ୍ଟ ନିୟମ ମାନିବାକୁ ନିୟମ ପ୍ରସ୍ତୁତ କରିବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି ।

# ଖୋଲୁନି ଆୟୁର୍ବେଦିକ ଚିକିତ୍ସାଳୟ:ରୋଗୀ ହନ୍ତସନ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମୁଣ୍ଡିପଦର ଆୟୁର୍ବେଦିକ ଚିକିତ୍ସାଳୟ କାର୍ଯ୍ୟ ଦିବସରେ ଖୋଲୁନଥିବାରୁ ରୋଗୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି । ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ମନ୍ଦାକିନୀ ପ୍ରଧାନ ବାତ ଚିକିତ୍ସା ପାଇଁ ଆସିଥିଲେ । ହେଲେ ସାଢେ ୧୦ଟା ପର୍ଯ୍ୟନ୍ତ ଡାକ୍ତରଙ୍କ ବାଟକୁ ଅପେକ୍ଷା କରି ନିରାଶ ହୋଇ ଫେରିଥିଲେ । ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ୧୯୮୨ ମସିହାରେ ମୁଣ୍ଡିପଦର ଠାରେ ଆୟୁର୍ବେଦିକ ଚିକିତ୍ସାଳୟ ଖୋଲିଥିଲେ । ତେବେ ଏହି ଚିକିତ୍ସାଳୟ କନ୍ଧମାଳ ଡିଏମ୍‌ଙ୍କ ଅଧୀନରେ ଚାଲିଥିବା ଜଣାପଡିଛି । ଏହି ଅଞ୍ଚଳରେ ଚିକିତ୍ସା ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ସେତେବେଳେ ପ୍ରାୟ ୫ଟି ପଞ୍ଚାୟତର ଲୋକ ଏହା ଉପରେ ନିର୍ଭର କରୁଥିଲେ । ଏହାର କୌଣସି ଘର ନଥିବାରୁ ମୁଣ୍ଡିପଦର ପଞ୍ଚାୟତ ଦେଇଥିବା ଏକ ଘରେ




ଚାଲିଥିଲା । ତେବେ ଏହି ଚିକିତ୍ସାଳୟରେ ନିଯୁକ୍ତ ଡାକ୍ତର ଏକାଧିକ ଚିକିତ୍ସାଳୟ ଦାୟିତ୍ୱରେ ଥିବାରୁ ସପ୍ତାହରେ ଦୁଇ ଦିନ ଆସୁଥିଲେ । ୧୯୯୩ ମସିହାରେ ମୁଣ୍ଡାପଡା ଓ ଜହ୍ନାପଙ୍କ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଲାପରେ ଏହାର ଗୁରୁତ୍ୱ କମିଯାଇଛି । ହେଲେ ଆୟୁର୍ବେଦ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏହାକୁ ଭୁଲିନଥିବା ଏଠାରେ ନିଯୁକ୍ତ ଡାକ୍ତର କହନ୍ତି । ଦେହେ ଏହି ଚିକିତ୍ସାଳୟରେ ସମୁଦାୟ ୩ ଜଣ କର୍ମଚାରୀ ଅଛନ୍ତି । ଡାକ୍ତର ଯଦି କୌଣସି ଜରୁରୀ କାର୍ଯ୍ୟରେ ଯାଆନ୍ତି ତେବେ ପିଅନ ଓ ସହକାରୀ ଚିକିତ୍ସକ କେବଳ ଚିକିତ୍ସାଳୟକୁ ଜଗି ବସନ୍ତି । ଦୀର୍ଘ ବର୍ଷ ହେଲା ଏଠାରେ ନିୟମିତ ଡାକ୍ତର ନଥିଲେ ମଧ ଚିକିତ୍ସାଳୟ ହେବା ଦିନ ଠାରୁ କେବେହେଲେ ଜିଲ୍ଲା ଆୟୁର୍ବେଦ ଚିକିତ୍ସା ଅଧିକାରୀଙ୍କ ଚିକିତ୍ସାଳୟରେ ପାଦ ପଡିନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ତେବେ ୨ ବର୍ଷ ହେଲା ଏଠାରେ ଏକ ସ୍ଥାୟୀ ଡାକ୍ତର ନିଯୁକ୍ତି ଦିଆଯାଇଛି । ଏହା ମଧ୍ୟରେ ନୂତନ ଘର ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଛି । କିନ୍ତୁ ଚିକିତ୍ସାଳୟକୁ ଭଲ ରାସ୍ତା ନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଯିବାକୁ ପଡୁଛି । ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନଥିବାରୁ ପଞ୍ଚାୟତ ଦୟାରେ ଲାଇଟ୍ ଜଳୁଛି । ପାଚେରୀ ନଥିବା ଯୋଗୁ ସନ୍ଧ୍ୟା ହେଲେ ପରିସରରେ ମଦ୍ୟପଙ୍କ ଆସର ଜମୁଛି । ସ୍ଥାୟୀ ରାସ୍ତା ନାହିଁ । ଜିଲ୍ଲା ପ୍ରଶାସନ ଯଦି ଆବଶ୍ୟକ ଜମି, ପାଚେରୀ ନିର୍ମାଣ ସହିତ ସ୍ଥାୟୀ ରାସ୍ତା ନିର୍ମାଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ତେବେ ଏହି ଆୟୁର୍ବେଦିକ ଚିକିତ୍ସାଳୟର ଷ୍ଟାଫ୍ କ୍ୱାର୍ଟର ନିର୍ମାଣ କରାଯିବ ବୋଲି ଡଃ ଭବାନୀଶଙ୍କର ପାଲ୍ କହିଛନ୍ତି ।



# ଜିଲ୍ଲାର ୨୦ଟି ମଣ୍ଡିରେ କିଣାହେବ ବିରି, ମୁଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ୨୦ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ବିରି, ମୁଗ କ୍ରୟ ପାଇଁ ନିଷ୍ପତି ନିଆଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଗ କେଜି ୮୬.୮୨ ପଇସା ଓ ବିରି କେଜି ୭୪ ଟଙ୍କା ହାରରେ ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବ । ପ୍ରତି ବ୍ଲକରେ ୨/୩ଟି କରି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ମୁଗ, ବିରି କ୍ରୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରତ୍ୟେକ ଚାଷୀ ଏକର ପିଛା ୨ କ୍ୱିଣ୍ଟାଲ କରି ମୁଗ ଓ ବିରି ମଣ୍ଡିରେ ବିକ୍ରୟ କରିପାରିବେ । ସେମାନଙ୍କ ଆକାଉଣ୍ଟକୁ ୪ ଦିନ ମଧ୍ୟରେ ବିକ୍ରୟ ଅର୍ଥ ପଠାଯିବ ବୋଲି ଭାରପ୍ରାପ୍ତ ମାର୍କଫେଡ୍ ଅଧିକାରୀ ପ୍ରଶାନ୍ତ କୁମାର ରାଉତ ସୂଚନା ଦେଇଛନ୍ତି । ଆମ୍ବାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ରାଉତ ବୈଠକ ପରିଚାଳନା କରିଥିଲେ ।



# ଚୁଆ ପାଣି ଭରସାରେ ଖୋଲପା ମୁଣ୍ଡା ସାହି ବାସିନ୍ଦା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସରକାର ଆଦିବାସୀଙ୍କ ପାଇଁ ମାଳମାଳ ଯୋଜନା କରୁଛନ୍ତି । ଏପରିକି ସେମାନଙ୍କ ଉନ୍ନତ୍ତି ଓ ସୁବିଧା ପାଇଁ ପାଣି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ନରଣପୁର ଉପଖଣ୍ଡ ଅନ୍ତର୍ଗତ ଖୋଲପା ଗ୍ରାମର ମୁଣ୍ଡା ସାହି ବାସିନ୍ଦା ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି । ନରଣପୁର ମୁଖ୍ୟ ରାସ୍ତାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥାଇ ମଧ ଏହି ଖୋଲପା ଗ୍ରାମର ମୁଣ୍ଡା ସାହି ପାଇଁ ସରକାରୀ ଯୋଜନା ସାତସପନ । ଏଠାରେ ସରକାରଙ୍କ ଘରେ ଘରେ ପାନୀୟ ଜଳ ଯୋଜନା ଫେଲ୍ ମାରିଥିବା ବେଳେ ଏହି ମୁଣ୍ଡାସାହି ବାସିନ୍ଦାଙ୍କ ପାଇଁ ଡିମ୍ବୋ ଗ୍ରାମପଞ୍ଚାୟତ ପକ୍ଷରୁ ଆଜି ଯାଏ ପିଇବା ପାଣିର କୌଣସି ସୁବିଧା କରାଯାଇନାହିଁ । ସ୍ୱାଧୀନତାର ୭୮ ବର୍ଷ ପରେବି ସାହିର ଲୋକେ ପିଇବା ପାଣି ପାଇଁ ଚୁଆ ଉପରେ ଭରସା କରି ଚଳୁଛନ୍ତି । ରାତି ପାହିଲେ ପିଲା ଠାରୁ ବୃଦ୍ଧା ପର୍ଯ୍ୟନ୍ତ ମହିଳାମାନେ କାଖରେ ଗରା ମାଠିଆ ଧରି ଡହ ଡହ ଖରାଦିନରେ ଦୂରରେ ଥିବା ଏକ ଚୁଆରୁ ପାଣି ଆଣି ନିଜର ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରୁଛନ୍ତି । ଏହି ଗ୍ରାମରେ ସରକାରଙ୍କ ବସୁଧା ଯୋଜନା ଫେଲ୍ ମାରିଛି । ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରି ଆସୁଥିଲେ ମଧ କେହି ତାଙ୍କ ଦୁଃଖ ଶୁଣୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ଆଜି ଯାଏ ପାଇପ୍ ଯୋଗେ ପାଣି ବ୍ୟବସ୍ଥା ହୋଇନାହିଁ । ଅଳ୍ପ ଦୂରରେ ନରଣପୁର ଗ୍ରାମପଞ୍ଚାୟତରେ ରହିଥିବା ଏକ ଓଭର୍‌ହେଡ୍ ପାଣି ଟାଙ୍କିକୁ ଗ୍ରାମର ଲୋକେ ଅନେଇ ଅନେଇ କେବେ ତାଙ୍କ ଗ୍ରାମରେ ଏହିଭଳି ପାଣିଟାଙ୍କି ଲାଗି ଘରକୁ ଜଳ ଯୋଗାଣ ହେବ ବୋଲି ସ୍ୱପ୍ନ ଦେଖୁଛନ୍ତି । ତୁରନ୍ତ ସେମାନଙ୍କ ଜଳ ସମସ୍ୟା ପ୍ରତି ସରକାର ଦୃଷ୍ଟି ନଦେଲେ ସେମାନେ ନରଣପୁର ଡିମ୍ବୋ ରାସ୍ତାରେ ଗରା ମାଠିଆ ରଖି ଆନ୍ଦୋଳନ କରିବେ ବୋଲି ଚରମବାଣୀ ଶୁଣାଇଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ୍ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀମତୀ ଦାସ ବିଭାଗ ମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱୟନର ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ୍ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ବନ୍ୟା ଆଶ୍ରୟ ସ୍ଥଳୀମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ବୈଠକରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଜିଲ୍ଲାର ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ-ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟକରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେବା ସହିତ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି । କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲା, ଉପଖଣ୍ଡ ସହ ବ୍ଲକସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍‌ରୁମ୍ କାର୍ଯ୍ୟକ୍ଷମକୁ ନିରନ୍ତର ସୁନିଶ୍ଚିତ କରିବାକୁ ଅଧିକାରୀ ତଥା ବିଡ଼ିଓ ମାନଙ୍କୁ ବୈଠକରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଜିଲ୍ଲା କାର୍ଯ୍ୟାଳୟର କଣ୍ଟ୍ରୋଲ୍ ରୁମ୍ ଯୋଗାଯୋଗ ନମ୍ବର ୦୬୬୫୪– ୨୯୧୩୭୪ ରହିଥିବା ବେଳେ ଟୋଲ୍ ଫ୍ରି ନମ୍ବର ୧୦୭୭ ରହିଥିବା ସୂଚନା ପ୍ରଦାନ କରାଯାଇଛି । ଜିଲ୍ଲାରେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ବିଗତ ବର୍ଷର ଅଭିଜ୍ଞତାକୁ ନେଇ ନିଜ ବିଭାଗ ସମ୍ପୃକ୍ତ ସମ୍ବେଦନଶୀଳ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି




ଜିଲ୍ଲାପାଳ ତଥା ଅଧକ୍ଷା । ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକସ୍ତର ସହ ପୌରପରିଷଦ ସୋନପୁର, ଏନ୍‌ଏସି ବିନିକା ଓ ତରଭା ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ ଚଳିତ ମାସ ଶେଷ ସୁଦ୍ଧା ନିଜ ନିଜ ସ୍ତରରେ ଆବଶ୍ୟକ ପ୍ରାକ୍ ପ୍ରସ୍ତୁତିର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ବଣ୍ଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ସମ୍ଭାବ୍ୟ ବନ୍ୟାର ସଫଳ ମୁକାବିଲାକୁ ସୁନିଶ୍ଚିତ ତଥା ବ୍ୟବସ୍ଥିତ କରିବା ନିମନ୍ତେ ତୃଣମୂଳ ସ୍ତରରେ ସମସ୍ତ ପିଆରଆଇ ସଦସ୍ୟ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସିଭିଲ୍ ସୋସାଇଟି ସଦସ୍ୟ ପ୍ରଭୃତିଙ୍କୁ ସାମିଲ୍ କରିବା ସହ ଆବଶ୍ୟକ ଯୋଗାଯୋଗ ପୂର୍ବକ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲା ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ବ୍ୟବସ୍ଥିତ କରାଯିବା ସହ ବନ୍ୟା ପ୍ରବଣ ଅଞ୍ଚଳ ଗୁଡିକରେ ଆବଶ୍ୟକ ମତେ କଲ୍ୟାଣ ମଣ୍ଡପ ପ୍ରଭୃତିକୁ ମଧ ବ୍ୟବସ୍ଥିତ କରିବାକୁ ପରାମର୍ଶ ଦିଆଯାଇଛି । ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ଅଧକ୍ଷା ସୁପାର ଠେଲା, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ବଲାଙ୍ଗୀର ଲୋକସଭା ସାଂସଦଙ୍କ ପ୍ରତିନିଧି ଶରତ ଶତପଥୀ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ୍ ମୁକାବିଲା ନିମନ୍ତେ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଆନ୍ତରିକତା ସହ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ । ବୈଠକ ଅବସରରେ ସିଡିଏମ୍ ଓ ଡା. ପ୍ରଦୀପ କୁମାର ଗୁରୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ସୋନପୁର ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ବିନିକା ଓ ତରଭା ପ୍ରମୁଖଙ୍କ ସହ ଜିଲ୍ଲା ଜରୁରୀ ଶାଖା ଅଧିକାରୀ ସଂଗ୍ରାମ କେଶରୀ ଜେନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀ ଶାଖା ବିଶ୍ୱନାଥ ନାୟକ ତଥା ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

31 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୨ ମଇ, ସୋମବାର, ୨୦୨୫


## ଆଇପିଏଲ୍ ସସ୍‌ପେଣ୍ଡ ପରେ ସ୍ୱଦେଶ ଫେରିଗଲେ ଖେଳାଳି



**ନୂଆଦିଲ୍ଲୀ**

ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି ୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି। ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା। ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯାଇଥିଲା।

ଟୁର୍ଣ୍ଣାମେଣ୍ଟ ସସ୍‌ପେଣ୍ଡ ପରେ ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇ ଥିଲେ। ବିଦେଶୀ ଖେଳାଳିମାନେ ମଧ୍ୟ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି।

# ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟ କ୍ରିକେଟରୁ ଅବସର ନେବେ କୋହଲି !

**ନୂଆଦିଲ୍ଲୀ**

ବିରାଟ କୋହଲି ଜୁନ୍ ମାସରେ ଭାରତର ଆଗାମୀ ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ପ୍ରସ୍ତୁତ ଅଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ପୂର୍ବତନ ଭାରତୀୟ ଅଧିନାୟକ ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ)କୁ ତାଙ୍କର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇସାରିଛନ୍ତି। ତଥାପି ବୋର୍ଡ ତାଙ୍କୁ ପୁନର୍ବିଚାର କରିବାକୁ ବୁଝାଇବାକୁ ଚେଷ୍ଟା ଜାରି ରଖିଛି।

ବିରାଟ କୋହଲି ସବୁଠାରୁ ଲମ୍ବା ଫର୍ମାଟରୁ ଦୂରେଇ ରହିବାକୁ ନିଷ୍ପତ୍ତିରେ ଅଟଳ ରହିଛନ୍ତି, ଯଦିଓ ବିସିସିଆଇ ତାଙ୍କ ମନ ପରିବର୍ତ୍ତନ ହେବ ବୋଲି ଆଶା ରଖିଛି। କୋହଲି ଅବସର ନେବାର ଇଚ୍ଛା ପ୍ରକାଶ କରିବା ପରଠାରୁ ବୋର୍ଡ ତାଙ୍କ ସହ ନିରନ୍ତର ଆଲୋଚନା ଜାରି ରଖିଛି।




କିନ୍ତୁ ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, କୋହଲି ତାଙ୍କ ନିଷ୍ପତ୍ତିରେ ଦୃଢ ଅଛନ୍ତି।

ଜଣେ ବିସିସିଆଇ ଅଧିକାରୀଙ୍କୁ ଉଦ୍ଧୃତ କରି କୁହାଯାଇଛି, "କୋହଲି ଦୁଇ ସପ୍ତାହ ପୂର୍ବେ ଚୟନକର୍ତ୍ତାଙ୍କୁ ଟେଷ୍ଟ ଛାଡ଼ିବାର ଇଚ୍ଛା ବିଷୟରେ ସୂଚନା ଦେଇଥିଲେ। ସେମାନେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଖେଳିବାକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତଥାପି, ସେ ତାଙ୍କ ନିଷ୍ପତ୍ତିରେ ଅଟଳ ଅଛନ୍ତି। ଅନ୍ତିମ ନିଷ୍ପତ୍ତି ଆଗାମୀ ସପ୍ତାହରେ ଚୟନ ବୈଠକ ପାଖାପାଖି ହେବ।"

ବିରାଟ କୋହଲିଙ୍କ ସମ୍ଭାବ୍ୟ ବିଦାୟ ରୋହିତ ଶର୍ମାଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ ଖୁବ୍ ଶୀଘ୍ର ଘଟିବ, ଯାହା ଦଳର ନେତୃତ୍ୱ ଏବଂ ମୁଖ୍ୟ ଖେଳାଳିଙ୍କ ଗଠନରେ ଏକ ବଡ଼ ପରିବର୍ତ୍ତନକୁ ସୂଚାଇବ।

ଏହି ନିଷ୍ପତ୍ତି ସତ୍ତ୍ୱେ, ବିରାଟ କୋହଲି ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ) ୨୦୨୫ରେ ଉଲ୍ଲେଖନୀୟ ଫର୍ମରେ ଅଛନ୍ତି। ୧୧ଟି ମ୍ୟାଚରେ ସେ ୫୦୫ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ସାତୋଟି ଅର୍ଦ୍ଧଶତକ ରହିଛି, ଏବଂ ବର୍ତ୍ତମାନ ସେ ଅରେଞ୍ଜ କ୍ୟାପ ତାଲିକାରେ ୪ ନମ୍ବରରେ ଅଛନ୍ତି। ତାଙ୍କର ପ୍ରଦର୍ଶନ ଏହା ସ୍ପଷ୍ଟ କରୁଛି ଯେ ତାଙ୍କ ନିଷ୍ପତ୍ତି ଫର୍ମର ଅଭାବ ହେତୁ ନୁହେଁ, ବରଂ ଅନ୍ୟ ବ୍ୟକ୍ତିଗତ ବା ପେଷାଗତ କାରଣ ହେତୁ ହୋଇପାରେ।

କୋହଲିଙ୍କଠାରୁ ଅନ୍ତିମ ନିଷ୍ପତ୍ତିର ଅପେକ୍ଷା କରାଯାଉଥିବା ବେଳେ ଦେଶର ପ୍ରଶଂସକମାନେ ଆଶା କରୁଛନ୍ତି ଯେ ସେ ରେଡ୍-ବଲ କ୍ରିକେଟକୁ ଅଲବିଦା କହିବା ପୂର୍ବରୁ ଅତି କମ୍‌ରେ ଆଉ ଏକ ଟେଷ୍ଟ ସିରିଜରେ ଖେଳିବେ।

## ନିର୍ଦ୍ଧାରିତ ସମୟରେ ସରିବ ଆଇପିଏଲ
## ଖୁବ୍‌ଶୀଘ୍ର ଘୋଷଣା ହେବ ନୂଆ କାର୍ଯ୍ୟସୂଚୀ




**ନୂଆଦିଲ୍ଲୀ**

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମିବା ପରେ ଭାରତୀୟ କ୍ରିକେଟ୍ ବୋର୍ଡ(ବିସିସିଆଇ) ପୁଣି ଥରେ ଆଇପିଏଲ୍ ୨୦୨୫ ପୁନଃ ଆରମ୍ଭର ପ୍ରସ୍ତୁତିରେ ଜୁଟିଯାଇଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ଉପୁଜିବା କାରଣରୁ ମେ ୯ ତାରିଖରେ ଆଇପିଏଲ୍‌କୁ ସପ୍ତାହେ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା। ଏହା ପରେ ଖେଳାଳି ନିଜ ନିଜ ଦେଶକୁ ଫେରିଯାଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୧୨ ଲିଗ୍ ମ୍ୟାଚ୍ ଓ ଚାରୋଟି ପ୍ଲେ ଅଫ୍ ମ୍ୟାଚ୍ ବାକି ରହିଛି। ବିସିସିଆଇ ଯଥା ଶୀଘ୍ର ନୂଆ କ୍ରୀଡ଼ାସୂଚୀର ଘୋଷଣା କରିବ। ଏହାକୁ ନେଇ ଏକ ସଦ୍ୟତମ ଖବର ସାମ୍ନାକୁ ଆସିଛି।

ରିପୋର୍ଟ ଅନୁଯାୟୀ, ବୋର୍ଡ ସବୁ ଦଳକୁ ମେ ୧୩ ତାରିଖ ସୁଦ୍ଧା ଖେଳାଳିଙ୍କୁ ଏକତ୍ର କରିବାକୁ ଆଦେଶ ଦେଇଛି। ୧୮ତମ ସିଜିନର ଉଦ୍‌ଯାପନୀ ମ୍ୟାଚ୍ ମେ ୨୫ ହେବାର ଥିଲା, ଯେଉଁଥିରେ ପରିବର୍ତ୍ତନ କରାଯିବାର ସମ୍ଭାବନା କମ୍ ରହିଛି। ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଡବଲ ହେଡର ମ୍ୟାଚ୍‌ର ଆୟୋଜନ କରିପାରେ। ଉଲ୍ଲେଖନୀୟ ଗୁରୁବାର ବ୍ଲାକଆଉଟ୍ କାରଣରୁ ଧର୍ମଶାଳାରେ ଖେଳା ଯାଉଥିବା ପଞ୍ଜାବ କିଙ୍ଗ୍ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ରଦ୍ଦ କରାଯାଇଥିଲା।

ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବିସିସିଆଇ ମଙ୍ଗଳବାର ସୁଦ୍ଧା ନିଜର ଦଳଗୁଡ଼ିକୁ ନିଜ ନିଜର ଆୟୋଜନ ସ୍ଥଳରେ ପହଞ୍ଚିବାକୁ କୁହାଯାଇଛି। ପଞ୍ଜାବର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ସ୍ଥାନରେ ଖେଳାଯିବ, ତେଣୁ ଏହି ଦଳର ଆୟୋଜନ ସ୍ଥଳ ଘୋଷଣା କରାଯିବା ବାକି ରହିଛି। ବୋର୍ଡ ମେ ୨୫ ତାରିଖରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଅଧିକ ଡବଲ ହେଡର ମ୍ୟାଚ୍ କରିବାକୁ ଯୋଜନା କରିପାରେ। ଏ ନେଇ ଆଜି ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ମଧ୍ୟରେ ବୈଠକ ହେବାକୁ ଯାଉଛି।

ବିସିସିଆଇର ଉପ ସଭାପତି ରାଜୀବ ଶୁକ୍ଲା କହିଛନ୍ତି, ଯୁଦ୍ଧ ଥମି ଯାଇଛି। ବିସିସିଆଇ ପଦାଧିକାରୀ, ଅଧିକାରୀ ଓ ଆଇପିଏଲ୍ ସଞ୍ଚାଳନ ପରିଷଦ ବୈଠକ କରି ଆଇପିଏଲ ପୁନଃ ଆରମ୍ଭ ଉପରେ ନିଷ୍ପତ୍ତି ନେବେ। କୁହାଯାଉଥିଲା ଯେ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ହାଇଦ୍ରାବାଦ ପରି ଦକ୍ଷିଣ ଭାରତର କୌଣସି ସହରରେ ଆଇପିଏଲ ଅବଶିଷ୍ଟ ମ୍ୟାଚ୍ ଖେଳା ଯାଇପାରେ। ହେଲେ ଏବେ ଉତ୍ତେଜନା କମି ଯାଇଥିବାରୁ ନୂଆ କାର୍ଯ୍ୟସୂଚୀ ସହ ଭେନ୍ୟୁର ଘୋଷଣା ଶୀଘ୍ର ହୋଇପାରେ।

# ଆନେକ୍ସ କପ୍ ଫାଇନାଲରେ ଝାଡ଼ଖଣ୍ଡ ସ୍ପୋର୍ଟିଂ ୟୁନିଅନ ଝାଡ଼ଖଣ୍ଡ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ସେମିରେ ଆନ୍ନେକ୍ସ କପ୍ ସେମି ଫାଇନାଲ ମ୍ୟାଚ୍‌ରେ ସ୍ଥାନୀୟ ଏସଭିଏମ୍ କଲେଜ ପଡ଼ିଆରେ ଚାଲିଥିବା ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆନେକ୍ସ କପ୍‌ର ଫାଇନାଲରେ ପ୍ରବେଶ କରିଛି ଝାଡ଼ଖଣ୍ଡ ସ୍ପୋର୍ଟିଂ। ପ୍ରଥମେ ଟସ୍‌ରେ ଜିତି ଝାଡ଼ଖଣ୍ଡ ସ୍ପୋର୍ଟ୍ସ ୟୁନିଅନ୍ ବୋଲିଂର ନିଷ୍ପତ୍ତି ନେଇଥିଲା। ଜବାବରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭୬ ରନ କରି ୮ଟି ୱିକେଟ୍ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ସୌଭାଗ୍ୟ ମିଶ୍ର ୫୨ ଓ କିଶାନ ରଥ ୪୩ ଓ ପୁରୁଷୋତ୍ତମ ପ୍ରଧାନ ୨୪ ରନ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ଆଶ୍ୱିନ ୪ଟି ଓ ଅଭିନାସ କୁମାର ୨ଟି ୱିକେଟ୍ ଅକ୍ତିଆର




କରିଥିଲେ। ଏହାର ଜବାବରେ ୧୯.୨ ଓଭରରେ ଏକ ସଂଘର୍ଷମୟ ମ୍ୟାଚ୍‌ରେ ୭ ୱିକେଟ୍ ହରାଇ ୧୭୭ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା ଝାଡ଼ଖଣ୍ଡ ସ୍ପୋର୍ଟିଂ।

ଦଳ ପକ୍ଷରୁ ସର୍ବାଧିକ କୁମାର ଅଙ୍କିତ ୪୧ ଶ୍ରେଷ୍ଠ ୩୧ ରୋନି କୁମାର ଯାଦବ ୨୪ ରନ କରିଥିଲେ। ଶେଷ ୮ଟି ବଲରେ ୧୫ ରନ ଆବଶ୍ୟକ ଥିଲା ବେଳେ ସୁରଜ୍ ଯାଦବ ୩ଟି ବଲରେ ୧୦ କରି ଦଳକୁ ବିଜୟୀ କରାଇଥିଲେ। ହିନ୍ଦୁସ୍ଥାନ ପକ୍ଷରୁ ସର୍ବାଧିକ ଜାମାଲା ମହାପାତ୍ର ୩ଟି ୱିକେଟ ବିଶ୍ୱଜିତ୍ ମହାପାତ୍ର ଓ ସୁପ୍ରଭାତ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଏହି ଖେଳର ଶ୍ରେଷ୍ଠ ଖେଳାଳି ଝାଡ଼ଖଣ୍ଡ ଟିମ୍‌ର କୁମାର ଅଙ୍କିତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଘୋଷଣା କରାଯାଇଥିଲା। ଏହି ପୁରସ୍କାର ବିତରଣୀ ଉତ୍ସବରେ ସାମ୍ମାନୀତ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପିନାକୀ ମହାନ୍ତି, ତପନ କୁମାର ମଲ୍ଲିକ, ଜଗନ୍ନାଥ ଦାସ, ପୂର୍ବତନ ଛାତ୍ର ନେତା ଅଧ୍ୟାପକ ଆଶୁତୋଷ ପ୍ରୟାସ ଦାସ, ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ଆଶୁତୋଷ ପାଣି, ସୌମେନ୍ଦ୍ର ପାତ୍ର, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ, ପ୍ରିତମ ପ୍ରିୟଦର୍ଶନ, କରନ୍ ଖାନ ଓ ମିଲନ ଓଝା ପରିଚାଳନା କରିଥିଲେ।



ଭୁବନେଶ୍ୱର : ରବିବାର କ୍ରୀଡ଼ାବିତ୍ ପ୍ରଜ୍ଞାନ ଓଝା କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷତ୍ କରିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍ ପ୍ରଜ୍ଞାନ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ସାମଗ୍ରିକ ବିକାଶ ସମ୍ବନ୍ଧରେ ମନ୍ତ୍ରୀ ସୂରଜଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଆମ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦେକ୍ଷପ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। (ଫଟୋ : ସମ୍ବାଦ କଳିକା)

## ଆଉ କେବେ ଯିବିନି ପାକିସ୍ତାନ : ଏୟାରପୋର୍ଟରେ କାନ୍ଦିବାକୁ ଲାଗିଲେ ବାଂଲାଦେଶୀ କ୍ରିକେଟର

**ଢାକା**

ଭାରତ ଏବଂ ପାକିସ୍ତାନ ଉଭୟ ଯୁଦ୍ଧବିରତି ଉପରେ ସହମତ ହୋଇଛନ୍ତି। ପୂର୍ବରୁ ଉଭୟ ପାର୍ଶ୍ୱରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡ ପିଏସଏଲ ୨୦୨୫ ସ୍ଥଗିତ ରଖିବା ନେଇ ଘୋଷଣା କରିଥିଲା। ନିକଟରେ ଯେତେବେଳେ ବିଦେଶୀ କ୍ରିକେଟର ପାକିସ୍ତାନରୁ ଦୁବାଇ ବିମାନବନ୍ଦରରେ ଅବତରଣ କରିଥିଲେ, ସେହି ସମୟରେ ବାଂଲାଦେଶୀ ଖେଳାଳି ରିଶାଦ ହୁସେନ ତାଙ୍କର ଯନ୍ତ୍ରଣା ପ୍ରକାଶ କରିଥିଲେ। ସେ କହିଥିଲେ ଯେ କିପରି ତାଙ୍କ ଦେଶର କ୍ରିକେଟର ନାହିଦ ରାଣା ଥରିବାକୁ ଲାଗିଲେ। ସେ ଜଣେ କ୍ରିକେଟରଙ୍କ ବିଷୟରେ ମଧ୍ୟ କହିଥିଲେ ଯିଏ କହିଛନ୍ତି ଯେ ସେ କେବେ ପାକିସ୍ତାନ ମାଟିରେ ପାଦ ଦେବେ ନାହିଁ।

କ୍ରିକ୍‌ବଜ୍ ଅନୁଯାୟୀ, ଦୁବାଇ ବିମାନବନ୍ଦରରେ ଅବତରଣ କରିବା ପରେ, ରିଶାଦ ହୁସେନ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ



କହିଥିଲେ, "ସାମ ବିଲିଙ୍ଗସ, ଡାରିଲ ମିଚେଲ, କୁସାଲ ପେରେରା, ଡେଭିଡ ୱିସ ଏବଂ ଟମ୍ କରାନ ସମେତ ସମସ୍ତ ଖେଳାଳି ଭୟଭୀତ ହୋଇଯାଇଥିଲେ। ଦୁବାଇରେ ଅବତରଣ କରିବା ପରେ, ଡାରିଲ ମିଚେଲ ମୋତେ କହିଥିଲେ ଯେ ସେ ଆଉ କେବେ ପାକିସ୍ତାନ ଯିବେ ନାହିଁ, ବିଶେଷକରି ଏପରି ସଙ୍କଟ ସମୟରେ ନୁହେଁ।"

ରିଶାହ ହୁସେନ ଏହା ମଧ୍ୟ କହିଥିଲେ ଯେ ଯେତେବେଳେ ଟମ୍ କରନ ଜାଣିବାକୁ ପାଇଲେ ଯେ ପାକିସ୍ତାନର ବିମାନବନ୍ଦର ବନ୍ଦ ହୋଇଯାଇଛି, ସେ କାନ୍ଦିବାକୁ ଲାଗିଲେ। ଟମ୍ କରନ ପିଲା ପରି କାନ୍ଦିବାକୁ ଲାଗିଲେ ଏବଂ ତାଙ୍କୁ ଶାନ୍ତ କରିବା ପାଇଁ ୨-୩ ଜଣଙ୍କର ଆବଶ୍ୟକତା ଥିଲା।

ବାଂଲାଦେଶ ଖେଳାଳି ରିଶାଦ ହୁସେନ ମଧ୍ୟ କହିଛନ୍ତି ଯେ ଦୁବାଇରେ ଅବତରଣ କରିବା ପରେ, ତାଙ୍କୁ ଖବର ମିଳିଥିଲା ଯେ ତାଙ୍କ ବିମାନ ପାକିସ୍ତାନ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ୨୦ ମିନିଟ ପରେ ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା। ମୃତ୍ୟୁଠାରୁ ମାତ୍ର ୨୦ ମିନିଟ ଦୂରରେ ଥିବାରୁ, ରିୟାଜ ହୁସେନ କହିଥିଲେ ଯେ ଦୁବାଇ ଆସିବା ପରେ ତାଙ୍କୁ ଦ୍ୱିତୀୟ ଜୀବନ ମିଳିଥିବା ଭଳି ଅନୁଭବ ହୋଇଥିଲା।

## ପାକିସ୍ତାନରେ କ୍ଷେପଣାସ୍ତ୍ର ଆକ୍ରମଣରୁ ଅଳ୍ପକେ ବର୍ତ୍ତିଗଲେ ଅଷ୍ଟ୍ରେଲୀୟ କ୍ରିକେଟର

**ନୂଆଦିଲ୍ଲୀ**

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ପାକିସ୍ତାନର ନୁର ଖାନ ବାୟୁସେନା ଘାଟି ନିକଟରେ ଭାରତୀୟ କ୍ଷେପଣାସ୍ତ୍ର ଆକ୍ରମଣରୁ ଚାରି ଜଣ ଅଷ୍ଟ୍ରେଲୀୟ କ୍ରିକେଟର ଅଳ୍ପକେ ବର୍ତ୍ତି ଯାଇଥିବା ରିପୋର୍ଟ ମିଳିଛି। ଏହି ଘଟଣା ପାକିସ୍ତାନ ପ୍ରିମିୟର ଲିଗ୍ (ପିଏସଏଲ) ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ସ୍ଥଗିତ ରହିଥିବା ସମୟରେ ଘଟିଛି।

ସୂଚନା ଅନୁଯାୟୀ, ଏହି କ୍ରିକେଟରମାନେ ପାକିସ୍ତାନରେ ପିଏସଏଲରେ ଭାଗ ନେଉଥିବା ସମୟରେ ଏହି ଆକ୍ରମଣ ଘଟିଥିଲା। ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ସେମାନେ ନୁର ଖାନ ବାୟୁସେନା ଘାଟିରୁ ବାହାରି ଯାଇଥିଲେ, ଯାହା ସେମାନଙ୍କ ଜୀବନ ରକ୍ଷା କରିଥିଲା। ଦି ସିଡ୍‌ନୀ ମର୍ଣ୍ଣିଂ ହେରାଲ୍ଡ ଏବଂ ଅନ୍ୟାନ୍ୟ ସମ୍ବାଦ ମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଘଟଣା




ଭାରତ-ପାକିସ୍ତାନ ସୀମାରେ ଚାଲିଥିବା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ଏକ ଅଂଶ ଥିଲା।

ଏହି ଉତ୍ତେଜନା ମଧ୍ୟରେ ଭାରତ ଓ ପାକିସ୍ତାନ ଶନିବାର ଏକ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିରେ ପହଞ୍ଚିଥିଲେ, ଯାହା ଆମେରିକାର ମଧ୍ୟସ୍ଥତାରେ ସମ୍ଭବ ହୋଇଥିଲା। ତେବେ ଏହା ପରେ ମଧ୍ୟ ଉଭୟ ଦେଶ ପରସ୍ପର ବିରୁଦ୍ଧରେ ଯୁଦ୍ଧବିରତି ଉଲ୍ଲଂଘନର ଅଭିଯୋଗ ଆଣିଛନ୍ତି।

ଏହି ଘଟଣା ପରେ ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ ସୁରକ୍ଷା ଦୃଷ୍ଟିରୁ ଆଇପିଏଲ ଏବଂ ପିଏସଏଲକୁ ସ୍ଥଗିତ ରଖିଛନ୍ତି। ବିସିସିଆଇ ବିଦେଶୀ ଖେଳାଳିମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଇଛି।

ଅଷ୍ଟ୍ରେଲୀୟ କ୍ରିକେଟ ବୋର୍ଡ ଏହି ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛି ଏବଂ ସେମାନଙ୍କ ଖେଳାଳିମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା କହିଛି। ଏହି ଘଟଣା ବିଶ୍ୱ କ୍ରିକେଟ ଜଗତରେ ଏକ ଆଲୋଡ଼ନ ସୃଷ୍ଟି କରିଛି ଏବଂ ଅଞ୍ଚଳରେ ଶାନ୍ତି ପୁନଃସ୍ଥାପନ ପାଇଁ ଆନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ କରାଯାଇଛି।

## ପାକିସ୍ତାନ ଗସ୍ତକୁ ନେଇ ବାଂଲାଦେଶ ଚିନ୍ତିତ

**ଢାକା**

ଆସନ୍ତା ୨୫ ତାରିଖରୁ ପାକିସ୍ତାନରେ ଆରମ୍ଭ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଟି ୨୦ ସିରିଜ୍‌କୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା



ଯୋଗୁ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜର ଭବିଷ୍ୟତକୁ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଚିନ୍ତା ପ୍ରକଟ କରିଛି। ଏହି ସିରିଜ ଲାଗି ବିସିବି ଅଧିକାରୀମାନେ ଶେର-ଇ-ବାଂଲା ନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଏକତ୍ରିତ ହୋଇ ସିରିଜ୍ ସହ ଜଡ଼ିତ ବିପଦ ସମ୍ପର୍କରେ ଆଲୋଚନା କରିଥିଲେ।

ଦଳର ଆଗାମୀ ପାକିସ୍ତାନ ଟୁର ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ସହ ଚାଲିଥିବା ଆଲୋଚନା ସକ୍ରିୟ ରହିଛି। ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ଆରପାରିରେ ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ବବ୍ କାଉପର

**ନୂଆଦିଲ୍ଲୀ**

ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ବବ୍ କାଉପରଙ୍କ ଦେହାନ୍ତ ହୋଇଛି। ବବ୍ ୮୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। କାଉପରଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଡେଲ୍ ଏବଂ ଝିଅ ଅଲିଭିଆ ଏବଂ ସାରା ଅଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଏକ୍ସରେ ଏହି କିମ୍ବଦନ୍ତୀ କ୍ରିକେଟରଙ୍କ ମୃତ୍ୟୁ ବିଷୟରେ ସୂଚନା ଦେଇଥିଲା।

କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଲେଖାଯାଇଛି ଯେ ଅଷ୍ଟ୍ରେଲିଆ କ୍ରିକେଟ ବବ୍ କାଉପରଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି। ବବ୍ ଜଣେ ଚମତ୍କାର ବାମହାତୀ ବ୍ୟାଟସମ୍ୟାନ ଥିଲେ ଯିଏ ଅଷ୍ଟ୍ରେଲିଆ ପାଇଁ ପାଞ୍ଚଟି ଟେଷ୍ଟ ଶତକ ମାରିଥିଲେ।

ବବ୍ କାଉପର୍ ଜଣେ ବାମହାତୀ ବ୍ୟାଟ୍‌ସମ୍ୟାନ ଥିଲେ ଯିଏ ୨୭ଟି ଟେଷ୍ଟ ମ୍ୟାଚ୍



ଖେଳି ୪୬.୮୪ ହାରରେ ୨୦୬୧ ରନ କରିଥିଲେ। ଏହି ସମୟ ମଧ୍ୟରେ ସେ ପାଞ୍ଚଟି ଶତକ ଏବଂ ୧୦ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ବବ୍ ସିମ୍ପସନ୍, ଡଗ୍ ୱାଲ୍ଟର୍ସ, ଇଆନ୍ ଚାପେଲ୍ ଏବଂ ବିଲ୍ ଲରିଙ୍କ ଭଳି ଖେଳାଳିଙ୍କ ସହିତ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟ୍ ଖେଳିଥିଲେ। ବବ୍ କାଉପରଙ୍କ ପାଖରେ ଏପରି ଏକ ରେକର୍ଡ ଅଛି ଯାହାକୁ କେବେ ଭାଙ୍ଗିପାରିବ ନାହିଁ। ପ୍ରକୃତରେ, ୧୯୬୫-୬୬ ଏମ୍ସିଜି ଆଶେସ୍ ଟେଷ୍ଟରେ, କାଉପର୍ ୧୨ ଘଣ୍ଟା ବ୍ୟାଟିଂ କରି ଐତିହାସିକ ୩୦୭ ରନ କରିଥିଲେ, ଯାହା ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ତ୍ରିଶତକ ଥିଲା।

ସେ ୨୮ ବର୍ଷ ବୟସ ହେବା ପୂର୍ବରୁ ଅବସର ନେଇଥିଲେ। ୧୯୭୦ ମସିହାରେ ଭିକ୍ଟୋରିଆର ସେଫିଲ୍ଡ ସିଲ୍ଡ ବିଜୟ ପରେ, ସେ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ବ୍ୟବସାୟ ଉପରେ କେନ୍ଦ୍ରିତ କରିଥିଲେ। କାଉପର ୧୪୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୫୦ରୁ ଅଧିକ ପ୍ରଭାବଶାଳୀ ହାରରେ ୧୦,୫୯୫ ରନ୍ କରିଥିଲେ। ସେ ୨୬ଟି ଶତକ ଏବଂ ୫୮ଟି ଅର୍ଦ୍ଧଶତକ ହାସଲ କରିବାର ସଫଳତା ପାଇଥିଲେ। ସେ ୪ଟି ଲିଷ୍ଟ-ଏ ମ୍ୟାଚ୍ ମଧ୍ୟ ଖେଳିଥିଲେ।

# ବସ୍‌ଷ୍ଟପ୍ ବିଶ୍ରାମାଗାର ଅବସ୍ଥା ଶୋଚନୀୟ : ଯାତ୍ରୀ ହଟହଟା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଚଣ୍ଡ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଛାଇ ଖୋଜୁଛନ୍ତି ପଥଚାରୀ। ପୂର୍ବାହ୍ନ ୯ଟା ବେଳକୁ ଆରମ୍ଭ ହୋଇଯାଉଛି ଟାଣ ଖରା। ମଧ୍ୟାହ୍ନ ବେଳକୁ ତାତି ଅସହ୍ୟ ହୋଇପଡୁଛି। ଏଭଳି ସ୍ଥିତିରେ ଲୋକେ ପ୍ରାଣ ବିକଳରେ ଛାଇ ସ୍ଥାନ ଖୋଜୁଥିବା ବେଳେ ସହରରେ ଯେଉଁଠି ଗଛ ରହିଛି ତା ତଳେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବ୍ରହ୍ମପୁର ଏକ ବ୍ୟବସାୟିକ ସହର ହୋଇଥିବା ଯୋଗୁଁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଲୋକ ଆସୁଛନ୍ତି। ଅଧିକାଂଶ ଲୋକ ବସ୍ ଯୋଗେ ଆସୁଥିବା ବେଳେ ସହରର ଯେଉଁ ବସ୍‌ଷ୍ଟପ୍ ନିକଟରେ ବିଶ୍ରାମଗାର ରହିଛି ସେଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। କେଉଁଠି ବିଶ୍ରାମାଗାରର ଉପର ଛାତ ଉଡ଼ିଯାଇଛି ତ ପୁଣି କେଉଁଠି ବସିବା ପାଇଁ ସ୍ଥାନ ନାହିଁ। ବିଶ୍ରାମାଗର ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ପାନଛେପ,



ଗୁଟ୍‌ଖା ଜରି ସମେତ ଅପରିଷ୍କାର ପରିବେଶ ମଧ୍ୟରେ ରହିଛି। ଏଭଳି ସ୍ଥିତିରେ ବସ୍ ପାଇଁ ଅପେକ୍ଷା କରିଥିବା ଯାତ୍ରୀ ବାଧ୍ୟ ହୋଇ ଉଦୁଉଦିଆ ଖରାରେ ରହି ଛଟପଟ ହେଉଥିବା ବେଳେ କେତେକ ବାଧ୍ୟ ହୋଇ ଦୋକାନ ବାରଣ୍ଡା କିମ୍ବା ଗଛ ଛାଇ ଖୋଜୁଛନ୍ତି। ପିଲାଛୁଆଙ୍କୁ ଧରି ଲୋକେ ଘଂଟା ଘଣ୍ଟା ଧରି ବସ୍‌କୁ ଅପେକ୍ଷା କରୁଥିବା ବେଳେ ସେଠାରେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ନାହିଁ। ବ୍ରହ୍ମପୁର ସହରର ଗେଟ୍‌ବଜାର ଛକ, ଫାଷ୍ଟଗେଟ୍, ବିଜିପୁର, ଗୋସାଇଁ ନୂଆଗାଁ, କମାପଲ୍ଲୀ, ଗୋଇଲୁଣ୍ଡି ଛକ ଓ ମେଡ଼ିକାଲ୍ ଛକ ଆଦି ସ୍ଥାନରେ ବିଶ୍ରାମାଗାର ରହିଛି। ବିଶ୍ରାମାଗାର ଗୁଡ଼ିକର ଅବସ୍ଥା ଯେଭଳି ରହିଛି ସେଥିରେ ଅପେକ୍ଷାରତ ଯାତ୍ରୀ ରହିବା ଛାଡ଼ି ନିକଟସ୍ଥ ଛାଇ ସ୍ଥାନରେ ମୁଣ୍ଡ ଗୁଞ୍ଜୁଥିବା ଦେଖାଯାଉଛି। ଟାଣଖରା ଯୋଗୁଁ ଛୋଟଛୁଆଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକ ବସ୍‌ଷ୍ଟପ୍ ନିକଟରେ ଥିବା ବିଶ୍ରାମାଗାରର ଅବସ୍ଥା କହିଲେ ନ ସରେ। ବିଶ୍ରାମାଗାରଟି ଭଙ୍ଗାରୁଜା ଅବସ୍ଥାରେ ରହିଥିବା ବେଳେ ଯାତ୍ରୀ ଏହା ଭିତରକୁ ଯିବାକୁ ମୁହଁ ମୋଡୁଛନ୍ତି। ଏଭଳି ସ୍ଥିତିରେ ଲୋକେ ଗଛ ଛାଇ ଖୋଜୁଥିବା ବେଳେ ରାସ୍ତା କଡ଼ ବ୍ୟବସାୟୀମାନେ ଛାଇକୁ ଦେଖି ସେମାନଙ୍କ ପସରା ଖୋଲି ଦେଉଛନ୍ତି। ବିଏମ୍‌ସି ପ୍ରଶାସନ ସହର ଭିତରେ ବସ୍‌ଷ୍ଟପ୍ ନିକଟରେ ଥିବା ବିଶ୍ରାମାଗର ଗୁଡ଼ିକର ମରାମତି କରି ସେଠାରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

# କେନ୍ଦ୍ରାପଡ଼ାରେ ରାଷ୍ଟ୍ରୀୟ ଲୋକଅଦାଲତ : ୨୧୪୩ କେସ୍ ସମାଧାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଭାରପ୍ରାପ୍ତ ଜିଲ୍ଲା ଜଜ୍ ପ୍ରଜ୍ଞା ପରମିତା ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଏନଆଇ ଆକ୍ଟରେ ୨୩୮ଟି କେସ୍ ଗ୍ରହଣ କରାଯାଇ ୩୫ଟି ଫଏସଲା କରାଯାଇ ଥିଲା। ଏଥିରେ ୨ଲକ୍ଷ ୪୬ହଜାର ୧୨ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟଙ୍କା ଆଦାୟ ମାମଲା ୧୧୩ଟି ଗ୍ରହଣ କରାଯାଇ ୧୭ଟି ଫଏସଲା କରାଯାଇ ୪୭ ଲକ୍ଷ ୩୦୨ଟଙ୍କା ଆଦାୟ କରାଯାଇଛି। ମୋଟର ଯାନ ଦୁର୍ଘଟଣା ଜନିତ ମାମଲା ୧୨ଟି ଗ୍ରହଣ କରାଯାଇ ୫ଟି କେସର ସମାଧାନ କରାଯାଇ ୨୫ ଲକ୍ଷ ୧୦ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି। ଏଥିସହିତ ବିବାହ ସମ୍ବନ୍ଧୀୟ ୪୫ଟି କେସ ଗ୍ରହଣ କରାଯାଇ ୧୦ଟି କେସ ସମାଧାନ କରାଯାଇ ଥିଲା। ଭୂ-ଅର୍ଜନ କେସ ୩୦ଟି ଗ୍ରହଣ କରାଯାଇ ୭ଟି ସମାଧାନ କରାଯାଇ ୫ ଲକ୍ଷ ୭୬ ହଜାର ୭୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜସ୍ୱ କେସ ଓ ଦେୱାନୀ କେସ ୬୮ଟି ଫଏସଲା କରାଯାଇଛି। ମୋଟ୍ ୩୬୨୨ଟି କେସ ଗ୍ରହଣ କରାଯାଇ ୨୧୪୩ଟି କେସ ସମାଧାନ କରାଯାଇ ୮୧ ଲକ୍ଷ ୮୬ ହଜାର ୬୨୫ ଟଙ୍କା ଆଦାୟ କରାଯାଇଛି। ବିଦ୍ୟୁତ୍ ଟିପିସିଓଡିଏଲର ୭୭ଟି ମାମଲା ସମାଧାନ କରାଯାଇ ୧ ଲକ୍ଷ ୪୨ ହଜାର ଟଙ୍କା ଆଦୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ବିଚାରପତି ଉପସ୍ଥିତ ଥିଲେ।

## ପାଇପ୍ ଅଛି ହେଲେ ପାଣି ବାହାରୁନି : ୩୦୦ ପରିବାର ହନ୍ତସନ୍ତ

**କର୍ଲାମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ରଣାପଡ଼ା ଓ ପାଟଖଣ୍ଡା ମନ୍ଦିର ପଡ଼ାର ପାୟ ୩୦୦ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ସରକାର ତରଫରୁ ସଫଲେଇ ପାଣି ପାଇପ୍ ବ୍ୟବସ୍ଥା କରିଥିଲେ ହେଁ ତାହା ମାସେରୁ ଅଧିକ ଦିନ ହେବ ଅଚଳ ହୋଇ ପଡ଼ିଛି। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ପାଣି ମିଳୁନି। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡ଼ାବାସୀ ବାରମ୍ବାର ଦାବି କରିଛନ୍ତି। ଏହି ସମସ୍ୟା ନେଇ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।







# ୫ ଆନ୍ତଃରାଜ୍ୟ ଲୁଟେରା ଗିରଫ : ୨ ଟ୍ରକ୍ ଓ କାର୍ ଜବତ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

କଟକ ଗ୍ରାମାଞ୍ଚଳ ପୁଲିସକୁ ବଡ଼ ସଫଳତା ମିଳିଛି। ପ୍ରାୟ ୪୦ ଲକ୍ଷ ଟଙ୍କାର ପାଣି ପାଇପ୍ ନେଇ ଫେରାର ହେବାକୁ ଉଦ୍ୟମ କରିଥିବା ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ପୁଲିସ ହାତରେ ଧରାପଡ଼ି ଯାଇଛନ୍ତି।

ଆଠଗଡ଼ ପୁଲିସର ରାତି ପାଟ୍ରୋଲିଂ ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ କେନ୍ଦୁଟୋକଳି ଠାରେ ପ୍ରସ୍ତାବିତ ଜଳ ବିଶୋଧନ କେନ୍ଦ୍ର ପାଇଁ ବଡ଼ବଡ଼ ପାଇପ୍ ରଖାଯାଇଥିଲା। ଏହାରି ଉପରେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ନଜର ପକାଇଥିଲେ। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ମଧ୍ୟ ଏଥିରେ ସାମିଲ କରିଥିଲେ। ତେବେ ଚୋରି ସମୟରେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ପାଞ୍ଚ ଜଣିଆ ସଦସ୍ୟକୁ ପୁଲିସ ଧରିବାର ସକ୍ଷମ ହୋଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର



ଘର ଉତ୍ତରପ୍ରଦେଶ ହୋଇଥିବା ବେଳେ ଜଣଙ୍କର ଘର ମଧ୍ୟପ୍ରଦେଶ। ଅନ୍ୟ ଦୁଇ ଜଣଙ୍କର ଘର ଆଠଗଡ଼ ଅଞ୍ଚଳରେ ହୋଇଥିବା ଜଣାପଡିଛି।

ପୁଲିସ ପାଇପ୍ ଲୋଡିଂ ଥିବା ଦୁଇଟି ଆଇଚର ଗାଡ଼ି, ଏକ କାର୍ ଏବଂ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ନେଇ ଅଧିକ ତଦନ୍ତ ଜାରି ରଖିଛି। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ପାଖାପାଖି ୪୦ ଲକ୍ଷ ଟଙ୍କା ହେବ ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ସାମ୍ବାଦିକଙ୍କୁ ଆକ୍ରମଣ : ଆକ୍ରମଣକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ଫୁଲବାଣୀର ଜଣେ ଗଣମାଧ୍ୟମ ପ୍ରତିନିଧି କ୍ଷିତୀଶ ମଲ୍ଲିକ, ଫୁଲବାଣୀ ସ୍ଥିତ କୋର୍ଟ ଛକ ନିକଟରେ ଚା’ ଦୋକାନରେ ବସି ଚା’ ପିଉଥିବା ବେଳେ ଜଣେ ଦୁର୍ବୃତ୍ତ ହଠାତ୍ ଆସି କିଛି ନକହି ଚଳଚ୍ଚିତ୍ର ଶୈଳୀରେ ସାମ୍ବାଦିକଙ୍କ ଛାତି ଉପରକୁ ଗୋଇଠା ମାରିବା ସହ ଶକ୍ତ ଚାପୁଡ଼ା ମାରିଥିଲେ ବୋଲି ସ୍ଥାନୀୟ ପ୍ରେସକ୍ଲବ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଡକାଇ ଉପସ୍ଥିତ ଗଣମାଧ୍ୟମକୁ କହିଛନ୍ତି କ୍ଷିତୀଶ। ସେ କହିବା ଅନୁଯାୟୀ, ଘଟଣାସ୍ଥଳରେ ଛୋଟ ବାଛୁରୀଟିଏ ଏକ ଚା’ ଦୋକାନ ସମ୍ମୁଖରେ ପଡ଼ିଥିବା କାଗଜ ଚା’ କପ୍‌ଗୁଡିକ ଖାଉଥିବା ବେଳେ ସେ ଭିଡ଼ିଓ ଉତ୍ତୋଳନ କରୁଥିଲେ ନିୟୁଜ କରିବା ପାଇଁ। ଏହି ସମୟରେ ଜଣେ ଦୁର୍ବୃତ୍ତ ହଠାତ୍ ଆସି କିଛି ନକହି ସାଉଥ୍ ଇଣ୍ଡିଆନ ଚଳଚ୍ଚିତ୍ର ଶୈଳୀରେ ତାଙ୍କର ଛାତି ଉପରକୁ ଗୋଇଠା ମାରିବା ସହ କାନ ଗିରିକୁ ଶକ୍ତ ଦୁଇ ଚାପୁଡ଼ା ମାରି କୁଆଡ଼େ ଚାଲିଗଲେ। ଫଳରେ କ୍ଷିତୀଶ ଅତ୍ୟନ୍ତ ଅସୁସ୍ଥ ହୋଇପଡ଼ିଥିଲେ। ସେ ସଙ୍ଗେ ସଙ୍ଗେ ଫୁଲବାଣୀ ସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ନିଜର ପ୍ରାଥମିକ ଚିକିତ୍ସା କରାଇ ଥାନାରେ ଏତଲା ଦେଇଥିଲେ। ହେଲେ ଟାଉନ ଥାନାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀ ପରେ ସମସ୍ତ ସାମ୍ବାଦିକମାନେ ଏକାଠି ହୋଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ୍ ବିସିଙ୍କୁ ସାକ୍ଷାତ କରି, ଆକ୍ରମଣକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଥିଲେ। ସବୁ ଶୁଣିବା ପରେ ଦୋଷୀ ବିରୋଧରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଆରକ୍ଷୀ ଅଧିକ୍ଷକ।

# ଭାରତ-ପାକ୍ ବିବାଦକୁ ନେଇ ସ୍ପଷ୍ଟ ଭାବେ ବିରୋଧୀଦଳଙ୍କୁ କନଫିଡେନ୍ସକୁ ନିଅନ୍ତୁ ସରକାର : ଅରୁଣ ସାହୁ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତ-ପାକିସ୍ତାନ ଯୁଦ୍ଧ ବିରତି ଘୋଷଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଛନ୍ତି ଯେ, ଯେତେବେଳେ ସମସ୍ତ ବିରୋଧୀ ହାତ ଟେକି ସରକାରଙ୍କୁ ସମର୍ପି ଦେଲେ ସରକାର ଯାହା କରିବା କଥା କରନ୍ତୁ ଆତଙ୍କବାଦୀଙ୍କୁ ନିପାତ କରନ୍ତୁ। ଏକ ସ୍ୱରରେ ବିରୋଧୀ ସରକାରଙ୍କୁ ସମର୍ଥନ କଲେ। ତିନି ବାହିନୀକୁ ଯାହା କରିବା ପାଇଁ ନିର୍ଦ୍ଦେଶ ଦେଲେ କିନ୍ତୁ ଆସନ୍ତାକାଲି ଆମେରିକା ରାଷ୍ଟ୍ରପତି ଅସ୍ତ୍ର ବିରତି ପାଇଁ ଘୋଷଣା କଲେ। ସ୍ପଷ୍ଟ ଭାବରେ ବିରୋଧୀ ଦଳଙ୍କୁ କନଫିଡେନ୍ସକୁ ନିଅନ୍ତୁ ସରକାର। ସବୁ ଧର୍ମରୁ ଉର୍ଦ୍ଧ୍ୱରେ ଭାରତ ବର୍ଷ। ସରକାର ଆହୁରି ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ସେହିପରି ପାଠ ସହ ପିଲାଙ୍କୁ ଦିଆଯାଉ ମିଲିଟାରୀ ଟ୍ରେନିଂ ବୋଲି ଦାବି କରିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଛନ୍ତି ଯେ, ଭାରତ ବର୍ଷରେ ପିଲା ପାଠ ପଢିଲା ବେଳେ ସମସ୍ତଙ୍କୁ ମିଲିଟାରୀ ପ୍ରଶିକ୍ଷଣ ଦିଆଯାଉ। ଯଦି ଭାରତ ବର୍ଷର ସମସ୍ତ ପୁଅ ଝିଅ ଟ୍ରେନିଂ ପାଇଥିବେ ତାହେଲେ ସବୁ ଶତ୍ରୁ ପଡ଼ୋଶୀ ଦେଶ କେହି ଆଖି ଉଠେଇକି ଚାହିଁବନି। ଭାରତ ବର୍ଷରେ ପାଠ ପଢିଲା ବେଳେ ସମସ୍ତଙ୍କୁ ମିଲିଟାରୀ ଟ୍ରେନିଂ ଦିଆଯାଉ। ଆହ୍ୱାନ ଦେଲେ ଲକ୍ଷ ଲକ୍ଷ ଯୁବକ ବାହାରି ଆସିବେ ଦେଶ ସୁରକ୍ଷା ପାଇଁ ବୋଲି ସେ କହିଛନ୍ତି।

# ଜାତୀୟ ଟେକ୍ନୋଲୋଜି ଦିବସରେ ଉଦ୍ଭାବନ ଉପରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଟେକ୍ନୋଲୋଜି ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଭାବନକୁ ବିକାଶର ମୂଳମନ୍ତ୍ର କହିବା ସହ କହିଛନ୍ତି ଯେ, ଟେକ୍ନୋଲୋଜି ମାଧ୍ୟମରେ ସମାବେଶୀ ବିକାଶ, ସୁଦୃଢ଼ ଭିତ୍ତିଭୂମି ଓ ଏକ ସ୍ଥାୟୀ ଓଡ଼ିଶାର ନିର୍ମାଣ ସମ୍ଭବ ଅଟେ।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବାର୍ତ୍ତା ଦେଇ କହିଛନ୍ତି ଯେ, ଉଦ୍ଭାବନ ବିକାଶର ଚାବିକାଠି ଅଟେ। ନ୍ୟାସନାଲ ଟେକ୍ନୋଲୋଜି ଦିବସ ଅବସରରେ ଆମେ ସମାବେଶୀ ବିକାଶ, ସଶକ୍ତ ଭିତ୍ତିଭୂମି ଓ ସ୍ଥାୟୀ ଓଡ଼ିଶା ପାଇଁ ଟେକ୍ନୋଲୋଜିର ଉପଯୋଗ ପ୍ରତି ନିଜ ପ୍ରତିବଦ୍ଧତା ଦୋହରାଉଛୁ। ଆସନ୍ତୁ ଜ୍ଞାନ ଓ ଉଦ୍ଭାବନରେ ପ୍ରେରିତ ଭବିଷ୍ୟର ନିର୍ମାଣ କରିବା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାତକୋଶିଆ ବ୍ୟାଘ୍ର ...

ଏହି ସବୁଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକଳ୍ପ ରହିଥିଲା । ମୁଖ୍ୟତଃ ପମ୍ପାସର-ଟିକରପଡ଼ା ହବ୍‌ରେ ପର୍ଯ୍ୟଟକ ଆଗମନ ପ୍ଲାଜା, ରହଣି ସ୍ଥଳ, ପକ୍ଷୀ ଦେଖିବା ସ୍ଥଳ, ଘଡ଼ିଆଳ ଗବେଷଣା ଏବଂ ସଂରକ୍ଷଣ ୟୁନିଟ୍ (ଜିଆରଏସିୟୁ), ପ୍ରକୃତି ବ୍ୟାଖ୍ୟାନ କେନ୍ଦ୍ର, ଆମ୍ଫି ଥିଏଟର, ଜେଟି ଉନ୍ନତୀକରଣ ଏବଂ ଦୁଃସାହସିକ କ୍ରୀଡ଼ା ଆଦି ରହିଛି । ସେହିପରି ବାଲିପୁଟ-ବଡ଼ମୁଲ ହବ୍‌ରେ ଆଗମନ ପ୍ଲାଜା ସହ ନଦୀ କୂଳରେ ମଜା, ପକ୍ଷୀ ଦେଖିବା ସ୍ଥଳ, କ୍ରୁଜ୍ ହବ୍, କାରାଭାନ୍ ପାର୍କ ଏବଂ ଦୁଃସାହସିକ କ୍ରୀଡ଼ା ପ୍ରସ୍ତାବ ରହିଥିଲା । ସେହିପରି କୁସଙ୍ଗାଶୀତଳପାଣି ହବ୍‌ରେ ଆଗମନ ପ୍ଲାଜା, ଜେଟି ଉନ୍ନତୀକରଣ, ପ୍ରକୃତି ବ୍ୟାଖ୍ୟାନ କେନ୍ଦ୍ର, ଦୁଃସାହସିକ କ୍ରୀଡ଼ା ସହ ମନ୍ଦିର ପର୍ଯ୍ୟଟନ ପ୍ରସ୍ତାବିତ ହୋଇଥିଲା । ମାଷ୍ଟରପ୍ଲାନ୍ ଅନୁଯାୟୀ, ଟିକରପଡ଼ାରେ ପ୍ରାୟ ୬.୮୬ ଏକର ଜମି, ବାଲିପୁଟରେ ୧୫.୬୪ ଏକର, ପୁରୁଣାକୋଟରେ ୧୬.୦୭ ଏକର, ଛାମୁଣ୍ଡିଆରେ ୩.୭୭ ଏକର, ବଡ଼ମାଳରେ ୮.୩୭ ଏକର ଏବଂ ଶୀତଳପାଣି ଅଞ୍ଚଳରେ ୧୯.୫୫ ଏକର ଜମି ମୁଖ୍ୟତଃ ବ୍ୟାଘ୍ର ସଂରକ୍ଷଣର ବଫର ଜୋନ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଥିଲା। ମାଷ୍ଟରପ୍ଲାନ୍‌ର ସମୀକ୍ଷା ପରେ ଜଙ୍ଗଲ ବିଭାଗ, ପର୍ଯ୍ୟଟନ ବିଭାଗକୁ ଏଥିରେ ଆବଶ୍ୟକ ପରିବର୍ତ୍ତନ କରି ଏକ ନୂତନ ଡିପିଆର ପ୍ରସ୍ତୁତ କରିବାକୁ ଅନୁରୋଧ କରିଛି। ଏହାର କାରଣ ବର୍ତ୍ତମାନର ପ୍ରସ୍ତାବରେ ବଫର ଜୋନ୍‌ରେ ଯେଉଁ ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି, ତାହା ସହଜରେ କାର୍ଯ୍ୟକାରୀ ହୋଇପାରିବ ନାହିଁ । ସେଥିଲାଗି ଏହି କ୍ଷେତ୍ରଗୁଡ଼ିକ ମଧ୍ୟରୁ ଯେକୌଣସି ସ୍ଥାନରେ ପର୍ଯ୍ୟଟକ ବାସସ୍ଥାନ ନିର୍ମାଣର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏପରିକି ପମ୍ପାସର-ଟିକରପଡ଼ା ହବ୍‌ରେ କୁଟୀର ଉନ୍ନତୀକରଣ, ଆମ୍ଫି ଥିଏଟର, ଜେଟି ଉନ୍ନତୀକରଣ ଏବଂ ଦୁଃସାହସିକ କ୍ରୀଡ଼ା ଯୋଜନାକୁ ମଧ୍ୟ ବାତିଲ କରାଯାଇଛି । ପ୍ରକୃତରେ ଏହିସବୁ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକ ପାଇଁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ (ଏନ୍‌ବିଡବ୍ଲୁଏଲ୍) ସହିତ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ ମଧ୍ୟ ଜରୁରୀ। ଏହାବ୍ୟତୀତ, ସାତକୋଶିଆର ଇକୋ-ସେନ୍‌ସିଟିଭ୍ ଜୋନ୍ (ଇଏସ୍‌ଜେଡ୍)କୁ ନଜରରେ ରଖି ଅଭୟାରଣ୍ୟ ସୀମାର ୧୦ କିଲୋମିଟର ଅଞ୍ଚଳ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ବି ଅନୁମତି ନେବାକୁ ପଡ଼ିବ । ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି ୨୦୦୬ର ସୂଚୀରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଏନ୍‌ବିଡବ୍ଲୁଏଲ୍ ସ୍ଥାୟୀ କମିଟିର ଅନୁମତି ନେବା ମଧ୍ୟ ଜରୁରୀ ବୋଲି ନିର୍ଦ୍ଦେଶ ରହିଛି । ଏହି ପ୍ରକଳ୍ପ ଡିପିଆର ପ୍ରସ୍ତୁତ ପାଇଁ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି)କୁ ନିୟୋଜିତ କରିଛି । ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ (ପିସିସିଏଫ୍, ବନ୍ୟପ୍ରାଣୀ) ପ୍ରେମ କୁମାର ଝା କହିଛନ୍ତି ଯେ, ଜଙ୍ଗଲ ବିଭାଗ ସହ ପରାମର୍ଶ କରି ମାଷ୍ଟରପ୍ଲାନ୍ ସଂଶୋଧନ ପୂର୍ବକ ପ୍ରସ୍ତୁତ କରିବାକୁ ପର୍ଯ୍ୟଟନ ବିଭାଗକୁ କୁହାଯାଇଛି । ସଂଶୋଧିତ ଡିପିଆର ଦାଖଲ ପରେ ପ୍ରକଳ୍ପଗୁଡ଼ିକ କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ଜଙ୍ଗଲ ବିଭାଗ ନିଷ୍ପତ୍ତି ନେବ ବୋଲି ଶ୍ରୀ ଝା କହିଛନ୍ତି ।

## ଗରମ ଓ ଗୁଳୁଗୁଳି ପାଇଁ...

ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ଗରମ ଓ ଗୁଳୁଗୁଳି ନେଇ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ମଙ୍ଗଳବାର ହିଟ୍ ୱେଭ ନେଇ ୯ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କଟକ, ଖୋର୍ଦ୍ଧା, ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବୁଧବାର ହିଟ୍ ୱେଭକୁ ନେଇ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଗୁରୁବାର ହିଟ୍ ୱେଭ ପାଇଁ ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇ ଥିବା ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ସୂଚନା ମିଳିଛି ।

## ପାକିସ୍ତାନ ଆଉ କୌଣସି ଦୁଃସାହସ...

ଶନିବାର ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ପରେ ସୀମାରେ ଏବେ ଶାନ୍ତି ରହିଛି । ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଛି। ଯୁଦ୍ଧରେ ବିରାମ ପାଇଁ ଆଗୁଆ ପଦକ୍ଷେପ ନେଇଥିଲା ପାକିସ୍ତାନ । ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ଚୁକ୍ତି ଭିତରେ ବି ଜାରି ରହିବ କଟକଣା । ସିନ୍ଧୁ ଜଳ ବୁଝାମଣା ନିଲମ୍ବିତ ରହିବ । ବ୍ୟବସାୟିକ ସମ୍ପର୍କ ବି ବନ୍ଦ ରହିବ । ରାଜନୈତିକ ସ୍ତରରେ ଯଥାସ୍ଥିତି ଜାରି ରହିବ । ଦୂତାବାସ ରାଜନୀତିଜ୍ଞଙ୍କୁ ଫେରାଇ ଅଣାଯିବ ନାହିଁ । ପାକିସ୍ତାନ ଉପରେ ଆର୍ଥିକ କ୍ଷେତ୍ରରେ ଲଗାଯାଇଥିବା ପ୍ରତିବନ୍ଧକ ଜାରି ରହିବ ବୋଲି ବୈଠକରେ ସ୍ଥିର ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୨ରେ ପହଲଗାମ୍‌ରେ ହୋଇଥିଲା ଆତଙ୍କୀ ହମଲା । ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ ଆତଙ୍କବାଦୀ । ଧର୍ମ ପଚାରି ପଚାରି ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା । ଟିଆରଏଫର ୪ଜଣ ଆତଙ୍କବାଦୀ ମିଶି ଖେଳିଥିଲେ ରକ୍ତର ହୋଲି । ହାସିମ୍ ମୁସା ଓ ୩ଜଣ ସହଯୋଗୀ ମିଶି କରିଥିଲେ ଏହି ହମଲା । ଆତଙ୍କୀ ସଂଗଠନ ଲସ୍କର-ଇ-ତୋଏବାର ଶାଖା ହେଉଛି ଟିଆରଏଫ୍ । ପହଲଗାମର ଏହି ଘଟଣା ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା । ଆତଙ୍କବାଦ ବିରୋଧରେ ସାରା ଦେଶରୁ ଉଠିଥିଲା ପ୍ରତିବାଦର ସ୍ୱର । ମେ’ ୭ତାରିଖରେ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲା ଭାରତୀୟ ସେନା। ଅପରେସନ ସିନ୍ଦୂର ଜରିଆରେ ପହଲଗାମ ପ୍ରତିଶୋଧ ନେଲା ଭାରତ । ଶତ୍ରୁ ଘରେ ପଶି ଆତଙ୍କୀ ଆଡ୍ଡା ଧ୍ୱଂସ କରାଯାଇଥିଲା । ୯ଟି ଆତଙ୍କୀ ଠିକଣାରେ ଏୟାରଷ୍ଟ୍ରାଇକ କରିଥିଲା ଭାରତୀୟ ବାୟୁସେନା । ଆକ୍ରମଣରେ ଧୂଳିସାତ ହୋଇଥିଲା ପାକିସ୍ତାନରେ ଥିବା ଆତଙ୍କୀ ହବ୍ । ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତୋଇବା, ହିଜ୍‌ବୁଲ ମୁଜାହିଦ୍ଦିନ ଆଡ୍ଡା ଧ୍ୱଂସ ହୋଇଥିଲା । ଏୟାରଷ୍ଟ୍ରାଇକରେ ସଫା ହୋଇଯାଇଥିଲା ଜୈଶ-ଏ-ମହମ୍ମଦ ମୁଖ୍ୟର ପୂରା ପରିବାର । ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀ ମସୁଦ ଅଜହରର ୧୦ଜଣ ସମ୍ପର୍କୀୟ ନିହତ ହୋଇଥିଲେ । କାନ୍ଦାହାର ବିମାନ ଅପହରଣର ମାଷ୍ଟରମାଇଣ୍ଡ ଅବଦୁଲ ରୌଫ୍ ଅଜହର ପ୍ରାଣ ହରାଇଥିଲା । ପାଖାପାଖି ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ମାରିଥିଲେ ଭାରତୀୟ ଯବାନ । ଭାରତ ଓ ପାକିସ୍ତାନ ମଧ୍ୟରେ ଗତ ୪ ଦିନ ହେଲା ଜାରି ଉତ୍ତେଜନା ଏବେ ସିଜ୍ ଫାୟାର ଯୋଗୁ ଥଣ୍ଡା ପଡିଛି। ବର୍ଡରରେ ପରିସ୍ଥିତି ଏବେ ସ୍ୱାଭାବିକ ଅଛି। ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ୱେଷ୍ଟର୍ଣ୍ଣ ବର୍ଡର ଆର୍ମି କମାଣ୍ଡରମାନଙ୍କ ସହିତ ସୁରକ୍ଷା ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା କାଳରେ କମାଣ୍ଡରମାନଙ୍କୁ ଯେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। ତେବେ ଏହା ପୂର୍ବରୁ ଭାରତୀୟ ବାୟୁସେନା (ଆଇଏଏଫ) ଏକ ବୟାନରେ ଆମେ ଅପରେସନ ‘ସିନ୍ଦୂର’ର ଲକ୍ଷ୍ୟ ହାସଲ କରିଛୁ ବୋଲି କହିଛି। ଏହି ଅପରେସନ ଏବେବି ଜାରି ରହିଛି ଓ ସମୟ ଆସିଲେ ଆମେ ଏହାର ସୂଚନା ଦେବୁ ବୋଲି କୁହାଯାଇଛି।

## ସେନାବାହିନୀକୁ ଦୃଢ଼ ସମର୍ଥନ କରିବାକୁ ...

ଏକତା ଏବଂ ଆମକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଅଟଳ ସମର୍ଥନ ରହିଛି। ଏହା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ପଡିବ ବୋଲି ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ‘ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ। ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ।’ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ମୁଖ୍ୟମନ୍ତ୍ରୀ ଉଦାହରଣ ଦେଇଛନ୍ତି । ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ । ଏହା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ସେ ଆହ୍ୱାନ ଜଣାଇଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଅପେରସନ ‘ସିନ୍ଦୂର’ରେ ୫ ବୀର...

ଡିଜିଏମଓ ଘାଇ କହିଛନ୍ତି। ପାକିସ୍ତାନ ପକ୍ଷରୁ ଜାମ୍ମୁ-କଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନରେ ଥିବା ଭାରତୀୟ ସେନା ଘାଟିକୁ ଟାର୍ଗେଟ କରାଯାଇଥିଲା। କିନ୍ତୁ ପାକ୍ ସେଥିରେ ସଫଳ ହୋଇନାହିଁ ବୋଲି କୁହାଯାଇଛି। ପହଲଗାମ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ଜବାବ ଦେବା ଲାଗି ଆରମ୍ଭ ହୋଇଥିବା ଅପରେସନ ‘ସିନ୍ଦୂର’ରେ ଭାରତ ୫ ଜଣ ବୀର ଯବାନଙ୍କୁ ହରାଇଛି। ଆତଙ୍କବାଦ ବିରୋଧୀ ଏହି ଲଢ଼େଇରେ ଆମର ୫ ସୈନ୍ୟ ଶହୀଦ ହୋଇଥିବା କହିଛନ୍ତି ଡିଜିଏମଓ ରାଜୀବ ଘାଇ। ରିପୋର୍ଟ ଅନୁସାରେ, ପାକିସ୍ତାନୀ ସେନାର ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି। ମେ’ ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିବିନିମୟ ସମୟରେ ସେମାନଙ୍କ ମୃତ୍ୟୁ ଘଟିଛି। ଏହା ସହିତ ଭାରତୀୟ ବାୟୁସେନା ଅନେକ ପାକିସ୍ତାନୀ ଯୁଦ୍ଧ ବିମାନକୁ ଖସାଇଛି। ପାକ୍ ଯୁଦ୍ଧ ବିମାନଗୁଡ଼ିକୁ ଆମ ସୀମା ଭିତରକୁ ପ୍ରବେଶ କରିବାକୁ ଦିଆଯାଇନାହିଁ। ସେଗୁଡ଼ିକ ଏଲଓସି ଆରପଟେ ଖସିଥିବାରୁ ତାହାର ସଂଖ୍ୟା ଜଣାପଡ଼ି ନାହିଁ ବୋଲି ଏୟାର ମାର୍ଶଲ ଏ.କେ. ଭାରତୀ କହିଛନ୍ତି।

## ‘ଅପରେସନ୍ ସିନ୍ଦୂର’ ...

ସେନା ଅଭିଯାନ ନୁହେଁ, ବରଂ ଏହା ଭାରତର ରାଜନୈତିକ, ସାମାଜିକ ଓ ସାମରିକ ଶକ୍ତିର ପ୍ରତୀକ। ଏହି ଅଭିଯାନ ଦେଶର ଆତଙ୍କବାଦ ବିରୋଧୀ ଦୃଢ଼ ଇଚ୍ଛାଶକ୍ତି ଓ ସେନା ଶକ୍ତିର ଅତୁଟ ସଂକେତ। ଆମେ ପ୍ରମାଣ କରିଦେଇଛୁ ଯେ ଭାରତ ଯେତେବେଳେ ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବ, ତେବେ ଆତଙ୍କବାଦୀ ଓ ସେମାନଙ୍କର ଆଡ୍ଡା ପାଇଁ ସୀମା ସେପଟେ ଥିବା ଭୂମି ମଧ୍ୟ ସୁରକ୍ଷିତ ରହିବ ନାହିଁ।”

## ଦଇତାପତି ସେବକ ରାମକୃଷ୍ଣ...

ପ୍ରଶାସନ ପକ୍ଷରୁ ଶ୍ରୀ ଦାସମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା । ପ୍ରଥମେ ତା ୦୪.୦୫.୨୦୨୫ର କୈଫିୟତ ନୋଟିସ୍ ଜରିଆରେ, ସାତ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଥିଲା । ସେହି ନୋଟିସରେ ଶ୍ରୀଦାସମହାପାତ୍ର କେଉଁ ପରିସ୍ଥିତିରେ ଶ୍ରୀମନ୍ଦିର ପରମ୍ପରା ବିରୋଧୀ କାର୍ଯ୍ୟକରି ନବକଳେବର ସଂଗୃହୀତ ବଳକା ଦାରୁ ନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ସାରା ବିଶ୍ୱର ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ କାହିଁକି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପୂର୍ବକ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କଲେ ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ଗତ ତା ୦୯.୦୫.୨୦୨୫, ରିଖରେ ଆଉ ଏକ କୈଫିୟତ ନୋଟିସ ଜରିଆରେ ଜଗନ୍ନାଥଧାମ–ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ସେବକ ଭାବେ କାହିଁକି ଯୋଗ ଦେଲେ ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ” ସେନେଇ ଉତ୍ତର ରଖିବାକୁ କୁହାଯାଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି। ଗର୍ବ ଓ ଅହଂକାର ବିବର୍ଜିତ ହୋଇ ଶ୍ରୀମନ୍ଦିର ପରମ୍ପରା ଗରିମା ତଥା ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆମ ସମର୍ପଣ ଭାବର ନିଦର୍ଶନ ହେବା ଆବଶ୍ୟକ । ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ ।

## ପ୍ରଧାନମନ୍ତ୍ରୀ ମୋଦୀଙ୍କ...

ଏନେଇ ଆଲୋଚନା ନେଇ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଉଭୟ ନେତା ଦାବି କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଛନ୍ତି। ସଂସଦର ବିଶେଷ ଅଧିବେଶନ ତୁରନ୍ତ ଡାକିବାକୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହି ମାମଲାରେ ତାଙ୍କର ଅଭିପ୍ରାୟ ପ୍ରକାଶ କରିଥିଲେ। କଂଗ୍ରେସର ଏହି ଦୁଇ ନେତା ଏହି ଦାବି ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଓ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ବିରତି ଘୋଷଣାକୁ ନେଇ କରିଛନ୍ତି। ସୂଚନା ଯୋଗ୍ୟଯେ, ରାଜ୍ୟସଭାର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷ ତାଙ୍କ ପତ୍ରରେ ଲେଖିଛନ୍ତି ଯେ, “ସମସ୍ତ ବିରୋଧୀ ଦଳ ବିଶେଷ ସଂସଦ ଅଧିବେଶନ ଡାକିବା ଦାବି କରିଛନ୍ତି, ଯାହାଦ୍ୱାରା ଆମେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକୁ ନେଇ ଚର୍ଚ୍ଚା କରିପାରିବୁ।” ସେ ସ୍ପଷ୍ଟ କରିଛନ୍ତି ଯେ, ଏହା ଏକତା ପ୍ରଦର୍ଶନ କରିବାର ସମୟ ଓ ସରକାର ଏହି ଦାବିକୁ ଗଭୀରତା ସହିତ ବିଚାର କରିବା ଉଚିତ। ଖଡ଼ଗେ ଆହୁରି କହିଛନ୍ତି ଯେ, ଦେଶର ହିତରେ ସମସ୍ତ ରାଜନୈତିକ ଦଳ ଏକଠି ହୋଇ କାର୍ଯ୍ୟ କରିବା ଅତ୍ୟାବଶ୍ୟକ। ଏହି ମଧ୍ୟରେ କଂଗ୍ରେସ ନେତା ସଚିନ ପାଇଲଟ୍ ରବିବାର ପାର୍ଟି ମୁଖ୍ୟାଳୟରେ ଏକ ପ୍ରେସମିଟ କରିଥିଲେ। ସେ କହିଛନ୍ତି ଯେ ବିରୋଧୀ କେନ୍ଦ୍ର ସରକାରକୁ ସମର୍ଥନ ଦେଇଛି। ଶନିବାର ଘଟିଥିବା ଘଟଣାକ୍ରମକୁ ନେଇ ସେ କିଛି ପ୍ରଶ୍ନ ଉଠାଇଥିଲେ। ସେ ପଚାରିଛନ୍ତି, ‘ଭାରତ ସରକାର ଅମେରିକାର ମଧ୍ୟସ୍ଥତାକୁ ଗ୍ରହଣ କରିଛନ୍ତି କି ?’ ପାଇଲଟ୍ କହିଛନ୍ତି ଯେ, ‘ଏହା ପ୍ରଥମଥର ହୋଇଛି ଯେ, ଅମେରିକା ସଂଘର୍ଷ ବିରତି ଘୋଷଣା କରିଛି।’

# ଘର ଆଗରେ ଛିଡ଼ା ହୋଇ କଥା ହେଉଥିଲେ ୩ ମହିଳା : ଚଢ଼ିଗଲା କାର୍

**ଆସିକା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର କେସରାପଲ୍ଲୀ ଛକରେ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୧୧ଟାରେ ବାରଣ୍ଡାରେ ଛିଡ଼ା ହୋଇ କଥା ହେଉଥିବା ବେଳେ ଏକ କାର ବେପରୁଆ ଭାବେ ମାଡ଼ି ଆସି ଧକ୍କା ଦେଇଥିଲା। ଏଥିରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସଂଯୁକ୍ତା ବିଶୋୟୀ।



ପୁଲିସ ଅଭିଯୁକ୍ତ ଡ୍ରାଇଭର ଭଞ୍ଜନଗରର ପି. ବାଲାଜି ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଥିବା ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି। ଶନିବାର ରାତ୍ରି ପ୍ରାୟ ୧୧ ଘଣ୍ଟା ୧୦ ମିନଟ ବେଳେ ତପସ୍ୱିନି ପ୍ରଧାନ ଘର ବାହାରକୁ ଆସିଥଲେ। ସଂଯୁକ୍ତା ବିଶୋୟୀ, ନମିତା ବିଶୋୟୀ ଗ୍ରାମର ଶିଶୁଲା ସ୍ୱାଇଁଙ୍କ ବାରଣ୍ଡାରେ ଛିଡ଼ା ହୋଇ କଥା ହେଉଥିବା ବେଳେ କାର୍‌ଟି ଦ୍ରୁତଗତିରେ ଆସି ପ୍ରଥମେ ତପସ୍ୱିନୀଙ୍କୁ ଧକ୍କା ଦେଇଥିଲା ଓ ତାଙ୍କ ପରେ ସଂଯୁକ୍ତା ବିଶୋୟୀ, ନମିତା ବିଶୋୟୀଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋରରେ ଥିଲା ଘଟଣାସ୍ଥଳରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ତପସ୍ୱିନୀ ଓ ନମିତା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଆସିକାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଓ ସେଠାରୁ ଭୁବନେଶ୍ୱର ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି।

ଏହା ପରେ ଗ୍ରାମବାସୀ ମୃତଦେହକୁ ରଖି ମୃତକ ଓ ଆହତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ ଜାତୀୟ ରାଜପଥ ୧୫୭କୁ କେସରାପଲ୍ଲୀରେ ଅବରୋଧ କରି ରଖିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତକଙ୍କ ପୁଅ ଅନିଲ କୁମାର ବିଶୋୟୀଙ୍କ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗ୍ରାମର ଏହି ଛକ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ପାଲଟିଛି। ଗତ ଦୁଇ ବର୍ଷ ମଧ୍ୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ବହୁ ଲୋକଙ୍କ ମୃତ୍ୟୁ ହେଲାଣି। ଏଥିପ୍ରତି ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

# ଅଧାରେ ରହିଗଲା ମା’ଙ୍କୁ ଡାକ୍ତର ଦେଖାଇବା, ଦୁର୍ଘଟଣାରେ ଚାଲିଗଲା ଜୀବନ



**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ମା’ଙ୍କୁ ଡାକ୍ତର ଦେଖାଇବାକୁ ବାହାରି ଥିଲେ ସପରିବାର। ହେଲେ ଦୁର୍ଘଟଣାରେ ଚାଲିଗଲା ମା’ଙ୍କ ଜୀବନ। ସେପଟେ ପୁଅ ଓ ନାତୁଣୀ ଗୁରୁତର ହୋଇଥିବା ବେଳେ ବୋହୂ ଓ ଝିଅ ଆହତ ହୋଇଛନ୍ତି। ହେଲେ ଦେଢ଼ବର୍ଷର ନାତି ଅଳ୍ପକେ ବର୍ତ୍ତିଯାଇଛି।

ରବିବାର ଏମିତି ଏକ ଅଘଟଣ ଘଟିଛି କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଶାଳପଡ଼ା ଗାଁର ରବି ନାରାୟଣ ମହାପାତ୍ରଙ୍କ ପରିବାର କ୍ଷେତ୍ରରେ। ରବି ନାରାୟଣ ନିଜ ମା’ ଜ୍ୟୋତ୍ସ୍ନାମୟୀଙ୍କୁ ସାଙ୍ଗରେ ଧରି କାର ଯୋଗେ ମୟୂରଭଞ୍ଜ ଜିଲ୍ଲା କେନ୍ଦୁଜୁଆଣିର ଜଣେ ଆୟୁର୍ବେଦ ଚିକିତ୍ସକଙ୍କୁ ଦେଖାଇବାକୁ ଯାଉଥିଲେ। ସାଙ୍ଗରେ ଥିଲେ ସ୍ତ୍ରୀ, ଦେଢ଼ବର୍ଷର ପୁଅ, ଭଉଣୀ ବିଶ୍ୱବିଜୟିନୀ ଓ ଭାଣିଜୀ ସସ୍ମିତା । ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ଗୋଡ଼ଭଙ୍ଗା ଘାଟି ଅତିକ୍ରମ କରିବା ପରେ ସାମ୍ନା ପଟୁ ଆସୁଥିବା ଏକ ଜାଳେଣି ଗ୍ୟାସ୍ ବୋଝେଇ ମିନିଟ୍ରକ ଧକ୍କା ଦେବାରୁ ଘଟଣା ସ୍ଥଳରେ ମା’ ଜ୍ୟୋତ୍ସ୍ନାମୟୀଙ୍କ ମୃତ୍ୟୁ ଘଟିଛି। ଗାଡ଼ିରେ ଥିବା ଅନ୍ୟମାନଙ୍କ ମଧ୍ୟରୁ ରବି ନାରାୟଣ ଓ ଭାଣିଜି ସସ୍ମିତା ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ଦୁର୍ଘଟଣାର ଖବରପାଇ ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ସେପଟେ ଖବରପାଇ ମହୁଲଡିହା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଷ ପିଇ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା ଉଦ୍ୟମ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ଏକ ଅଭାବନୀୟ ଘଟଣାକ୍ରମରେ ପ୍ରାୟ ୧୫ ଦିନ ହେଲା ଏକାଠି ରହୁଥିବା ପ୍ରେମୀଯୁଗଳ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିବା ସହ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଦେବଗଡ଼ ଜିଲ୍ଲା କଣ୍ଟାପାଲି ଗ୍ରାମର ଜଣେ ୩୦ ବର୍ଷୀୟ ଯୁବକ ସମ୍ବଲପୁର ଜିଲ୍ଲା ଚାରମାଳ ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ଭଲ ପାଉଥିବା ବେଳେ ପ୍ରାୟ ୧୫ ଦିନ ହେଲା ଦେବଗଡ଼ ଥାନା କଣ୍ଟାପାଲି ଗ୍ରାମରେ ଏକାଠି ରହୁଥିଲେ। ତେବେ ଉଭୟେ ନିକଟସ୍ଥ ନାଳକୁ ଗାଧୋଇବାକୁ ବାହାରି ଥିବା ବେଳେ କିଛି ସମୟ ପରେ ସେମାନେ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନାଳ କଡ଼ରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ଉକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ସୂଚନା ଦେବାରୁ ଉଭୟଙ୍କୁ ସେମାନେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏ ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଧର୍ମ ପରିବର୍ତ୍ତନ ପରେ ଶବ ସତ୍କାର ପାଇଁ ମିଳିଲାନି ଶ୍ମଶାନ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଦୁଇ ବର୍ଷ ତଳେ ଧର୍ମ ପରିବର୍ତ୍ତନ କରିଥିବା ପରିବାରରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଶୁକ୍ରବାର ରାତି ୮ ଘଣ୍ଟା ସମୟରେ ହୋଇଥିଲା। ତେବେ ତାଙ୍କର ଶେଷକୃତ ସମ୍ପନ୍ନ କରିବା ପାଇଁ ଶ୍ମଶାନ ମିଳିନଥିଲା। ଘରେ ପ୍ରାୟ ୨୪ ଘଣ୍ଟା ଘରେ ଶବ ପଡ଼ିଥିବା ବେଳେ ଝରିଗାଁ ବ୍ଲକ ପ୍ରଶାସନ ହସ୍ତକ୍ଷେପ କରିଥିଲା। ଏହା ପରେ ଶବ ସତ୍କାର ହୋଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳକୋଣା ଗ୍ରାମରେ ଏଭଳି ଅଭାନୀୟ ଘଟଣା ଦେଖିବାକୁ ମିଳିଛି।



ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳକୋଣା ଗ୍ରାମରେ ଶୁକ୍ରବାର ଏକ ଏଭଳି ଅଭାନୀୟ ଘଟଣା ଦେଖିବାକୁ ମିଳିଛି। ଧର୍ମ ପରିବର୍ତ୍ତନ କରିଥିବାରୁ ସ୍ଥାନୀୟ ଲୋକେ ମୃତଦେହ ଅନ୍ତିମ ସଂସ୍କାର ପାଇଁ ଅନୁମତି ଦେଇ ନାହାନ୍ତି।

ମିଳିଥିବା ସୂଚନା ପ୍ରକାରେ ଦେଉଳକୋଣା ଗ୍ରାମର ଉମ୍ବରୁଧର ହରିଜନଙ୍କ ପରିବାର ଦୁଇ ବର୍ଷ ତଳେ ଧର୍ମ ପରିବର୍ତ୍ତନ କରିଥିଲେ। ଉମ୍ବରୁଧର ହରିଜନଙ୍କ ମାଆ ରୁପେୟା ହରିଜନ(୮୦) ଗତ ଶୁକ୍ରବାର ରାତ୍ର ଆଠ ଘଣ୍ଟା ସମୟରେ ମୃତ୍ୟୁ ବରଣ କରିଥିଲେ। ଧର୍ମ ପରିବର୍ତ୍ତନ କରିଥିବା ଯୋଗୁଁ ଗ୍ରାମବାସୀ ଶବ ପୋତିବାକୁ ଗାଁ ଶ୍ମଶାନକୁ ବ୍ୟବହାର ନେଇ ବାରଣ କରିଥିଲେ। ଫଳରେ ଦୀର୍ଘ ଘଣ୍ଟା ଧରି ଶବ ଘରେ ପଡ଼ିରହିଥିଲା।

ଗ୍ରାମବାସୀ ଗାଁ ଶ୍ମଶାନ ବାରଣ କରୁଥିବା ବେଳେ ମୃତକଙ୍କ ପରିବାର ଗାଁରେ ହିଁ ଶବ ପୋତିବାକୁ ଜିଦ ଧରିଥିଲେ। ଶେଷରେ ଘଟଣା ସମ୍ପର୍କରେ ଶୁଣିବା ପରେ ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଥାନା ଅଧିକାରୀ ପ୍ରଦୀପ କୁମାର ଶବର, ଏ ଏସ୍ ଆଇ କେଦାରନାଥ ରାଉତ, ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ବିଶୋଇ ପହଞ୍ଚି ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରି ବୁଝା ସୁଝା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଝରିଗାଁ ପୁଲିସ ରୁପେୟା ହରିଜନଙ୍କ ମୃତ ଶରୀରଟିକୁ ନିଜ ହେପାଜତରେ ଝରିଗାଁ ଆଣି ଶବ ସତ୍କାର କରିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଶବର ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-CD-BBS-LW-Grl-23-25

କାର୍ଯ୍ୟର ନାମ : 02 ବର୍ଷ ସମୟବଦ୍ଧ ପାଇଁ ଟ୍ରେନ ନମ୍ବର 12819/20, 12829/30, 12897/98, 20895/96, 18447/48, 18463/64, 20837/38 ଏବଂ 22833/34 ର ବେଡ୍‌ରୋଲର ଯାନ୍ତ୍ରିକ ଧୋଇବା ଏବଂ କୋଚିଂ ଡିପୋ, ଭୁବନେଶ୍ୱରର ସମସ୍ତ ଟ୍ରେନର ପରଦା ଧୋଇବା ।

ବିଜ୍ଞାପିତ ମୂଲ୍ୟ (₹) : 10,22,43,031.06, EMD (₹): 6,61,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 11,800, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.05.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.05.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

କୋଚିଂ ଡିପୋ ଅଧିକାରୀ, ଭୁବନେଶ୍ୱର

PR-116/Q/25-26

ଭୁବନେଶ୍ୱର
୧୨ ମଇ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥଖଳା ହାଲ୍‌ଚାଲ୍ : ଗୁଜ ଅନୁକୂଳ କଲେ ରୂପକାର, ଚକ ତିଆରି ପାଇଁ ଖୋଲାହେଲା ଯନ୍ତାଗାଡ଼

**ପୁରୀ,୧୧/୦୫ ନ୍ୟୁଜ ବ୍ୟୁରୋ**

ରବିବର ନୃସିଂହ ଚତୁର୍ଦ୍ଦଶୀ । ରଥ ନିର୍ମାଣ ପରମ୍ପରା ଅନୁସାରେ ଖଳାରେ ଗୁଜ ଅନୁକୂଳ ହୋଇଛି । ରଥ ନିର୍ମାଣ କାର୍ଯ୍ୟରେ ଯୋଗଦେଇଛନ୍ତି ରୂପକାର ସେବକ। ମୁଖ୍ୟ ରୂପକାର ସେବକ ଗୁଜ ଅନୁକୂଳ କଲେ । ଗୁଜ ରଥର ସୁରକ୍ଷା କବଚ ସ୍ୱରୂପ ରଥର କୋଣମାନଙ୍କରେ ସ୍ଥାପନ ହୋଇଥାଏ । ଏଥିସହ ନୃସିଂହ ଜନ୍ମ ଅବସରରେ ଭୋଇସେବକମାନେ ଯନ୍ତା ଗାଡ଼ ଖୋଲିଛନ୍ତି । ଚର୍ଚ୍ଚିକା ଠାକୁରାଣୀଙ୍କ ସମ୍ମୁଖ ବଡ଼ଦାଣ୍ଡରେ ଖୋଲାହୋଇଛି ଯନ୍ତାଗାଡ଼ । ଯନ୍ତା ଗାଡ଼ରେ ପଡ଼ି ଚକ ପ୍ରସ୍ତୁତ ହେଉଛି। ତିନି ରଥର ଚକ ପାଇଁ ପହି (ଚିରଟ କାଠ) ପହଞ୍ଚି ସାରିଛି । ତୁମ୍ବର ବିନ୍ଧ



କାର୍ଯ୍ୟ ସରି ଘେର କଟା ଶେଷ ପର୍ଯ୍ୟାୟରେ ।
ରଥ ଖଳାରେ ତୁମ୍ବ କାର୍ଯ୍ୟ ଜାରି ରହିଥିବା ସ୍ଥଳେ ନୃସିଂହ ଜନ୍ମ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଭୋଇ ସର୍ଦ୍ଦାର ରବି ଭୋଇ କୁହନ୍ତି ଗୁଜ ଅନୁକୂଳ ପାଇଁ ୧୨ଫୁଟିଆ ଧଉରା କାଠ ଯୋଗାଯାଇଛି। ୧୦ଟି କରି ତିନି ରଥ ପାଇଁ କାଠ ରଥଖଳାରେ ମହଜୁଦ୍ ରହିଛି । ବିଶ୍ୱକର୍ମାମାନେ ଏହାକୁ ଚଉପଟ କରି ରୂପକାର ସେବକଙ୍କୁ ଯୋଗାଇବେ । ପାରମ୍ପରିକ ବିଧି ମତେ ପୂଜାର୍ଚ୍ଚନା କରି ଗୁଜ ଅନୁକୂଳ କାର୍ଯ୍ୟ ସମ୍ପନ୍ନ କରିଲେ ରୂପକାର । ଯନ୍ତା ଗାଡ଼ ଖୋଳିବା ପାଇଁ ୪୦ ଫୁଟିଆ କାଠ ଆବଶ୍ୟକ । ଯନ୍ତା ଗାଡ଼ରେ ପଡ଼ି ତୁମ୍ବ ସହିତ ଅର ଭୁଞ୍ଜାଯାଇ ସିଙ୍ଗଡ଼ା ପ୍ରସ୍ତୁତ ହୋଇଛି। ରଥ ଖଳାରେ ବିଲେଇ ବାଡ଼ିଆ ପଦ୍ଧତିରେ ସିଙ୍ଗଡ଼ାରେ ପହି ସଂଯୁକ୍ତ ହୋଇ ଚକ ପ୍ରସ୍ତୁତ ହେବ ।
ଆସନ୍ତା ୧୯ ତାରିଖରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରାର ଭଉଁରୀ ଉତ୍ସବ । ସେହିଦିନ ରଥର ପ୍ରଥମ ଚକ ଓ ଅଖ ସଂଯୁକ୍ତ ହେବ । ସେପଟେ ଦୋଳବେଦି ଶାଳରେ ଓଝା ସେବକ ରଥ ପାଇଁ ଅର କଣ୍ଟା ନିର୍ମାଣ ସାରି ବଳା ତିଆରିରେ ଲାଗିଛନ୍ତି । ରଥ ନିର୍ମାଣରେ ବିଶ୍ୱକର୍ମା, କରତି, ଓଝା, ଭୋଇ ସେବକ ତଥା ରଥ ଖଳା ସହାୟକଙ୍କୁ ମିଶାଇ ମୋଟ ୧୪୬ ଜଣ ନିୟୋଜିତ ହୋଇଛନ୍ତି ବୋଲି ସୂଚନା ମିଳିଛି।

# ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଦେବଙ୍କ ଜନ୍ମ ନୀତି

## ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପସ୍ଥ ଖଟୁଲିରେ ବିଜେ ହେଲେ

**ପୁରୀ,୧୧/୦୫ ନ୍ୟୁଜ ବ୍ୟୁରୋ**

ରବିବାର ବଡ଼ଦେଉଳରେ ପାଳନ ହୋଇଛି ଶ୍ରୀନୃସିଂହ ଦେବଙ୍କ ଜନ୍ମ ନୀତି । ଏହି ଅବସରରେ ପୂଜାପଣ୍ଡା ସେବକ ଠାକୁରଙ୍କ ଆଜ୍ଞାମାଳ ନେଇ ଚକ୍ରତୀର୍ଥ ରୋଡ଼ସ୍ଥିତ ଚକ୍ର ନାରାୟଣଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିରରେ ନୃସିଂହ ଦେବ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପସ୍ଥ ଖଟୁଲିରେ ବିଜେ ହୋଇଛନ୍ତି । ଶ୍ରୀନୃସିଂହଙ୍କ ମନ୍ଦିରରେ ପତିମହାପାତ୍ରେ ପୂଜାରେ ବସିଛନ୍ତି। ଉଭୟ ଠାକୁରଙ୍କୁ ପଞ୍ଚ ଉପଚାରରେ



ଶୀତଳ ଭୋଗ ଅର୍ପଣ କରାଯାଇଛି। ପରେ ଶ୍ରୀନୃସିଂହ ଠାକୁର ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠ ଯାତ୍ରା କରିଛନ୍ତି। ସେଠାରେ ଭୋଗ ଓ ବନ୍ଦାପନା ନୀତି ବଢ଼ି ନୃସିଂହ ଦେବ ଶ୍ରୀମନ୍ଦିରକୁ ଫେରିଛନ୍ତି। ଏହି ଅବସରରେ ମାର୍କଣ୍ଡେଶ୍ୱର ସାହିଆ ମାନେ ଠାକୁରଙ୍କ ନୀତିରେ ସାମିଲ ହେବାର ପରମ୍ପରା ରହିଛି ।

# ବୁଦ୍ଧ ବିହାର କଲୋନୀ ବୁଲିଲେ ସଚିବ ଉଷା ପାଢୀ : ଆବାସ କାମର କଲେ ତଦାରଖ

**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ରବିବାର ଉତ୍କଳ ହସ୍ପିଟାଲ ନିକଟସ୍ଥ ଚନ୍ଦ୍ରଶେଖର ବୁଦ୍ଧ ବିହାର କଲୋନୀରେ ଥିବା ଅର୍ବାନ ସ୍ଲମ୍ ହାଉସିଂ ପ୍ରୋଜେକ୍ଟର କ୍ଷେତ୍ର ପରିଦର୍ଶନ କରିଥିଲେ । ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ବିଡିଏ ଭାଇସ ଚେୟାରମ୍ୟାନ୍ ଡକ୍ଟର ଥିରୁମାଲା ନାଏକଙ୍କ ସହ ପ୍ରମୁଖ ସଚିବ କଲୋନୀର ବିକାଶ ସମୀକ୍ଷା କରିଥିଲେ ଏବଂ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ।
ଏହି ସମୀକ୍ଷାର ମୁଖ୍ୟ ବିଷୟ ଭିତ୍ତିଭୂମି ଏବଂ ପରିମଳ ଉପରେ ଥିଲା । ଏହି ସମୟରେ ସେଠାରେ ରହୁଥିବା



ଲୋକଙ୍କ ଜୀବନ ଧାରଣର ସ୍ଥିତି ଉପରେ ଆଲୋଚନା କରିଥିଲେ । ଏଥି ସହିତ ଅଧିକାରୀମାନେ ପ୍ରକଳ୍ପର ସମୟସୀମା ସମାପ୍ତି ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ଜୀବନକୁ ଉନ୍ନତ କରିବା ଏବଂ ସେମାନଙ୍କ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଦୃଢ଼ ଶିକ୍ଷା ବ୍ୟବସ୍ଥା ହେଉଛି ଏକ ସମାବେଶୀ ଓ ପ୍ରଗତିଶୀଳ ସମାଜର ମୂଳଦୁଆ : ରାଜ୍ୟପାଳ

**ଭୁବନେଶ୍ୱର, ୧୧/୦୫ ନ୍ୟୁଜ ବ୍ୟୁରୋ**

ଦୃଢ଼ ଶିକ୍ଷା ବ୍ୟବସ୍ଥା ହେଉଛି ଏକ ସମାବେଶୀ ଓ ପ୍ରଗତିଶୀଳ ସମାଜର ମୂଳଦୁଆ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ରବିବାର ଭୁବନେଶ୍ୱରଠାରେ କନକ ନ୍ୟୁଜ୍ ଆନୁକୂଲ୍ୟରେ ଆୟୋଜିତ "ଶିକ୍ଷା ସମ୍ମିଳନୀ" (ଏଜୁକେଶନ କନ୍‌କ୍ଲେଭ)କୁ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଆଜିର ଶିକ୍ଷା ପାଠ୍ୟପୁସ୍ତକ ଏବଂ ଶ୍ରେଣୀ ଗୃହ ଭିତରେ ସୀମିତ ନରହି ବାହାରକୁ ଯିବା ଉଚିତ୍। ଏହା କୌତୁହଳକୁ



ଜାଗ୍ରତ କରିବା, ଜୀବନ କୌଶଳ ଶିଖାଇବା ଏବଂ ଭଲ ଚରିତ୍ର ଗଠନରେ ସହାୟକ ହେବା ଦରକାର। ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଆମକୁ ଆମର ଯୁବକମାନଙ୍କୁ କେବଳ ଜ୍ଞାନ ସହିତ ନୁହେଁ, ବରଂ ସବୁ କିଛିକୁ ଭଲଭାବେ ବିଚାର କରିବା, ନୂତନ ପରିସ୍ଥିତି ସହିତ ଖାପ ଖୁଆଇବା ଏବଂ ସାଧାରଣ ହିତ ପାଇଁ ଏକାଠି କାମ କରିବାର କ୍ଷମତା ସହିତ ପ୍ରସ୍ତୁତ କରିବାକୁ ପଡିବ ବୋଲି ରାଜ୍ୟପାଳ କହିଥିଲେ। "ଉତ୍କର୍ଷ" କେବଳ ଆଲୋଚନା ପାଇଁ ଏକ ମଂଚ ନୁହେଁ, ବରଂ ଏହା ଆମର ଶିକ୍ଷକ ଏବଂ ଅନୁଷ୍ଠାନଗୁଡ଼ିକୁ ଋଦ୍ଧିମନ୍ତ କରିବାର ଏକ ମାଧ୍ୟମ ସାଜିଛି। ସେମାନଙ୍କର ଅବଦାନକୁ ସ୍ୱୀକୃତି ଜଣାଇ ଏବଂ ସଫଳ କାହାଣୀଗୁଡ଼ିକୁ ଆଲୋକପାତ କରି ଏହି ଶିକ୍ଷା ସମ୍ମେଳନ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହିତ ଓଡିଶାର ଶିକ୍ଷାର ଭବିଷ୍ୟତ ପାଇଁ ମାର୍ଗ ଉନ୍ମୋଚନ କରିବ ବୋଲି ରାଜ୍ୟପାଳ କହିଥିଲେ। ଶିକ୍ଷା ଏବଂ ଆମ ଯୁବ ପିଢୀଙ୍କ ଭବିଷ୍ୟତ ଉପରେ ଆଲୋଚନା ପାଇଁ ଏହା ଏକ ଉତ୍କୃଷ୍ଟ ମଂଚ ପାଲଟିଛି ବୋଲି କହିବା ସହିତ ଏପରି ସମ୍ମିଳନୀ ଆୟୋଜନ କରିବାରେ ସମ୍ବାଦ ଗ୍ରୁପ୍‌ର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।
ଏହି ସାମରୋହରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ସି.ଏମ୍.ଡି. ସୌମ୍ୟ ରଂଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶିକ୍ଷା ସମ୍ମିଳନୀ "ଉତ୍କର୍ଷ" ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ପ୍ରତି କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଉତ୍ସାହ ରଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଏହା ହେଲେ ଦେଶର ପ୍ରଗତି ଓ ସମୃଦ୍ଧି ତ୍ୱରାନ୍ୱିତ ହେବ ବୋଲି କହିଥିଲେ। "କନକ ନ୍ୟୁଜ୍"ର ସଂପାଦିକା ତନୟା ପଟ୍ଟନାୟକ ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀ ଓ ଅନୁଷ୍ଠାନଙ୍କୁ ସଂବର୍ଦ୍ଧିତ କରାଯାଇଥିଲା।

# ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ



**ଭୁବନେଶ୍ୱର ୧୧।୦୫ ନ୍ୟୁଜ ବ୍ୟୁରୋ**

ଝାରପଡ଼ା ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ କଏଦୀଙ୍କ ମୃତ ହୋଇଛି। ମୃତ କଏଦୀଙ୍କ ନାମ ହେଉଛି ମୋହନ ବେହେରା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ଗତ ୮ ତାରିଖରେ ନିଶା କାରବାର ଘଟଣାରେ ଜଟଣୀ ଥାନା ପୋଲିସ ମୋହନ ବେହେରାଙ୍କୁ ଗିରଫ କରିଥିଲା । ଦେଶୀ ମଦ ବିକ୍ରି କରୁଥିବା ନେଇ ଜଟଣୀ ଥାନା ପୋଲିସ ମୋହନଙ୍କୁ ଗିରଫ କରିଥିଲା । ଏହାପରେ ତାଙ୍କୁ ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା । ମୋହନଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଏହାପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

# କାର୍‌କୁ ଧକ୍କା ଦେଲା ଗ୍ୟାସ ବୋଝେଇ ଟ୍ରକ: ମା' ମୃତ, ପୁଅ ଓ ନାତୁଣୀ ଗୁରୁତର

**ଠାକୁରମୁଣ୍ଡା, ୧୧/୦୫ ନ୍ୟୁଜ ବ୍ୟୁରୋ**

ମର୍ମନ୍ତୁଦ ସଡକ ଦୁର୍ଘଟଣା, କାର୍ କୁ ଧକ୍କା ଦେଲା ଗ୍ୟାସ ବୋଝେଇ ଟ୍ରକ୍। ମା' ମୃତ, ପୁଅ ଓ ନାତୁଣୀ ଗୁରୁତର ହୋଇଥିବା ବେଳେ ବୋହୂ ଓ ଝିଅ ଆହତ ହୋଇଛନ୍ତି । ଏପରି ଦୁର୍ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ୫୩ ନଂ ରାଜ୍ୟ ରାଜପଥ ସାତକୋଶିଆ ବାହାଘର ବାଙ୍କ ନିକଟରେ। ହେଲେ ଦେଢବର୍ଷର ନାତୀ ଅଳ୍ପକେ ବର୍ତ୍ତି ଯାଇଛି । ସୂଚନାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଶାଳପଡା ଗାଁର ରବିନାରାୟଣ ମହାପତ୍ର (୩୦)ଙ୍କ ପରିବାର ଲୋକେ । ମା' ଜ୍ୟୋସ୍ନାରାଣୀ ମହାପାତ୍ର (୬୨)ଙ୍କୁ ସାଙ୍ଗରେ ଧରି ଏକ କାର୍ ଯୋଗେ ମୟୁରଭଞ୍ଜ ଜିଲ୍ଲା କେନ୍ଦୁଜିଆଣୀର ଜଣେ ଆୟୁର୍ବେଦ ଚିକିତ୍ସକଙ୍କୁ ଦେଖାଇବାକୁ ଯାଉଥିଲେ । ତାଙ୍କ ସାଙ୍ଗରେ ଥିଲେ ପତ୍ନୀଙ୍କ ସହ ଦେଢବର୍ଷର ପୁଅ , ଭଉଣୀ ବିଶ୍ୱବିଜୟନୀ ଓ ଭାଣିଜି ରଶ୍ମିତା । ଆନନ୍ଦପୁର – ଠାକୁରମୁଣ୍ଡା ରାସ୍ତାର ଗୋଡଭଙ୍ଗ ଘାଟି ଅତିକ୍ରମ କରିବାପରେ ବାହାଘର ବାଙ୍କ ସାମ୍ନା ପଟୁ ଆସୁଥିବା ଏକ ଗ୍ୟାସ୍ ବୋଝେଇ ମିନିଟ୍ରକ୍ ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମା'ଙ୍କର ମୃତ୍ୟୁ ଘଟିଛି । ଗାଡିରେ ଥିବା ଅନ୍ୟମାନଙ୍କ ମଧ୍ୟରୁ ରବି ନାରାୟଣ ଓ ଭାଣିଜି ରଶ୍ମିତା ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ଦୁର୍ଘଟଣାର ସୂଚନା ପାଇ ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର ପରେ ମେଡିକାଲ ପଠାଇଥିଲା। ସୂଚନାପାଇ ମହୁଲଡିହା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି । ଏ ଖବର ଶାଳପଡା ଗାଁ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।

# ମହାପ୍ରଭୁଙ୍କ ଦର୍ଶନ ସହିତ ଆଶିଷ ଲାଭ କଲେ ପ୍ରହ୍ଲାଦ ଦାମୋଦରଦାସ ମୋଦି

**ପୁରୀ ୧୧।୫ ନ୍ୟୁଜ ବ୍ୟୁରୋ**

ପୁରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଇ ତଥା ସର୍ବଭାରତୀୟ ଡିଲର ମହସଂଘର ଉପସଭାପତି ପ୍ରହ୍ଲାଦ ଦାମୋଦରଦାସ ମୋଦି । ମହାପ୍ରଭୁଙ୍କ ଦର୍ଶନ ସହିତ ଆଶିଷ ଲାଭ କରିବା ପାଇଁ ପୁରୀ ଆସିଛନ୍ତି ପ୍ରହ୍ଲାଦ । ଶ୍ରୀମନ୍ଦିର ଯାଇ ସେ ମହାପ୍ରଭୁଙ୍କ ଦର୍ଶନ ସହିତ ଆଶିଷ ଲାଭ କରିଛନ୍ତି । ଦେଶର ମଙ୍ଗଳ କାମନା ନେଇ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି । ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖି ସେ କହିଛନ୍ତି, କେନ୍ଦ୍ର ସରକାର ଏହା ଉପରେ ସମସ୍ତ ନିଷ୍ପତ୍ତି ନେଉଛନ୍ତି । ତେବେ ଭାରତୀୟ ସୈନିକମାନେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେଇଛନ୍ତି। ଆତଙ୍କବାଦୀମାନଙ୍କୁ କେବେ ହେଲେ ପ୍ରଶ୍ରୟ ଦିଆଯିବ ନାହିଁ । ଭାରତୀୟ ସେନାମାନେ ଆତଙ୍କବାଦୀଙ୍କୁ ଉଚିତ୍ ଶିକ୍ଷା ଦେବେ ବୋଲି ସେ ଆଶା ରଖିଛନ୍ତି ।

# ଦ୍ରୁତଗତି ମହାବିପତ୍ତି: ମୁହାଁମୁହିଁ ବାଇକ୍ ଦୁର୍ଘଟଣାରେ ୨ ମୃତ

**ଡାବୁଗାଁ, ୧୧/୦୨ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ମାନିଗାଁ ସଦର ଏଏନ୍ଏମ୍ ସେଣ୍ଟର ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହି ଧକ୍କା ହୋଇଛି। ଏଥିରେ ଦୁଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ବିହାର ଶମ୍ଭୁ ରାୟ (୫୫) ଓ ମଇଦାଲପୁର ଥାନା ଅନ୍ତର୍ଗତ ମେରି ଗ୍ରାମର ଦେବେନ୍ଦ୍ର ନାୟକ (୨୮)। ସୂଚନା ଅନୁଯାଇ ଡାବୁଗାଁ ନିକଟ ବୋରିପଦର ଦେଶୀ ମଦଭାଟିରେ କାର୍ଯ୍ୟ କରୁଥିବା କର୍ମଚାରୀ ଶମ୍ଭୁ ରାୟ ରବିବାର ପୂର୍ବାହ୍ନ ୧୦. ୩୦ରେ କୌଣସି କାର୍ଯ୍ୟରେ ଏକ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ମଇଦଲପୁର ଥାନା ଅନ୍ତର୍ଗତ ମେରି ଗାଁର ଦେବେନ୍ଦ୍ର ନାୟକ ତାଙ୍କ ଗ୍ରାମରୁ ଏକ ବାଇକ୍ ଯୋଗେ ଡାବୁଗାଁ ବ୍ଲକ ପାଖରେ ଥିବା ଖୁଟୁବାଇ ତାଙ୍କ ଶ୍ୱଶୁର ଘର ଗ୍ରାମ ଅଭିମୁଖେ ଆସୁଥିବା ବେଳେ ସେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## ବାର୍ ସିକ୍ୟୁରିଟି ଗାର୍ଡ଼ଙ୍କୁ ଗୁଳିମାଡ଼ ଘଟଣା

# ବାର୍ ବନ୍ଦ ପରେ ଖୋଲିବାକୁ କରିଥିଲେ ବାଧ : କମିଶନର




**ଭୁବନେଶ୍ୱର,୧୧/୫ ନ୍ୟୁଜ ବ୍ୟୁରୋ**

ବାର୍ ସିକ୍ୟୁରିଟି ଗାର୍ଡ଼ଙ୍କୁ ଗୁଳିମାଡ଼ ଘଟଣାରେ ୧୧ଜଣଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ । ବାର୍ ବନ୍ଦ ପରେ ମଧ ଖୋଲିବାକୁ କରିଥିଲେ ବାଧ। ବାର୍ ନ ଖୋଲିବାରୁ କଲେ ଗୁଳିମାଡ଼। ମାଷ୍ଟର ମାଇଣ୍ଡ ଶିବ ପାତ୍ର ସହ ଏକାଧିକ ଫେରାର ହୋଇଛନ୍ତି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ଏକ ବାର୍‌ରେ ସିକ୍ୟୁରିଟି ଗାର୍ଡ଼ଙ୍କୁ ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ । ଏହି ଘଟଣାରେ ୧୧ଜଣଙ୍କୁ ଗିରଫ କରିଛି ପୋଲିସ । ହେଲେ ଖସି ଯାଇଛି ଗୁଳିକାଣ୍ଡର ମାଷ୍ଟର ମାଇଣ୍ଡ ଶିବ ପାତ୍ର। ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଡମଣାରେ ଥିବା ବାର୍ ଭିତରେ ପଶିଥିଲେ ଶିବ ଓ ତା'ର ଗ୍ୟାଙ୍ଗ। ରାତି ୨ଟାରେ ବାର୍ ବନ୍ଦ କରିବାକୁ ସିକ୍ୟୁରିଟି ଗାର୍ଡ଼ଙ୍କୁ କହିବାରୁ ବଚସା ହୋଇଥିଲା। ଯାହାକୁ ନେଇ ବାର୍ ତଳେ ସିକ୍ୟୁରିଟି ଗାର୍ଡ଼କୁ ୫ ରାଉଣ୍ଡ ଗୁଳି ଚଳାଇଥିଲେ।
ଫଳରେ ସିକ୍ୟୁରିଟି ଗାର୍ଡର ଗୋଡ଼ରେ ଗୁଳି ବାଜିଥିଲା। ଏ ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେପଟେ ବାର୍ ଉପରେ ଅବକାରୀ ବିଭାଗ ଚଢ଼ଉ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲିବା ଅଭିଯୋଗରେ ବାର୍ ସିଲ୍ କରିଥିଲା।

## ଆସନ୍ତା ସପ୍ତାହରେ ଯୁକ୍ତ ଦୁଇ ରେଜଲ୍ଟ

# ସିବିଏସ୍‌ଇ ଦଶମ, ଦ୍ୱାଦଶ ଫଳ ବି ପ୍ରକାଶ ପାଇବ

**ଭୁବନେଶ୍ୱର,୧୧/୦୫ ନ୍ୟୁଜ ବ୍ୟୁରୋ**

ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ) ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ । ଫଳ ପ୍ରକାଶ ପାଇଁ ସମସ୍ତ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ୧୫ରେ ଫଳ ପ୍ରକାଶ ନେଇ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିରେ ସାମାନ୍ୟ ବିଳମ୍ବ ହୋଇପାରେ । ଏକକାଳୀନ ଭାବେ ସମସ୍ତ ଷ୍ଟ୍ରିମ୍‌ର ରେଜଲ୍ଟ ପ୍ରକାଶ ପାଇବ । ଆସନ୍ତା ୭ରୁ ୮ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ କରାଯିବ ବୋଲି ସିଏଚ୍ଏସ୍‌ଇ ପକ୍ଷରୁ ସୂଚନା ମିଳିଛି ।
ସେହିପରି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ



ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଧ୍ୟ ଆସନ୍ତା ସପ୍ତାହରେ ପ୍ରକାଶ ପାଇବାର ସମ୍ଭାବନା ରହିଛି । ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ଆସନ୍ତା ସପ୍ତାହରେ ହିଁ ରେଜଲ୍ଟ ପ୍ରକାଶ ପାଇବ । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୮ରେ ଯୁକ୍ତ ଦୁଇ ପରୀକ୍ଷା ଶେଷ ହୋଇଛି । ଏଥିରେ ରାଜ୍ୟର ୩ ଲକ୍ଷ ୯୩ ହଜାର ୬୧୮ ଜଣ ପିଲା ପରୀକ୍ଷା ଦେଇଛନ୍ତି। ଏପ୍ରିଲ୍ ୨ ତାରିଖରୁ ଖାତା ଦେଖା ଆରମ୍ଭ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହୋଇଛି । ଖାତା ଦେଖା ଶେଷ ହୋଇଥିବା ବେଳେ ରେଜଲ୍ଟ ପ୍ରକାଶ ପାଇଁ ଥିବା ଆନୁସଙ୍ଗିକ ସମସ୍ତ କାର୍ଯ୍ୟ ଆସନ୍ତା ୩ ଦିନ ମଧ୍ୟରେ ଶେଷ ହେବ । ତା'ପରେ ରେଜଲ୍ଟ ପ୍ରକାଶ ପାଇବ । ଅର୍ଥାତ୍ ୭ରୁ ୮ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ସିବିଏସ୍‌ଇ ରେଜଲ୍ଟ ଗତବର୍ଷ ମେ' ୧୩ ତାରିଖରେ ପ୍ରକାଶ ପାଇଥିଲା । ଚଳିତବର୍ଷର ଫଳ ଆସନ୍ତା ସପ୍ତାହ ମଧ୍ୟରେ ପ୍ରକାଶ ପାଇବ ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

# ଭାରତ-ପାକିସ୍ତାନ ଯୁଦ୍ଧରେ ମାଡ଼ ଖାଇଲା ପର୍ଯ୍ୟଟନ

**ଭୁବନେଶ୍ୱର,୧୧/୦୫ ନ୍ୟୁଜ ବ୍ୟୁରୋ**

ସ୍କୁଲ, କଲେଜ ଛୁଟି । ଜମିଥାଆନ୍ତା ପରିବାର ସହ ବୁଲାବୁଲି । କିଏ ପଶ୍ଚିମବଙ୍ଗରୁ, କିଏ ମହାରାଷ୍ଟ୍ର ଓ ଆଉ କିଏ ଗୁଜରାଟରୁ ଆସି ଥାଆନ୍ତେ ଭୁବନେଶ୍ୱର, ପୁରୀ, ଗୋପାଳପୁର । ବିମାନ ସହ ହୋଟେଲ ଟିକଟ ବୁକିଂ ସରିଥିଲା । ଏତିକିବେଳେ ମାଡ଼ି ଆସିଲା ଯୁଦ୍ଧ ଭୟ । ଭାରତ-ପାକିସ୍ତାନ ସଂଘର୍ଷ ଭିତରେ ଚାଲିଲା ମିସାଇଲ ବର୍ଷା। ଦେଶର ଅନେକ ବିମାନବନ୍ଦରକୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରାଗଲା । କିଛି ବିମାନ ଟିକେଟ୍ ଆପ ବାତିଲ ହେଲା। ବାକି ନିଜ ଆଡୁ ବିମାନ, ଟ୍ରେନ ଓ ହୋଟେଲ ଟିକଟ ବାତିଲ କରିଦେଲେ ଭୟରେ ଯାତ୍ରୀ। ଆଗାମୀ ୭ ଦିନ ପାଇଁ ଓଡ଼ିଶାକୁ ରାଜ୍ୟ ବାହାରୁ କରାଯାଇଥିବା ସମସ୍ତ ପର୍ଯ୍ୟଟକଙ୍କ ଟିକେଟ ବୁକିଂ ବାତିଲ୍ ହୋଇଛି । ଯୁଦ୍ଧ ଆତଙ୍କ ଭିତରେ ମାଡ଼ ଖାଇଛି ପର୍ଯ୍ୟଟନ । କେବଳ ଓଡ଼ିଶା



ନୁହେଁ, ସାରା ଦେଶରେ ଗୁରୁତର ଭାବେ ପ୍ରଭାବିତ ହୋଇଛି ପର୍ଯ୍ୟଟନ। ସ୍ଥିତି ଏମିତି, ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା ପରେ ବି ପର୍ଯ୍ୟଟନ ପୁଣି ଥରେ ଟ୍ରାକ୍‌କୁ ଫେରିବା ନେଇ ଅନିଶ୍ଚିତତା ରହିଛି । କଶ୍ମୀରରେ ଦୀର୍ଘବର୍ଷ ପରେ ସୁଧୁରି ଆସୁଥିଲା ପର୍ଯ୍ୟଟନ ଶିଳ୍ପ । ମାତ୍ର ପହଲଗାମ୍‌ରେ ଯେଉଁଭଳି ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ନିର୍ମମ ଭାବେ ହତ୍ୟା କଲେ, ପୂରା କଶ୍ମୀରରେ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା ପର୍ଯ୍ୟଟନ । ଏହାର ପ୍ରଭାବ ସାରା ଦେଶରେ ପଡ଼ିବା ଆରମ୍ଭ କଲା । ବିଦେଶୀ ପର୍ଯ୍ୟଟକଙ୍କ ଭାରତ ଆଗମନ କମିଲା । ଏପଟେ ଯୁଦ୍ଧ ଭୟ ବଢ଼ିବା ପରେ ଦେଶୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବି ହ୍ରାସ ପାଇଛି । ଓଡ଼ିଶାର ପୁରୀ, କୋଣାର୍କ, ଗୋପାଳପୁର, ଚିଲିକା, ଭୁବନେଶ୍ୱର, ଚାନ୍ଦିପୁର, କୋରାପୁଟ ଆଦି ପର୍ଯ୍ୟଟନସ୍ଥଳ ବର୍ଷତମାମ ପର୍ଯ୍ୟଟକଙ୍କ ପସନ୍ଦର ସ୍ଥାନ ହୋଇଥାଏ । ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର ଓ ଗୁଜରାଟରୁ ବହୁ ପର୍ଯ୍ୟଟକ ଓଡ଼ିଶାକୁ ଆସିଥାନ୍ତି । ଏବେ ପିଲାଙ୍କ ଖରା ଛୁଟି ଚାଲିଥିବାରୁ ବହୁ ଲୋକେ ପରିବାର ସହ ଓଡ଼ିଶା ବୁଲିବା ପାଇଁ ଯୋଜନା କରିଥିଲେ । ମାତ୍ର ଦେଶରେ ଉତ୍ତେଜନାମୂଳକ ସ୍ଥିତି ଯୋଗୁ ଅଚାନକ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି । ଓଡ଼ିଶା ହୋଟେଲ ଓ ରେଷ୍ଟୋରାଁ ଆସୋସିଏସନ ଚେୟାରମ୍ୟାନ ଜେ.କେ.ମହାନ୍ତିଙ୍କ କହିବାନୁସାରେ ପର୍ଯ୍ୟଟନକୁ ବହୁତ ବଡ଼ କ୍ଷତି ପହଞ୍ଚିଛି । ଦେଶର ୨୪ଟି ବିମାନବନ୍ଦର ବନ୍ଦ ଘୋଷଣା ହେବା ପରେ କେହି ନିଜ ଘର ଛାଡ଼ି ବାହାରକୁ ବୁଲିବାକୁ ଆସୁନାହାନ୍ତି । ଆସନ୍ତା ୭ ଦିନ ପାଇଁ ଓଡ଼ିଶାକୁ ଥିବା ସମସ୍ତ ପର୍ଯ୍ୟଟକଙ୍କ ବୁକିଂ ବାତିଲ କରାଯାଇଛି। କେବଳ ବୁଲାବୁଲି ନୁହେଁ, ବହୁ ସଂସ୍ଥା ଭୁବନେଶ୍ୱର, ପୁରୀ, ଗୋପାଳପୁର, ପାରାଦୀପରେ ବିଭିନ୍ନ ସମ୍ମିଳନୀ ପାଇଁ ଆସନ୍ତି, ତାହା ମଧ୍ୟ ବାତିଲ ହୋଇଛି । ମଧ୍ୟବିତ୍ତ ପରିବାର ଲୋକେ ବହୁ କଷ୍ଟରେ ବର୍ଷ ତମାମ ଅର୍ଥ ସଞ୍ଚୟ କରି ବାହାରକୁ ବୁଲି ଯିବାକୁ ଯୋଜନା କରିଥାନ୍ତି । ଥରେ ଟିକେଟ ବାତିଲ୍ ପରେ ପୁଣି ତତ୍କାଳ ଆସିବା ସମ୍ଭାବନା କମ୍ । ପର୍ଯ୍ୟଟନକୁ ଯେଉଁ କ୍ଷତି ପହଞ୍ଚିଛି, ତା'ର ପ୍ରଭାବ କେତେ ଦିନ ପର୍ଯ୍ୟନ୍ତ ରହିବ, ଏବେଠାରୁ ଆକଳନ ସହଜ ନୁହେଁ । କ୍ରାଉନ ହୋଟେଲର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ପଟ୍ଟନାୟକ କହିଛନ୍ତି, ସାରା ଦେଶରେ ପର୍ଯ୍ୟଟନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହାର ପ୍ରଭାବ କେବଳ ହୋଟେଲ ବ୍ୟବସାୟ ନୁହେଁ, ଟୁର ଅପରେଟର, ଗାଇଡ୍, ହସ୍ତଶିଳ୍ପ ଓ ବୟନ କ୍ଷେତ୍ର ସମେତ ସ୍ଥାନୀୟ ବ୍ୟବସାୟୀଙ୍କ ଉପରେ ପଡ଼ିବ । ଓଡ଼ିଶାକୁ ଖରାଦିନେ ରାଜ୍ୟ ବାହାରୁ ଯେତିକି ପର୍ଯ୍ୟଟକ ଆସନ୍ତି, ସେଥିରୁ ୧୨ରୁ ୧୫% ପର୍ଯ୍ୟଟକଙ୍କ ଆଗମନ କମିଛି । ଦେଶରେ ପର୍ଯ୍ୟଟନ ଶିଳ୍ପକୁ ପୁଣି ସ୍ୱାଭାବିକ ହେବା ନେଇ ସରକାରଙ୍କୁ ଠୋସ୍ ପଦକ୍ଷେପ ନେବାକୁ ପଡ଼ିବ ।

# ଭାରତ ପାକ୍ ଯୁଦ୍ଧରେ ଲାଗିଛି ଅସ୍ତ୍ରବିରତି : ଦେଶର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଆଯିବ ତାଲିମ

**ଭୁବନେଶ୍ୱର, ୧୧।୫ ନ୍ୟୁଜ ବ୍ୟୁରୋ**

ଦେଶର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯିବ । ବାହ୍ୟ ଶକ୍ତି କିମ୍ବା ଆନ୍ତଃ ଶକ୍ତି ମୁକାବିଲା ପାଇଁ ଏହି ପ୍ରଶିକ୍ଷଣ ଦିଆଯିବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯିବ । କାରଣ ସାମରିକ, ଅର୍ଦ୍ଧସାମରିକ, ପୋଲିସ ସେବାରେ ନିୟୋଜନ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରାଯିବ । ଛାତ୍ରଛାତ୍ରୀଙ୍କ ଭିତରେ ଦେଶ ସେବା ପାଇଁ ଆଗ୍ରହ ଅଛି । ଏବେ ସେହି ସୁଯୋଗ ସୃଷ୍ଟି କରାଯିବ, ଯାହା ଆଗରୁ ସୃଷ୍ଟି ହୋଇନଥିଲା । ନୂଆ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍‌ରେ ଏଥିପାଇଁ ଏକ ସ୍ୱତନ୍ତ୍ର କ୍ଲଜ୍ ଅଛି । ଭାରତ ପାକ୍



ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଥିବା ବେଳେ ଏବେ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଛି । ଓଡ଼ିଶାର ପିଲାମାନଙ୍କୁ ଏଭଳି ଯୁଦ୍ଧର ମୁକାବିଲା ପାଇଁ ତାଲିମ ଦିଆଯିବା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।
ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ କୌଶଳର ତାଲିମ ଦିଆଯିବା ସହ ସେମାନଙ୍କୁ ସାମରିକ କିମ୍ବା ଅର୍ଦ୍ଧ ସାମରିକ ବାହିନୀରେ କିଭଳି ସାମିଲ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଅନେକ ସର୍ବଦଳୀୟ ବୈଠକ ଡକାଯାଇଛି। ସମସ୍ତେ ଦେଶ ପାଇଁ ଏକ ହୋଇଛନ୍ତି । ସମସ୍ତଙ୍କୁ ନେଇ ସିଜ୍‌ଫାୟାର ନିଷ୍ପତ୍ତି ନିଆଯାଇଛି। ସବୁ ନିଷ୍ପତ୍ତିର କ୍ଷମତା ସେନାକୁ ଦିଆଯାଇଛି ବୋଲି କହିଛନ୍ତି ମନ୍ତ୍ରୀ।